R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୮୫
ତିଥି : ଅଷ୍ଟମୀ
୧୦ ଏପ୍ରିଲ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 185
10 April 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ଲେବାନନ ଉପରେ ଆକ୍ରମଣ, ୨୦୩ ମୃତ

- ଯୁଦ୍ଧ ବିରତି ସତ୍ତ୍ୱେ ଇସ୍ରାଏଲ ଜାରି ରଖିଛି ଆକ୍ରମଣ
- ଆକ୍ରମଣ ବନ୍ଦ ନହେଲେ ବୁଝାମଣା ଅର୍ଥହୀନ : ଇରାନ
- ଆଜି ଇସ୍‌ଲାମାବାଦରେ ଆମେରିକା-ଇରାନ ଆଲୋଚନା



ନୂଆଦିଲ୍ଲୀ, ୯ ।୪ : ଦୁଇ ସପ୍ତାହର ଯୁଦ୍ଧବିରତି ସତ୍ତ୍ୱେ ଲେବାନନ ଉପରେ ଇସ୍ରାଏଲର ଆକ୍ରମଣ ଯୋଗୁ ୨୦୩ ଲୋକଙ୍କର ଜୀବନ ହାନି ଘଟିଛି। ଇରାନ ସମର୍ଥିତ ହେଜେବୁଲ୍ଲା ଇସ୍ରାଏଲ ଉପରେ ମଧ୍ୟ ଆକ୍ରମଣ କରିଛି। ତେବେ ଲେବାନନ ଉପରେ ଯୁଦ୍ଧ ବିରତି ଉଲ୍ଲଂଘନ କରାଯାଇ ଆକ୍ରମଣ କରାଯାଉଛି। ଏଭଳି ଆକ୍ରମଣ ହେଲେ ଇରାନ ରାଷ୍ଟ୍ରପତି କହିଛନ୍ତି ଯେ ବୁଝାମଣା ଅର୍ଥହୀନ ହୋଇପଡ଼ିବ। ଲେବାନନ ଉପରେ ଆକ୍ରମଣକୁ ଫ୍ରାନ୍ସ, ବ୍ରିଟେନ୍ ଓ ଚୀନ୍ ନିନ୍ଦା କରିଛନ୍ତି। ଇସ୍ରାଏଲର ଏହି ପଦକ୍ଷେପକୁ ସେମାନେ ଗ୍ରହଣ କରିପାରୁନାହାନ୍ତି।

ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଦୁଇ ସପ୍ତାହ ଅସ୍ତ୍ରବିରତି ମଧ୍ୟରେ ଲେବାନନ ଥିଲା। ଆମେରିକା ଓ ଇସ୍ରାଏଲ ମଧ୍ୟରେ କ'ଣ ବିବାଦ ହୋଇଛି ସେଥିଲାଗି ପୁଣି ଆକ୍ରମଣ ହେଉଛି। ଯୁଦ୍ଧ ବିରତି ସମୟରେ ଆକ୍ରମଣ ଗ୍ରହଣଯୋଗ୍ୟ ନୁହେଁ। ବୁଧବାର ଲେବାନନ ଉପରେ ହୋଇଥିବା ଆକ୍ରମଣ ଯୋଗୁ ୨୦୩ ଜଣଙ୍କର ଜୀବନ ଯାଇଛି। ହେଜେବୁଲ୍ଲା ମଧ୍ୟ ଇସ୍ରାଏଲ ଆଡକୁ ରକେଟ ମାଡ କରିଛି। ତେବେ ଇରାନର ହସ୍ତକ୍ଷେପ ପରେ ସେମାନେ ବନ୍ଦ (୯ ପୃଷ୍ଠାରେ)

# ଆସାମ, କେରଳ, ପୁଡୁଚେରୀରେ ମତଦାନ ଶେଷ



ନୂଆଦିଲ୍ଲୀ, ୯ ।୪ : ଆସାମ, କେରଳ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ଲାଗି ଭୋଟ୍ ଗ୍ରହଣ ଶେଷ ହୋଇଛି। ପୁଡୁଚେରୀରେ ସର୍ବାଧିକ ୮୯.୦୮% ମତଦାନ ହୋଇଥିବାବେଳେ ଆସାମରେ ୮୫.୦୪% ଓ କେରଳରେ ୭୭.୩୮% ମତଦାନ ହୋଇଛି।

**ପୁଡୁଚେରୀରେ ୮୯.୦୮%**
**ଆସାମରେ ୮୫.୦୪%**
**କେରଳରେ ୭୭.୩୮%**

ଆସାମରେ ସନ୍ଧ୍ୟା ୬ଟା ପରେ ମଧ୍ୟ ୧୨୬ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣ ହୋଇଥିଲା। ପ୍ରାୟ ୮୫.୦୪% ମତଦାନ ହୋଇଥିଲା। ୨୦୨୧ରେ ୮୨.୦୪% ମତଦାନ ହୋଇଥିଲା। ଏଥର ମତଦାନ ହାର ବଢ଼ିଛି। ସେଠାରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ତୃତୀୟ ଥର କ୍ଷମତାକୁ ଆସିବା ଲାଗି ଆଶା ରଖିଛି। କଂଗ୍ରେସ ମଧ୍ୟ ସେଠାରେ ଏନ୍‌ଡିଏକୁ କଡା ଟକ୍କର ଦେଉଛି। ଏକ ଦଶନ୍ଧି ପରେ କଂଗ୍ରେସ ମଧ୍ୟ ସେଠାରେ କ୍ଷମତାକୁ ଫେରିବା ଲାଗି ଆଶା ବାନ୍ଧିଛି। ଡାଲଗୋଓଁରେ ସର୍ବାଧିକ ୯୪.୫୭% ଭୋଟ୍ ହୋଇଥିବାବେଳେ ଆମ୍‌ରିରେ ୭୦.୪୦% ସର୍ବାନିମ୍ନ ଭୋଟ୍ ହୋଇଛି। ଗୋଟିଏ ପର୍ଯ୍ୟାୟରେ ହେଉଥିବା ନିର୍ବାଚନରେ ୭୨୨ ପ୍ରାର୍ଥୀ ରହିଛନ୍ତି। ୩୫ ଜିଲ୍ଲାର ୩୧ ହଜାର ୪୯୦ ପୋଲିଂ ବୁଥ୍‌ରେ ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି କେରଳର ୧୪୦ ବିଧାନସଭା ଆସନ ଲାଗି ଗୋଟିଏ ପର୍ଯ୍ୟାୟରେ ମତଦାନ ହୋଇଛି। ୨୦୨୧ରେ ୭୪.୦୬% ମତଦାନ ହୋଇଥିବାବେଳେ ଏଥର ସନ୍ଧ୍ୟା ୬ଟା ସୁଦ୍ଧା ୭୭.୩୮% ଭୋଟ୍ ହୋଇଛି। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ୩୦ ବିଧାନସଭା ଲାଗି ମତଦାନ ହୋଇଛି। ଏଠାରେ ମତଦାନ ହାର ସର୍ବାଧିକ ୮୯% ରହିଛି। ଏଥିରେ ଏନ୍‌ଡିଏ ପୁଣି କ୍ଷମତା ବଜାୟ ରଖିବ ବୋଲି ଆଶା ରଖିଛି।

# ହରମୁଜ୍ ପ୍ରଣାଳୀ ଦେଇ ଦୈନିକ ଆସିବ ୧୫ ଜାହାଜ

ନୂଆଦିଲ୍ଲୀ, ୯ ।୪ : ଯୁଦ୍ଧ ବିରତି ସର୍ତ୍ତଭିତ୍ତିକ ହରମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳର ସ୍ଥିତି ଯୁଦ୍ଧ ପୂର୍ବ ଅବସ୍ଥାକୁ ଫେରିବାକୁ ସମୟ ଲାଗିବ। ଅତିବେଶିରେ ହରମୁଜ୍ ଦେଇ ଦିନକୁ ୧୫ଟି ଜାହାଜ ଯାଇପାରିବ। ସେହି ଜାହାଜଗୁଡ଼ିକ ବିଶ୍ୱର ଏହି ପ୍ରମୁଖ ଜଳମାର୍ଗ ଅତିକ୍ରମ କରିବାକୁ ଇରାନୀୟ ସେନାର ଅନୁମତି ଆବଶ୍ୟକ।

ଇସ୍‌ଲାମାବାଦରେ ଆସନ୍ତାକାଲି ଶାନ୍ତି ଆଲୋଚନା ହେବ। ଏଥିଲାଗି ଇରାନୀୟ ଅଧିକାରୀମାନଙ୍କ ନାମ ଚୂଡାନ୍ତ ହୋଇଛି। ହରମୁଜ୍ ପ୍ରଣାଳୀ ଦେଇ ଯେଉଁ ଜାହାଜ ଆସିବ ଆଇଆରଜିସି ନିୟମାବଳୀ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ। ଆଞ୍ଚଳିକ ପକ୍ଷଗୁଡ଼ିକୁ ଆନୁଷ୍ଠାନିକ ଭାବେ ଜଣାଇ ଦିଆଯାଇଛି। ଇରାନ ମଧ୍ୟ ଆଉ ଏକ ସର୍ତ୍ତ ଆରୋପ କରିଛି। ଷ୍ଟେଟ୍‌ଅଫ୍ ହରମୁଜ୍ ଦେଇ ଯେଉଁ ଜାହାଜ ଯିବ ପ୍ରତି ଜାହାଜ ୧୦ ଲକ୍ଷ ଡଲା ଦେବେ। ଯାହା ଇରାନକୁ ପୁଣି ମାଲେମାଲ କରିଦେବ ବୋଲି ସୂଚନା ମିଳିଛି। ଖୁବ୍‌ଶୀଘ୍ର ଏହି ଜଳପଥ ଦେଇ ଜାହାଜ ଚଳାଚଳ କରିବ ବୋଲି ସୂଚନା ମିଳିଛି। ହରମୁଜ୍ ପ୍ରଣାଳୀ ତଳେ ଇରାନ ମାଇନ୍ସ ବିଛାଇଛି।

# ଗାଁ ପୋଖରୀରେ ବୁଡ଼ିଗଲେ ୩ ଶିଶୁ କନ୍ୟା

ନବରଙ୍ଗପୁର, ୯ ।୪ (ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା କୁର୍ସୀ ଗାଁରେ ଗୁରୁବାର ଅଭାବନୀୟ ଅଘଟଣ ଘଟିଛି। ପରିବାର ଲୋକଙ୍କର ଅବହେଳା ଯୋଗୁଁ ଗାଁ ପୋଖରୀରେ ୩ଜଣ ନିଷ୍ପାପ ଶିଶୁକନ୍ୟାଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଭୂମିତା ଗଣ୍ଡ, ସନ୍ଧ୍ୟା ଗଣ୍ଡ ଓ ସଞ୍ଜିତା ଗଣ୍ଡ। ତିନିଜଣଙ୍କ ବୟସ ୫ ରୁ ୬ ବର୍ଷ ମଧ୍ୟରେ ହେବ ବୋଲି ପୁଲିସ କହିଛି।

ପୋଲିସର ସୂଚନା ଅନୁସାରେ କୁର୍ସୀଗାଁର ରାଜମନ ଗଣ୍ଡଙ୍କ ଦୁଇ ଝିଅ ସନ୍ଧ୍ୟା ଏବଂ ସଂଜିତାଙ୍କ ସହିତ ବାଲସାଇ ଗଣ୍ଡଙ୍କର ଝିଅ ଭୂମିତା ସକାଳୁ ପାଠ ପଢ଼ିବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇଥିଲେ। ଅଙ୍ଗନବାଡ଼ି ଛୁଟି ହେଲା ପରେ ସମସ୍ତେ ଘରକୁ ଫେରିଥିଲେ। ପରିବାର ଲୋକଙ୍କର ଅଜାଣତରେ ସନ୍ଧ୍ୟା, ସଂଜିତା ଏବଂ ଭୂମିତା ଘରୁ ବାହାରକୁ ଯାଇଥିଲେ। ଖେଳି ଖେଳି ଗାଁ ପୋଖରୀ ନିକଟକୁ ପହଞ୍ଚି ଯାଇଥିଲେ ଏବଂ ଗାଧୋଇବାକୁ ପାଣିରେ ପଶିଥିଲେ। ଗଭୀରତା ସମ୍ପର୍କରେ ନିଷ୍ପାପ ଶିଶୁମାନଙ୍କର ଧାରଣା ନଥିବାରୁ ଗଭୀର ପାଣି ଭିତରେ ପଶି ଯାଇଥିଲେ। ଯେଉଁଠାରୁ ସେମାନେ ଆଉ ବାହାରି ପାରି ନଥିଲେ। (୯ପୃଷ୍ଠାରେ)

## ଓପିଟିସିଏଲ୍‌ର ୩ ଗ୍ରୀଡ୍ ସବ୍‌ଷ୍ଟେସନ ଉଦ୍‌ଘାଟିତ

# ବର୍ଷକରେ ୬୦୦ କୋଟିରେ ୩ ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ



ଭୁବନେଶ୍ୱର, ୯ ।୪ (ସବ୍ୟୁ) : ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାଲିଅନ୍ତା ଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍‌ସମିସନ ଲାଇନ୍ ଉଦ୍‌ଘାଟନ କରିଛନ୍ତି।

ସୂଚନାଯୋଗ୍ୟ ଯେ ପ୍ରାୟ ୬୦୦ କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ- ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡିକାଲରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହା ସହିତ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ ଉତ୍ସ ସହିତ ସଂଯୋଗ ମଧ୍ୟ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁ ଏ ଗୁଡିକର କାର୍ଯ୍ୟ

### ରାଜଧାନୀରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ : ମୁଖ୍ୟମନ୍ତ୍ରୀ

ଆରମ୍ଭ ହୋଇପାରୁ ନଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କଲାପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା। ମାତ୍ର ୧ ବର୍ଷ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରୁ ନୟାପଲ୍ଲୀ ଗ୍ରୀଡ ଗତବର୍ଷ ଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀ ବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଯେଉଁଠି ଦୃଢ଼ ଇଚ୍ଛାଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ'।

ସେଥିପାଇଁ ଆମେ ମାତ୍ର ୧ ବର୍ଷ ଭିତରେ ୪ଟି ଗ୍ରୀଡ ସବ୍-ଷ୍ଟେସନ କାମ ସମ୍ପୂର୍ଣ୍ଣ କରିପାରିଲୁ। ଭୁବନେଶ୍ୱରର ବିଦ୍ୟୁତ ଶକ୍ତି ଚାହିଦା (୯ ପୃଷ୍ଠାରେ)

## ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ଜବରଦଖଲ ମାମଲା

# ଗଡୁଛି ମାମଲା, ବଢୁଛି ଜବରଦଖଲ



ଭୁବନେଶ୍ୱର, ୯।୪(ସବ୍ୟୁ): ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଜମିଜମା ମାମଲା ବର୍ଷ ବର୍ଷ ଧରି ଅଦାଲତରେ ଗଡୁଛି। ହାଇକୋର୍ଟରେ ଏହାର ବିଚାର ବିଳମ୍ବ ହେଉଛି। ମନ୍ଦିର ପ୍ରଶାସନ ପକ୍ଷରୁ ନିଯୁକ୍ତ ଓକିଲ ସଠିକ ଢ଼ଙ୍ଗରେ ପରିଚାଳନା କରିପାରୁନଥିବା ଯୋଗୁଁ ଅଭିଯୋଗ ଆସୁଛି। ତାରିଖ ପଡୁନଥିବାରୁ ଠିକ୍ ସମୟରେ ଶୁଣାଣି ହୋଇପାରୁନାହିଁ। ଏହାର ୪ ତାରିଖ ପଡୁନଥିବାରୁ ଏହାର ଶୁଣାଣି ହୋଇପାରୁନାହିଁ। ଫଳରେ ଶ୍ରୀ ଲିଙ୍ଗରାଜଙ୍କ ସମ୍ପତ୍ତି ଜବରଦଖଲକାରୀଙ୍କ ହାତକୁ ଚାଲିଯାଉଛି। ଜବରଦଖଲକାରୀମାନେ ଜମିରୁ ବିପୁଳ ଆୟ କରୁଛନ୍ତି। ମନ୍ଦିର ପ୍ରଶାସନ ମାମଲା ପରିଚାଳନା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଥିଲେ ହେଁ ନ୍ୟାୟ ମିଳିପାରୁନାହିଁ। ହାଇକୋର୍ଟରୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁପଡୁଛି।

ଏବେ ଏକ ମାମଲା ସାମ୍ନାକୁ ଆସିଛି। ମନ୍ଦିର ପ୍ରଶାସନ ନିଜ ଆଡୁ ହାଇକୋର୍ଟରେ ଏକ ରିଟ ପିଟିସନରେ ଏକ ହସ୍ତକ୍ଷେପ କରିଥିଲେ। ରାଜାରାଣୀ ମୌଜାର ବିଦ୍ୟୁତ କୁମାର ରଥ ଲିଙ୍ଗରାଜଙ୍କ ନାଁରେ ଥିବା ସମ୍ପତ୍ତିକୁ ଦଖଲ କରିଥିଲେ। ବୋର୍ଡ ଅଫ୍ ରେଭିନ୍ୟୁରେ ୭୫୩/୨୦୧୩ରେ ଏକ ମାମଲା ଦାଏର ହୋଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ ଶାବକ ଖାତା ନମ୍ବର-୫୨, ପ୍ଲଟ ନମ୍ବର ୨୫୯୫ରେ ଏ ୩.୦୦୫ ଡିସିମିଲ ଜମିରୁ ଏ ୧.୭୭୬ ଡିସିମିଲ ଜମିକୁ ଉଦୟ ନାଥ ରଥେ ସନ୍ତାନମାନଙ୍କ ମଧ୍ୟରେ ରେଜିଷ୍ଟରେଡ୍ ପିଟିସନ୍ ଦଲିଲ୍ କରିଥିଲେ। ଅବଶିଷ୍ଟ ଏ ୧.୧୩୫ ଡିସିମିଲି ଜମି ଦୟା କେନାଲ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗ୍ରହଣ ହୋଇଥିଲା। ଅବଶିଷ୍ଟ ୦.୦୯୪ ଡିସିମିଲ ଜମିର ମାପଚୁପ କରି ଦାବି କରିଥିଲେ। ବୋର୍ଡ ଅଫ୍ ରେଭିନ୍ୟୁ ଦାୟାର ମାମଲାରେ ମିଳିତ ମାପଚୁପ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ତହସିଲଦାରଙ୍କ ତତ୍ତ୍ୱାବଧାନରେ ସେଟେଲେମେଣ୍ଟ (୯ ପୃଷ୍ଠାରେ)

# ମାଓବାଦୀ ପ୍ରଭାବିତ ଜିଲ୍ଲାରେ 'ଗ୍ରାମୋଦୟ' ଯୋଜନା

ଭୁବନେଶ୍ୱର, ୯ ।୪ (ସବ୍ୟୁ) : ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ୧୦ଟି ଜିଲ୍ଲା ଯଥା- ବରଗଡ଼, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ ରାୟଗଡ଼ାର ଜିଲ୍ଲାପାଳମାନଙ୍କୁ 'ଗ୍ରାମୋଦୟ' କାର୍ଯ୍ୟକ୍ରମକୁ ତ୍ୱରିତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ଯ ଯେ, ଗତ ୧୯ ମାର୍ଚ୍ଚ ୨୦୨୬ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକର ଆଲୋଚନା ଅନୁଯାୟୀ, 'ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ହେଉଛି ମାଓବାଦୀ ପ୍ରଭାବିତ ଗ୍ରାମଗୁଡ଼ିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧାସୁଯୋଗ ସୁଚାରୁରୂପେ ପହଞ୍ଚାଇବା ସହିତ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି କରିବା। ଏଥିନିମନ୍ତେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ସମୟସୀମା

### ୧୦ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି। ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ୩୯ଟି ବ୍ଲକ୍‌ର ୪୮୪ଟି ଗ୍ରାମରେ ରହୁଥିବା ବାସହୀନ ପରିବାରଙ୍କୁ ୧୫ ମେ ୨୦୨୬ ମଧ୍ୟରେ ସର୍ଭେକ୍ଷଣ ମାଧ୍ୟମରେ ଚିହ୍ନଟ କରି 'ବସୁନ୍ଧରା ଯୋଜନା' ଅନ୍ତର୍ଗତ ଭୂମି ପ୍ରଦାନ ଓ ଜମିପଟ୍ଟା ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏହି ସବୁ ଅଞ୍ଚଳରେ ଇ - ଡିଷ୍ଟ୍ରିକ୍ଟ ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦିକୁ ସମୟସୀମା ଭିତରେ ପ୍ରାଥମିକତା ଆଧାରରେ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ରହିଛି।

'ଗ୍ରାମୋଦୟ' ଯୋଜନାର ଅଗ୍ରଗତି ସମ୍ପର୍କିତ ସମସ୍ତ ଡାଟା ସଂରକ୍ଷଣ ଏବଂ ଜିଲ୍ଲାପାଳମାନଙ୍କ ଦ୍ୱାରା ସମୟୋପଯୋଗୀ ସମୀକ୍ଷା ମାଧ୍ୟମରେ ନିୟମିତ ନିରୀକ୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାଜସ୍ୱ ବିଭାଗର ଖାଲି ପଦବୀଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ପୂରଣ କରିବାକୁ ନିର୍ଦ୍ଦେଶ (୯ ପୃଷ୍ଠାରେ)

## ଲ୍ୟାଣ୍ଡମାଇନ ଖୋଜୁଛି ମୂଷା



କାମ୍ବୋଡିଆର 'ରୋନିନ୍' ନାମକ ଏକ ସ୍ୱତନ୍ତ୍ର ମୂଷା ବାରୁଦ ସୁରଙ୍ଗ ବା ଲ୍ୟାଣ୍ଡମାଇନ୍ ଖୋଜିବାରେ ଏକ ନୂଆ ବିଶ୍ୱ ରେକଡ ସ୍ଥାପନ କରି ଚର୍ଚ୍ଚାକୁ ଆସିଛି । ଏହି ମୂଷାଟି ଅଗଷ୍ଟ ୨୦୨୧ ରୁ ଏପର୍ଯ୍ୟନ୍ତ ୧୦୯ଟି ଲ୍ୟାଣ୍ଡମାଇନ୍ ଏବଂ ୧୫ଟି ବିସ୍ଫୋରକ ଅସ୍ତ୍ର ଖୋଜି ବାହାର କରି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଛି । ରୋନିନ୍ ପୂର୍ବତନ ରେକର୍ଡଧାରୀ 'ମାଗାୱା'ଙ୍କୁ ପଛରେ ପକାଇଛି, ଯିଏକି ୫ ବର୍ଷରେ ୭୧ଟି ଲ୍ୟାଣ୍ଡମାଇନ୍ ଖୋଜିଥିଲା । APOPO ନାମକ ସଂସ୍ଥା ଦ୍ୱାରା ତାଲିମପ୍ରାପ୍ତ ଏହି ମୂଷାମାନେ ବାରୁଦର ଗନ୍ଧ ଶୁଙ୍ଘି ମାଟି ତଳେ ଲୁଚି ରହିଥିବା ବିପଜ୍ଜନକ ଲ୍ୟାଣ୍ଡମାଇନଗୁଡ଼ିକୁ ଚିହ୍ନଟ କରିଥାନ୍ତି । ପ୍ରାୟ ୩୦-୪୦ ସେଣ୍ଟିମିଟର ଲମ୍ବର ଏହି ମୂଷାମାନେ ସାଧାରଣ ମୂଷାଙ୍କଠାରୁ ବଡ଼ ହୋଇଥାନ୍ତି । ୫ ବର୍ଷୀୟ ରୋନିନ୍ ଆଗାମୀ ୧-୨ ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରଖିପାରିବ ବୋଲି ଆଶା କରାଯାଉଛି । ସୋସିଆଲ ମିଡିଆରେ ସମସ୍ତେ ମୂଷାକୁ ଖୁବ ପ୍ରଶଂସା କରୁଥିବା ନଜରକୁ ଆସିଛି ।

## ସୋସିଆଲ କୋଟ୍ସ



ସବୁବେଳେ ଗୋଟିଏ ଲକ୍ଷ ରହିଛି କି ଦର୍ଶକ କଣ୍ଟେଣ୍ଟ୍‌କୁ ଏଞ୍ଜୟ କରିବା ଦରକାର । ପ୍ରଡ୍ୟୁସର ହିସାବରେ ଏହି ଅନୁଭୂତି ମୋ ପାଇଁ ବେଶ୍ ଖାସ ଥିଲା । ମୁଁ ଏହି ଜର୍ଣ୍ଣିକୁ ଖୁବ ଏଞ୍ଜୟ କରିଛି ।

**ଆଲିଆ ଭଟ୍ଟ, ଅଭିନେତ୍ରୀ**



ମୁଁ ମୋ ରିଅଲ ଲାଇଫ୍‌ରେ ଖୁବ ଭିନ୍ନ । ମୁଁ ରିଲ୍ ଦୁନିଆରେ ଯେପରି ରିଅଲ ଦୁନିଆରେ ତା ଠାରୁ ଖୁବ ଅଲଗା । ତେବେ ମୁଁ ଯେଉଁ ଚରିତ୍ର ରିଲ୍‌ରେ ପ୍ରେଜେଣ୍ଟ୍ କରେ ସେମିତି ଚରିତ୍ର ଆମ ଆଖପାଖରେ ଅନେକ ମିଳିବେ ।

**ରାଜୀବ ଖଣ୍ଡେଲୱାଲ୍, ଅଭିନେତା**



ପିଲାବେଳୁ ଆକ୍ଟିଂ ପାଇଁ ଇଚ୍ଛା ଥିଲା, ଏଥିପାଇଁ ଦୃଢ ନିଶ୍ଚିନ୍ତ ମଧ୍ୟ ଥିଲି । ଖୁବ ସଂଘର୍ଷ ପରେ ଏକ ଭଲ କ୍ୟାରିୟର କରିପାରିଛି ।

**ରକୁଲ ପ୍ରିତ୍, ଅଭିନେତ୍ରୀ**

## ବିଶ୍ୱ ହୋମିଓପାଥି ଦିବସ



ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ ସାରା ବିଶ୍ୱରେ 'ବିଶ୍ୱ ହୋମିଓପାଥି ଦିବସ' ଭାବରେ ପାଳନ କରାଯାଏ, ଯାହା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହି ପ୍ରାକୃତିକ ଚିକିତ୍ସା ପଦ୍ଧତିର ଗୁରୁତ୍ୱକୁ ଦର୍ଶାଇଥାଏ । ଏହି ଦିବସଟି ହୋମିଓପାଥିର ଜନକ ଡାକ୍ତର ଖ୍ରୀଷ୍ଟିଆନ୍ ଫ୍ରେଡ୍ରିକ୍ ସାମୁଏଲ୍ ହାନିମ୍ୟାନଙ୍କ ଜନ୍ମ ବାର୍ଷିକୀ ସ୍ମୃତିରେ ପାଳିତ ହୋଇଥାଏ । ଯିଏ ୧୮ଶ ଶତାବ୍ଦୀର ଶେଷ ଭାଗରେ ଜର୍ମାନୀରେ ଏହି ବିପ୍ଳବୀ ଚିକିତ୍ସା ବିଜ୍ଞାନର ମୂଳଦୁଆ ପକାଇଥିଲେ । ହୋମିଓପାଥି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଜାଗ୍ରତ କରି ରୋଗକୁ ମୂଳରୁ ଭଲ କରିବାରେ ସାହାଯ୍ୟ କରିଥାଏ । ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହୋମିଓପାଥି ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହାର ନିରାପଦ ଓ ସୁଲଭ ଚିକିତ୍ସା ଶୈଳୀକୁ ପ୍ରୋତ୍ସାହିତ କରିବା ଏବଂ ଚିକିତ୍ସା ଜଗତରେ ଏହି ପଦ୍ଧତିର ବିକାଶ ପାଇଁ ନୂତନ ଗବେଷଣାକୁ ପ୍ରାଧାନ୍ୟ ଦେବା । ବିଶ୍ୱ ସ୍ୱାସ୍ଥ୍ୟ ସେବାରେ ହୋମିଓପାଥିର ଭୂମିକା ବର୍ତ୍ତମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଭାବେ ଉଭା ହୋଇଛି ।

## ପହଁରିବାରେ ରେକର୍ଡ



ଧୂଳି ମାଟିରେ ଖେଳିବା ସମୟରେ ରେକଡ ସୃଷ୍ଟି କରିବାରେ ବ୍ୟସ୍ତ ଅଛନ୍ତି କୁନି ପୁଅ ଇଶାଙ୍କ । ନିଜ ବାପାମାଆଙ୍କ ସହିତ ନିଜ ଦେଶ ପାଇଁ ଗର୍ବ ଆଣିଛନ୍ତି ଇଶା । ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଞ୍ଚିର ୭ ବର୍ଷୀୟ ବାଳକ ଇଶାଙ୍କ ଶ୍ରୀଲଙ୍କାରୁ ଭାରତ ପର୍ଯ୍ୟନ୍ତ ସମୁଦ୍ରରେ ପହଁରି ଏକ ନୂଆ ବିଶ୍ୱ ରେକର୍ଡ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି । ସେ ଆସନ୍ତା ୩୦ ଏପ୍ରିଲରେ ଶ୍ରୀଲଙ୍କାର ତଲୈମନ୍ନାରରୁ ପହଁରିବା ଆରମ୍ଭ କରି ଭାରତର ଧନୁଷକୋଡିରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି, ଯାହାର ଦୂରତା ପ୍ରାୟ ୩୦ କିଲୋମିଟର । ଏହି ମିଶନ ପାଇଁ ଇଶାଙ୍କ ମାତ୍ର ଅଢ଼େଇ ବର୍ଷ ବୟସରୁ ପହଁରା ଶିଖୁଥିବା ବେଳେ ବର୍ତ୍ତମାନ ସେ ପ୍ରତିଦିନ ୪-୫ ଘଣ୍ଟା ପାଣିରେ ରହି ୧୫-୨୦ କିଲୋମିଟର ପହଁରିବା ଅଭ୍ୟାସ କରୁଛନ୍ତି । ରାଞ୍ଚିର ଧ୍ରୁର୍ଭ ଡ୍ୟାମରେ କୋଚ୍ ଅମନ କୁମାର ଓ ବଜରଙ୍ଗ କୁମାରଙ୍କ ତତ୍ତ୍ୱାବଧାନରେ ସେ ଏହି କଠିନ ତାଲିମ ନେଉଛନ୍ତି ଏବଂ ଏହି ଲକ୍ଷ୍ୟ ପୂରଣ କରିବା ମାତ୍ରେ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିବେ ।



## ଇତିହାସ

୧୮୪୭- ପୁଲିଜର ପୁରସ୍କାର ପ୍ରଣେତା ଆମେରିକୀୟ ପତ୍ରକାର ଜୋସେଫ ପୁଲିଜରଙ୍କ ଜନ୍ମ ।
୧୮୭୫- ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜର ପ୍ରତିଷ୍ଠା ।
୧୮୯୪- ଭାରତୀୟ ଉଦ୍ୟୋଗପତି ଘନଶ୍ୟାମଦାସ ବିର୍ଲାଙ୍କ ଜନ୍ମ ।
୧୯୩୦- ପ୍ରଥମ ସିନ୍ଥେଟିକ୍ ରବରର ଉତ୍ପାଦନ ।
୧୯୭୨- ଇରାନରେ ଭୟଙ୍କର ଭୂକମ୍ପରେ ୫ହଜାର ଲୋକଙ୍କ ମୃତ୍ୟୁ ।
୧୯୭୨- ଜୈବିକ ଅସ୍ତ୍ରର ବିକାଶ, ଉତ୍ପାଦନ ଓ ସଂରକ୍ଷଣ ବିରୋଧ ଲାଗି ୧୫୦ ଦେଶର ସହମତି ।
୧୯୮୨- ଭାରତୀୟ ଉପଗ୍ରହ "ଇନ୍‌ସେଟ୍-୧ ଏ'ର ସଫଳ ପରୀକ୍ଷଣ ।
୧୯୮୬- ଲୋକପ୍ରିୟ ବଲିଉଡ଼ ଅଭିନେତ୍ରୀ ଆୟଶା ଟାକିୟାଙ୍କ ଜନ୍ମ ।
୧୯୯୫- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ପରଲୋକ ।
୨୦୦୧- ଭାରତ ଓ ଇରାନ ମଧ୍ୟରେ ତେହରାନ ଚୁକ୍ତି ସ୍ୱାକ୍ଷରିତ ।

## ପିମ୍ପୁଡ଼ି ବିକି କୋଟିପତି

ପିମ୍ପୁଡିକୁ ବିକ୍ରି କରି ମଧ୍ୟ ମାଲେମାଲ ହୋଇପାରିବ, ଏହିଭଳି ଏକ ବ୍ୟବସାୟ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାରେ ରହିଛି । କେନ୍ୟାର କିଛି ଅଞ୍ଚଳରେ ଏବେ ଏହି ଅଦ୍ଭୁତ ବ୍ୟବସାୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ଏହି ସ୍ଥାନରେ ଲୋକମାନେ ପିମ୍ପୁଡ଼ି ବିକ୍ରି କରି କୋଟିପତି ହେଉଛନ୍ତି । ବିଶେଷ କରି ରିଫ୍ଟ ଭ୍ୟାଲି ଅଞ୍ଚଳରେ ବର୍ଷା ଦିନେ ବାହାରକୁ ଆସୁଥିବା 'ଜାଏଣ୍ଟ ଆଫ୍ରିକାନ ହାର୍ଭେଷ୍ଟର ଆଣ୍ଟ' ନାମକ ବଡ଼ ନାଲି ପିମ୍ପୁଡ଼ିଙ୍କର ବହୁତ ଚାହିଦା ରହିଛି । ଗୋଟିଏ ଗୋଟିଏ ରାଣୀ ପିମ୍ପୁଡ଼ିଙ୍କୁ ବ୍ଲାକ୍ ମାର୍କେଟରେ ପ୍ରାୟ ୧୮ ରୁ ୨୦ ହଜାର ଟଙ୍କାରେ ବିକ୍ରି କରାଯାଉଛି । ଏହି ପିମ୍ପୁଡ଼ିମାନଙ୍କୁ ସହଜରେ ବିଦେଶକୁ ମଧ୍ୟ ପଠାଯାଉଛି, କାରଣ ସ୍କାନର୍ ସାଧାରଣତଃ ଏମାନଙ୍କୁ ଚିହ୍ନଟ କରିପାରେ ନାହିଁ । ହେଲେ ବିଶେଷଜ୍ଞଙ୍କ ମତରେ ଏଭଳି ବହୁ ସଂଖ୍ୟାରେ ରାଣୀ ପିମ୍ପୁଡ଼ିଙ୍କୁ ଧରିବା ଦ୍ୱାରା ସମ୍ପୂର୍ଣ୍ଣ ପିମ୍ପୁଡ଼ି ବଂଶ ଲୋପ ପାଇବା ସହ ପ୍ରାକୃତିକ ସନ୍ତୁଳନ ବିଗିଡ଼ିବାର ଆଶଙ୍କା ରହିଛି । ତେବେ ଏହି ପିମ୍ପୁଡିଙ୍କ ଚାହିଦା ବଢିବା ପଛରେ ବିଭିନ୍ନ କାରଣ ରହିଛି । କିଛି ଦେଶରେ ବର୍ତ୍ତମାନ ପିମ୍ପୁଡିଙ୍କୁ ପାଳିବା ମଧ୍ୟ ଆରମ୍ଭ କରିଛନ୍ତି ।



## ଅମିଷାଙ୍କ ତାଗିଦ

ଷ୍ଟାଣ୍ଡ-ଅପ୍ କମେଡିଆନ୍ ଜାକିର ଖାନ୍‌ଙ୍କ ଫିଲ୍ମ ଇଣ୍ଡଷ୍ଟ୍ରି ଉପରେ ଦେଇଥିବା ଏକ ବୟାନକୁ ନେଇ ଅଭିନେତ୍ରୀ ଅମିଷା ପଟେଲ ତାଙ୍କୁ ତାଗିଦ କରିଥିବା ଦେଖିବାକୁ ମିଳିଛି । କେବଳ ଅମିଷା ନୁହେଁ 'ଜଓ୍‌ବାନ' ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ମଧ୍ୟ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୂଚନାଅନୁସାରେ ଜାକିର କହିଥିଲେ ଯେ ଫିଲ୍ମ 'ଧୁରନ୍ଧର ୨' କୁ ନେଇ ଇଣ୍ଡଷ୍ଟ୍ରିର ଲୋକମାନେ ଯେତେ ପ୍ରଶଂସା କଲେ ବି ସତ କଥା ହେଉଛି ଏହି ଫିଲ୍ମ ପାଇଁ ସମସ୍ତଙ୍କୁ ଡରାଇଛି । ଯାହାକୁ ନେଇ ଅମିଷା ପଟେଲ ସୋସିଆଲ ମିଡିଆରେ ଜାକିରଙ୍କୁ ନକାରାତ୍ମକତା ନଖେଳାଇବାକୁ ପରାମର୍ଶ ଦେଇଛନ୍ତି । ଫିଲ୍ମ ଇଣ୍ଡଷ୍ଟ୍ରି ସବୁବେଳେ ପ୍ରତିଭାକୁ ସମ୍ମାନ ଦେଇଛି ଏବଂ ଶାହରୁଖ, ସଲମାନ, ସନି ଦେଓଲଙ୍କ ଭଳି ସୁପରଷ୍ଟାରମାନେ ବହୁ ପୂର୍ବରୁ ଅନେକ ମେଗା ହିଟ୍ ଫିଲ୍ମ ଦେଇ ସାରିଛନ୍ତିବୋଲି ଅମିଷା ଜାକିରଙ୍କୁ ଜବାବ ଦେଇଛନ୍ତି । ଅନ୍ୟପଟେ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦ ମଧ୍ୟ ଜାକିରଙ୍କ ବୟାନକୁ ନିନ୍ଦା କରି କହିଛନ୍ତି ଯେ ଜୁହୁ-ବାନ୍ଦ୍ରାର ଲୋକମାନେ ଗତ ୫୦ ବର୍ଷ ଧରି ସବୁଠାରୁ ବଡ଼ ବ୍ଲକବଷ୍ଟର ଫିଲ୍ମ ଦେଇଆସୁଛନ୍ତି ଏବଂ ସେମାନଙ୍କ ଅବଦାନକୁ କମ୍ କରି ଦେଖିବା ଏକ ବୋକାମି ଅଟେ । ତେଣୁ ବଲିଉଡକୁ ନେଇ ଏଭଳି ମନ୍ତବ୍ୟ ନଦେବାକୁ ସେ ପରାମର୍ଶ ଦେଇଛନ୍ତି । ସୋସିଆଲମିଡିଆରେ ଘଟଣାକୁ ନେଇ ଖୁବ ଆଲୋଚନା ହେଉଥିବା ଦେଖିବାକୁ ମିଳୁଛି ।

## କଖାରୁଡ଼ଙ୍କ ରାଇ

ସାମଗ୍ରୀ- କଖାରୁଡ଼ଙ୍କ, ସାରୁ, ଆଳୁ, କଖାରୁ, ବାଇଗଣ, ଟମାଟୋ, ବଡ଼ି, ଲୁଣ, ହଳଦୀ, ଲଙ୍କାଗୁଣ୍ଡ, କିଛି ଶୋରିଷ ରସୁଣ ଓ ଲଙ୍କାକୁ ଗ୍ରାଇଣ୍ଡ କରି ରଖନ୍ତୁ ।

ପ୍ରଣାଳୀ- ପ୍ରଥମେ କଖାରୁଡଙ୍କରୁ ତା'ର ସାଇଁଗୁଡ଼ିକ କାଢ଼ି ଡଙ୍କଗୁଡ଼ିକୁ ଛୋଟଛୋଟ ଖଣ୍ଡ କରି କାଟି ଧୋଇ ରଖନ୍ତୁ ଏବଂ ତାର ପତ୍ରଗୁଡ଼ିକ ଅଲଗା ଧୋଇକରି ରଖନ୍ତୁ, ସାରୁ, ଆଳୁ, ବାଇଗଣକୁ ଛୋଟ ଖଣ୍ଡ କରି କାଟି ଧୋଇ ରଖନ୍ତୁ । କଡ଼େଇ ଗରମ କରି ସେଥି ରେ ଟିକେ ଶୋରିଷତେଲ ଦେଇ ତାହା ଗରମ ହେଲେ ସେଥି ରେ ଟିକେ ଜିରା ଓ ଶୋରିଷ ଫୁଟାନ୍ତୁ । ଫୁଟଣ ଫୁଟିଗଲେ ସେଥି ରେ କାଟିଥି ବା ପିଜ୍ଞାଗୁଡ଼ିକୁ ପକାଇ ଭାଜନ୍ତୁ,ତାପରେ ଡଙ୍କ ଓ ବାଇଗଣକୁ ପକାଇ ଢ଼ାଙ୍କୁଣି ଘୋଡ଼ାଇ ଭାଜିଦିଅନ୍ତୁ । ଭାଜିବା ପରେ ସେଥି ରେ ଗ୍ରାଇଣ୍ଡହୋଇଥି ବା ଲଙ୍କା, ଶୋରିଷ, ରସୁଣର ପେଷ୍ଟ ଲୁଣ, ହଳଦୀ, ଲଙ୍କାଗୁଣ୍ଡ ପକାଇ ଅଳ୍ପ ସମୟ ଭାଜିଦିଅନ୍ତୁ, ବେଶିଭାଜିଲେ ଶୋରିଷ ପିତାଲାଗେ । ତାପରେ ଟମାଟୋ ପକାନ୍ତୁ । ଅଳ୍ପ ପାଣିଦେଇ ଘୋଡ଼ାଇଦିଅନ୍ତୁ । କିଛି ସମୟ ପରେ କଖାରୁ ପତ୍ରକୁ ହାତରେ ଟିକେ ମକଚି ତରକାରୀରେ ପକାଇ ଭଜା ବଡ଼ିକୁ ପକାଇ ଟିକେ ଉପର ତଳ ଲେଉଟାଇବା ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଡଙ୍କରାଇ ।

ଓଡ଼ିଆ ରୁଚି





**ମେଷ:** ଶରୀର ଅସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁସମାଚାର, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଯାତ୍ରାରେ ସତର୍କ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳାଚେକ୍, ସଂଖ୍ୟା-୬, ଆରାଧନା-ମା' ମାଣିକେଶ୍ୱରୀ ।

**ବୃଷ:** ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁଲାଭ, ଦୂରଯାତ୍ରା, ଉଚ୍ଚକାର୍ଯ୍ୟରେ ବିଳମ୍ବ, ଶରୀର ସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ବାହ୍ୟଶତ୍ରୁ ପରାଜିତ, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** ଅର୍ଥଲାଭ, ଶୁଭଖବର, ନୂତନ ବନ୍ଧୁଲାଭ, ଭୂସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, କର୍ମକ୍ଷେତ୍ରେ ପ୍ରଶଂସା, ଶରୀର ସୁସ୍ଥ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମହାଲକ୍ଷ୍ମୀ ।

**କର୍କଟ:** ମାନସିକ ଦ୍ୱନ୍ଦ, ଶୁଭଖବର, ଲୋକସମ୍ପର୍କ, ବିବାଦ ସମାଧାନ, ଉଚ୍ଚକାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ଜମି ଗଣ୍ଡଗୋଳ, ବ୍ୟକ୍ତି ସହାୟତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ପ୍ରଭୁ ଲିଙ୍ଗରାଜ ।

**ସିଂହ:** ଯାତ୍ରାରେ କଷ୍ଟ, ଶରୀର ଅସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ଥକ୍କାପଣ, ଅର୍ଥ ସମସ୍ୟା, ବିଦ୍ୟାଲାଭ, ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**କନ୍ୟା:** ଲୋକସମ୍ପର୍କ ବୃଦ୍ଧି, ନୂତନ ଚୁକ୍ତି, ଅର୍ଥଲାଭ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶୀ, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ବନ୍ଧୁସହଯୋଗ, ନୂତନ ଯୋଜନା ସଫଳ, ଶରୀର ସୁସ୍ଥ, ଦୂରଯାତ୍ରା, ବ୍ୟବସାୟରେ ଉନ୍ନତି ବିବାଦ ସମାଧାନ, ଉଚ୍ଚଆଶା ସଫଳ, ଦ୍ରବ୍ୟଲାଭ, ଯାନବାହନ କ୍ରୟ, ବିଦ୍ୟାରେ ସଫଳତା, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ପ୍ରତିକାର- ଗୋସେବା କରନ୍ତୁ ।

**ବିଛା:** ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା, ବନ୍ଧୁସହଯୋଗ, ଅର୍ଥଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା- ଭଗବାନ ବିଷ୍ଣୁ ।

**ଧନୁ:** ଧନୁ: ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶାପୂର୍ଣ୍ଣ, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ନୂତନ କର୍ମଲାଭ, ଆର୍ଥିକକଷ୍ଟ, ଶତ୍ରୁ ପରାଜିତ, ସନ୍ତାନଲାଭ, ବିଦ୍ୟାରେ ସଫଳତା, ଦୂରଯାତ୍ରାରେ ଲାଭ, ସମ୍ପତ୍ତିଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା-ପ୍ରଭୁ ହନୁମାନ ।

ମକର: କାର୍ଯ୍ୟରେ ପ୍ରଶଂସା, ଅର୍ଥଲାଭ, ଶତ୍ରୁସମସ୍ୟା, ଯାତ୍ରାରେ କଷ୍ଟ, ହଠାତ୍ ଧନଲାଭ, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

କୁମ୍ଭ: ଧର୍ମକାର୍ଯ୍ୟରେ ଯୋଗଦାନ, ମାନସିକ ଶାନ୍ତି, ବନ୍ଧୁଲାଭ, ଦ୍ରବ୍ୟପ୍ରାପ୍ତି, ସମ୍ପତ୍ତିଲାଭ, ଦାମ୍ପତ୍ୟ ଖୁସି, ନୂତନ କାର୍ଯ୍ୟ ଆରମ୍ଭ, ସମ୍ମାନ ବୃଦ୍ଧି, ଆଶା ସଫଳ, ଶରୀର ସୁସ୍ଥ, ଅର୍ଥ ସମସ୍ୟା ସମାଧାନ, ସନ୍ତାନ ଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୧୧, ଆରାଧନା-ଭଗବାନ ଶଙ୍କର ।

ମୀନ: ଆର୍ଥିକ ଖୁସି, କିଛି ସମସ୍ୟାର ସମାଧାନ, ବନ୍ଧୁଲାଭ, ଉଚ୍ଚଆଶାରେ କଷ୍ଟ, ଭ୍ରାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥି ଲାଭ, ଶରୀର ସୁସ୍ଥ, ଶୁଭଖବର, ବନ୍ଧୁଗୃହେ ଯାତ୍ରା, ଉତ୍ତରାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।

ବୈଶାଖ କୃଷ୍ଣପକ୍ଷ, ଅଷ୍ଟମୀ
୧୦.୪.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ନିରାକାରପୁର ରେଳ ଷ୍ଟେସନରୁ ଶିଶୁପୁତ୍ର ଚୋରି ଘଟଣାର ପର୍ଦ୍ଦାଫାସ୍

# ପରକୀୟା ପ୍ରୀତି ଲୁଚାଇବାକୁ ବାପା କରିଥିଲା ନାଟକ

ଜଟଣୀ, (ସବ୍ୟୁ): ଗତ ୭ ତାରିଖ ଦିନ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ଅନ୍ତର୍ଗତ ନିରାକାରପୁର ରେଳ ଷ୍ଟେସନରୁ ବିଳମ୍ବିତ ରାତି ପ୍ରାୟ ୧୨:୩୦ମିନିଟ ସମୟରେ ନିଦରେ ଶୋଇପଡ଼ିଥିବା ବାପା ମାଆଙ୍କ କୋଳରୁ ୪ ମାସ ବୟସର ଏକ ଶିଶୁପୁତ୍ର ଅପହରଣ ହୋଇଯାଇଥିବା ନେଇ ନିରାକାରପୁର ଜିଆରପି ଥାନାରେ ଅଭିଯୋଗକାରୀ ଭାବେ ଶିଶୁର ବାପା ପ୍ରଶାନ୍ତ କୁମାର ପ୍ରଧାନ (୨୫) ଲିଖିତ ଅଭିଯୋଗ କରିଥିଲେ । ଜିଆରପି ଘଟଣାକୁ ଗୁରୁତର ସହିତ ନେଇ ତଦନ୍ତ ଜାରି ରଖିଥିଲେ । ଯାହାକୁ ତତ୍ୱାବଧାନ କରିଥିଲେ ବରିଷ୍ଠ ଆଇପିଏସ ଅଧିକାରୀ ଅରୁଣ ବୋଥ୍ରା, ଭବାନୀ ଶଙ୍କର ଉଦଗାତା ଏବଂ ଜଗନ୍ନାଥ ମଲ୍ଲିକ । ତେବେ ଘଟଣା ଘଟିବାର ୪୮ ଘଣ୍ଟା ମଧ୍ୟରେ ଜିଆରପି ସିସିଟିଭି ଫୁଟେଜ ଆଧାରରେ ପ୍ରକୃତ ଘଟଣା ଉପରୁ ପରଦା ଉଠାଇ ସତ୍ୟାସତ୍ୟ ଠାବ କରି ପ୍ରକୃତ ଦୋଷୀକୁ ଧରିବାରେ ସଫଳତା ହାସଲ କରିଥିଲେ । ଏ ନେଇ ଗୁରୁବାର ମଧ୍ୟାହ୍ନରେ ଖୋର୍ଦ୍ଧାରୋଡ଼ ସ୍ଥିତ ସହକାରୀ ରେଳବାଇ ପୁଲିସ ଉପ ଆରକ୍ଷୀ



ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅଧିକାରୀ ଜଗନ୍ନାଥ ମଲ୍ଲିକ । ସୂଚନା ମୁତାବକ ତାମିଲନାଡୁରେ କାମ କରୁଥିବା ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ କଳା ମାଟିଆ ଗ୍ରାମର ପ୍ରଶାନ୍ତ କୁମାର ପ୍ରଧାନ ଓ ଏକ ମହିଳା ଚିନୁଲତା ପରିଡା ଯାହାକୁ ସେ ନିଜ ପତ୍ନୀ ବୋଲି ଉଲ୍ଲେଖ କରିଥିଲେ ଟ୍ରେନ ଯୋଗେ ଆସି ବ୍ରହ୍ମପୁରରେ ପ୍ରଥମେ ଓହ୍ଲାଇ ପୁଣି ଅନ୍ୟ ଏକ ଟ୍ରେନ ଯୋଗେ ବାଲୁଗାଁ ଓ ସେଠାରୁ ଡ଼ିଏମୟୁ ଟ୍ରେନରେ ଆସି ନିରାକାରପୁର ଷ୍ଟେସନରେ ୭ତାରିଖ ରାତି ୮ ଟା ସମୟରେ ଓହ୍ଲାଇ ୩ନମ୍ବର ପ୍ଲାଟଫର୍ମରେ ବିଶ୍ରାମ ନେଉନେଉ ଶୋଇ ପଡ଼ିଥିଲେ କ୍ଷ ହେଲେ ରାତି ପ୍ରାୟ ୧୨:୩୦ମିନିଟ ରେ ଉଠି ଦେଖିଥିଲେଯେ ତାଙ୍କ ଶିଶୁପୁତ୍ର ନାହିଁ । ଯାହାକୁ ନେଇ କେହି ଅଜଣା ଦୁର୍ବୃତ୍ତ ସେମାନେ ଶୋଇଥିବାର ସୁଯୋଗରେ ପିଲାକୁ ଅପହରଣ କରିନେଇଛି ବୋଲି ଅଭିଯୋଗ କରିଥିଲେ । ହେଲେ ତଦନ୍ତରେ ଜଣାପଡିଥିଲା କି ଅଭିଯୋଗକାରୀ ବାପା ପ୍ରଶାନ୍ତ ଓ ଚିନୁଲତା ଯିଏକି ତାଙ୍କ ନିଜ ଶାଳୀ ଟ୍ରେନରେ ଆସି ନିରାକାରପୁର ଷ୍ଟେସନରେ ଶୋଇଥିବା ସମୟରେ ଯୋଜନାବଦ୍ଧ ଭାବେ ପ୍ରଶାନ୍ତ ତାଙ୍କ ନିଜ ପତ୍ନୀ ତଥା ଚିନୁଙ୍କ ଭଉଣୀ ମିନୁଲତାଙ୍କୁ ଫୋନ ଯୋଗେ କଥାବାର୍ତ୍ତା କରି ରାତି ପ୍ରାୟ ୧୦ ଟା ସମୟରେ ଷ୍ଟେସନ ବାହାରେ ନେଇ ଶିଶୁପୁତ୍ରକୁ ଦେଇ ବିଦା କରିବା ପରେ ଘଟଣାସ୍ଥଳକୁ ଆସି ଅପହରଣର ମିଛ ନାଟକ କରିଥିଲେ । ପୁଲିସ ସୂଚନା ଅନୁସାରେ ପ୍ରଶାନ୍ତ ନିଜ ଶାଳୀଙ୍କୁ ନେଇ ପାଖରେ ରଖିଥିବା ବେଳେ ତାଙ୍କ ଔରଷରୁ ଶିଶୁପୁତ୍ର ଜନ୍ମ ହୋଇଥିଲା ଯାହାକି ସେମାନେ ନିଜ ପରିବାର ଲୋକଙ୍କ ଠାରୁ ଲୁଚାଇ ରଖିଥିଲେ । ଯାହାକୁ ନେଇ ଉଭୟେ ସେହି ପୁଅକୁ କୌଣସି ଅନାଥାଶ୍ରମ ହେଉବା ଅନ୍ୟ କାହାରିକି ଚୁପଚାପ ଦେଇଦେବାପାଇଁ ମନସ୍ଥ କରିଥିଲେ । ହେଲେ ସେହି ନାଟକବାଜି ଜିଆରପିର ତଦନ୍ତ ଆଗରେ ପଣ୍ଡ ହୋଇଯାଇଥିଲା । ଏହାପରେ ଖୋର୍ଦ୍ଧାରୋଡ଼ ଜିଆରପି ଅଧିକାରୀ ଏମ ଶଙ୍କର ରାଓ, ନିରାକାରପୁର ଜିଆରପି ଅଧିକାରୀ ଦିଲ୍ଲୀପ ସାହୁ ପ୍ରମୁଖ ସଦଳବଳେ କଳାମାଟିଆ ଗ୍ରାମକୁ ଯାଇ ଶିଶୁପୁତ୍ରକୁ ସେଠାରୁ ଉଦ୍ଧାର କରି ଉଭୟ ମା ଓ ପୁତ୍ରଙ୍କୁ ଖୋରଧା ଶିଶୁମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଇଥିଲେ । ଅପରପକ୍ଷେ ଆସାମୀ ପ୍ରଶାନ୍ତ ଜାଣିଶୁଣି ଶିଶୁପୁତ୍ର ଅପହରଣର ମିଥ୍ୟା ନାଟକବାଜି କରି ମିଥ୍ୟା ଷଡଯନ୍ତ୍ର କରିଥିବା ଅଭିଯୋଗରେ ଜିଆରପି ତାଙ୍କୁ କୋର୍ଟ ଚାଲାଣ କରିଛନ୍ତି ।

### କଡା ସୁରକ୍ଷା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିବସରେ

## ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା ଜାରୀ

ପୁରୀ (ସବ୍ୟୁ): ରାଜ୍ୟ ସରକାରଙ୍କର ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଗୁରୁବାର "ଦ୍ୱିତୀୟ ପର୍ଯ୍ୟାୟ" ଦ୍ୱିତୀୟ ଦିନରେ କଡା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଜାରୀ ରହିଛି ଶ୍ରୀମନ୍ଦିର ରତ୍ନ ଭଣ୍ଡାରରେ (ବାହାର ରତ୍ନଭଣ୍ଡାର) ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା । ରତ୍ନଭଣ୍ଡାର ଅଳଙ୍କାର ଆଦିର ଗଣତି କାର୍ଯ୍ୟ ପାଇଁ ପ୍ରାଧିକୃତ ସଦସ୍ୟ ମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହେବାପରେ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି କୌଣସି ପ୍ରକାର ଚାପର ବଶବର୍ତ୍ତୀ ନହୋଇ ନିଷ୍ଠାର ସହ ଗଣତି କାର୍ଯ୍ୟ ମାର୍ଗଦର୍ଶିକା ପ୍ରକାରେ ପୂର୍ବଦିନ ପରି ସମ୍ପାଦନ ନିମନ୍ତେ ଜାରୀ ରଖିବାକୁ ଶ୍ରୀମନ୍ଦିର ବଣିଆ ସେବକ, ତଢ଼ାଉ କରଣ,ଦେଉଳ କରଣ ଙ୍କୁ ସମ୍ବୋଧିତ କଲାପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ , ଡ଼.ଅରବିନ୍ଦ ପାଢୀ ଙ୍କ ଏବଂ ରତ୍ନ ଭଣ୍ଡାର ଉଚ୍ଚସ୍ତରୀୟ କମିଟି ସଦସ୍ୟ ଙ୍କ ନେତୃତ୍ୱରେ ଛତିଶା ନିଯୋଗ ନାୟକ,ଜିଲ୍ଲାପାଳ,ଆରକ୍ଷୀ ଅଧିକ୍ଷକ ,ଅଧିକୃତ ବରିଷ୍ଠ ଅଧିକାରୀ, ରତ୍ନ ଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧ ଟା ୫୫ ମିନିଟ ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ।

ଶ୍ରୀମନ୍ଦିର ରତ୍ନ ଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ବୃନ୍ଦ ପାରମ୍ପରିକ ପୋଷାକ ପରିଧାନ ପରେ ମୁଖ୍ୟ ପ୍ରଶାସକ ସଦସ୍ୟ ମାନଙ୍କୁ ଗଣତି ପ୍ରକ୍ରିୟା ଶୃଙ୍ଖଳା ର ସହ ପରମ୍ପରା ପ୍ରକାରେ ସଂପାଦନ ସମ୍ପର୍କରେ ପୁନଃ ସତର୍କ କଲାପରେ ମୁଖ୍ୟପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟ ବୃନ୍ଦଙ୍କ ସହ ଶ୍ରୀମନ୍ଦିରର ଆରାଧ୍ୟ ଦେବୀ ମା ' ବିମଳା , ମା ' ଭୁବନେଶ୍ୱରୀ ,ମା ' ବେଢ଼ା କାଳୀ , ଶେଷରେ ମା ' ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ ଆଶିଷ ଆଣିବା ପରେ ବେହରଣ ଦ୍ୱାରା ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ହୋଇ ଗଣତି ପ୍ରକ୍ରିୟାରେ ସାମିଲ ସଦସ୍ୟ ମାନେ ଭିତରକୁ ପ୍ରବେଶ କରିଥିଲେ ।ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ୧୨ ଟା ୦୫ ମିନିଟରେ ବାହାର ରତ୍ନ ଭଣ୍ଡାର ଖୋଲାଯାଇଥିଲା , ବାହାର ରତ୍ନ ଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟ ବୃନ୍ଦ ଙ୍କ ଯାଞ୍ଚ ପୂର୍ବକ ସଠିକ୍ ଢଙ୍ଗରେ ସମସ୍ତ ପ୍ରକ୍ରିୟା ଗତ ଦିନ ପରି ସଂପାଦନ ସହ ଗଣତି ଅଳଙ୍କାର ଗୁଡ଼ିକର ଫଟୋଗ୍ରାଫି , ଭିଡିଓଗ୍ରାଫି , 3D Scanningସହ E-Catalogueର କରାଯାଇଥିଲା। ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନ ଭଣ୍ଡାର ଦ୍ୱାର ସନ୍ଧ୍ୟା ଘ.୬ ଟା ୧୦ ମିନିଟ ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା , ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ସୁରକ୍ଷିତ ଭାବେ ରଖାଯାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ପ୍ରକାରେ ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଦ୍ୱିତୀୟ ପର୍ଯ୍ୟାୟ ଦ୍ୱିତୀୟ ଦିନର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସମସ୍ତ ସେବକ ନିୟୋଜିତ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୋଲିସର ସଂପୃକ୍ତ କର୍ମଚାରୀଙ୍କ ସମେତ ସମସ୍ତ ଭକ୍ତ ଗଣ ଏବଂ ଗଣମାଧ୍ୟମ ବନ୍ଧୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ଧନ୍ୟବାଦ୍ ଅର୍ପଣ କରିଛନ୍ତି ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢୀ।

## ଦୁଇ ଗିରଫ, ଅଟୋ ସହ ବ୍ରାଉନସୁଗର ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ ଗୁରୁବାର ଦୁଇ ବ୍ରାଉନସୁଗର ବିକ୍ରେତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଅଟୋ ଓ ୨୧ ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଖବର ଅନୁଯାୟୀ ଏକ ସ୍ୱତନ୍ତ୍ର ଟିମ୍ ତମାଣ୍ଡୋ ମେଳଣ ପଡିଆ ନିକଟରେ ଚଢାଉ କରି ବ୍ରାଉନସୁଗର ବିକୁଥିବା ଦୀପକ ନାୟକ ଓରଫ ବାପି ଓ ରାକେଶ ନାୟକ ଓରଫ ସାନୁକୁ ଗିରଫ କରିଛି । ଦୁହିଁଙ୍କୁ ଯାଞ୍ଚ କରିବା ବେଳେ ଦୀପକ ପାଖରୁ ୧୧ଗ୍ରାମ୍, ରାକେଶ ପାଖରୁ ୧୦ଗ୍ରାମ୍ ବ୍ରାଉନସୁଗର ମିଳିଥିଲା । ଉଭୟଙ୍କୁ ଘଟଣାସ୍ଥଳରୁ ଥାନାକୁ ଆଣି ପଚରାଉଚରା କରିବା ସମୟରେ ସେ ଅଟୋରେ ବସି ବ୍ରାଉନସୁଗର ବିକ୍ରି କରୁଥିବା କହିଥିଲେ ।ଗତ କିଛିଦିନ ହେବ ଦୁହେଁ ଏହି କାରବାର କରୁଥିବା ପୋଲିସକୁ କହିଥିଲେ । ଦୁହିଁଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଦୁହିଁଙ୍କ ପଖରୁ ମିଳିଥିବା ତଥ୍ୟ ଅନୁଯାୟୀ ତଦନ୍ତ ଜାରି ରହିଥିବାରୁ ବ୍ରାଉନସୁଗର କାରବାରରେ ଅନ୍ୟ ବେପାରୀଙ୍କୁ ଗିରଫ କରାଯାଇପାରେ ।

### ଆଜାଦନଗର ବୋମା ବିସ୍ଫୋରଣ ମାମଲା

## ଜଟଣୀର ଏକ ମିଟିଂରେ ବିସ୍ଫୋରଣ ପାଇଁ ଯୋଜନା ଥିଲା

ଭୁବନେଶ୍ୱର, (ସବ୍ୟୁ) : ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଆଜାଦନଗର ବୋମା ବିସ୍ଫୋରଣ ମାମଲା ଏନ୍ଆଇଏ ତଦନ୍ତ କରୁଥିବା ବେଳେ ବୋମା ଭିଡାଯିବାର ରହସ୍ୟର ପର୍ଦ୍ଦାଫାସ ହେଉଛି । ଜଟଣୀର ଏକ ବଡ ମିଟିଂରେ ବୋମା ବିସ୍ଫୋରଣ ପାଇଁ ମୃତ ଶେହେନୱାଜ ମଲ୍ଲିକ ବୋମା ଭିଡୁଥିବା ତଥ୍ୟ ପାଇଛି ଏନ୍ଆଇଏ ଟିମ୍ ।

ଗୁରୁବାର ଏନ୍ଆଇଏର ତଦନ୍ତକାରୀ ଟିମ୍ ଏୟାରଫିଲ୍ଡ ଥାନାକୁ ଯାଇ କାଗଜପତ୍ର ଆଣିବା ସହ ପୋଲିସ ଅଫିସରଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି । ଜାନୁଆରୀ ୨୭ ତାରିଖରେ ଶେହେନୱାଜ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା । ସେଥିରେ ୪ଜଣ ଆହତ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେହେନୱାଜ ଓ ତାଙ୍କ ମା'ଙ୍କ ମୃତ୍ୟୁ ହୋଇଛି । ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିବା ଶେହେନୱାଜର ସହଯୋଗୀ ଅମୀୟ ମଲ୍ଲିକ ଓ ଗାର୍ଲଫ୍ରେଣ୍ଡକୁ ଏନ୍ଆଇଏ ତଦନ୍ତକାରୀ ଟିମ୍ ପଚରାଉଚରା କରି ଜଟଣୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିବା କୁହାଯାଉଛି । ଏୟାରଫିଲ୍ଡ ଥାନା ପାଖରେ ତଦନ୍ତକାରୀ ଏନ୍ଆଇଏ ଟିମ୍‌କୁ ଗଣମାଧ୍ୟମ ପ୍ରତିନିଧିମାନେ ଭେଟି ତଦନ୍ତ ସମ୍ପର୍କରେ ପଚାରିବାରୁ ସେମାନେ ସେପରି କିଛି କହିନଥିଲେ ।

ବିସ୍ଫୋରଣ ପରେ ଫୋରେନସିକ୍ ଲାବ୍‌କୁ ନମୂନା ପରୀକ୍ଷା ପାଇଁ ପଠାଇଥିଲା କମିଶନରେଟ୍ ପୋଲିସ ସାଇଣ୍ଟିଫିକ୍ ଟିମ୍ । ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ ମିଳିବା ପରେ ଜଣାପଡିଛି ଯେ, ଆରଡିଏକ୍ସରେ ବ୍ୟବହାର ହେଉଥିବା ସାମଗ୍ରୀ ସେଠାରେ ଭିଡାଯାଉଥିବା ବୋମାରେ ଶେହେନୱାଜ ବ୍ୟବହାର କରୁଥିଲା । ରିପୋର୍ଟ ଆଧାରରେ ଏନ୍ଆଇଏ ମାମଲା ରୁଜୁ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି ।ଆତଙ୍କି ଲିଙ୍କ୍ ଓ ଆନ୍ତଃରାଜ୍ୟ ଅପରାଧୀଙ୍କ ସୁପାରୀକୁ ନେଇ ତଦନ୍ତ ଜୋର୍‌ଦାର କରୁଛି ଏନ୍ଆଇଏ ତଦନ୍ତକାରୀ ଟିମ୍ ।

## ସୋରରେ ପଥର ଦ୍ରବ୍ୟ ସଙ୍କଟ: ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ: ସରକାରୀ ଅବହେଳାରୁ ବିପୁଳ ରାଜସ୍ୱ ହାନୀ

ସୋର (ସବ୍ୟୁ)- ଗତ କିଛି ବର୍ଷ ଧରି ସୋର ତହସିଲ ଅନ୍ତର୍ଗତ ଖଞ୍ଜାମାହାଲ ପଥର ଖାଦାନ ଗୁଡ଼ିକ ଲଘୁ ଖଣିଜ ପଦାର୍ଥ ଭାବରେ ଖଣି ବିଭାଗ ଅନ୍ତର୍ଭୁକ୍ତ ହେବା ପରେ ଏହାକୁ ସରକାରୀ ବିଧବଦ୍ଧ ଭାବେ ନିଲାମ କରାଯାଇପାରୁ ନାହିଁ । ଯାହା ଫଳରେ ଚୋରା ପଥର ମାଫିଆଙ୍କର ଦୌରାତ୍ମ୍ୟ ବୃଦ୍ଧି ଘଟି କୋଟକୋଟି ଟଙ୍କାର ପଥର ଚୋରା ଚାଲାଣ ହେଉଥିଲା ଏବଂ ସରକାରୀ ରାଜସ୍ୱ ହାନୀ ଘଟୁଥିଲା । ଏଥିରେ ସଂପୃକ୍ତ କ୍ରସରଗୁଡ଼ିକ ମଧ୍ୟ ଚୋରା ପଥର ଭାଙ୍ଗି ଚାଲାଣ କରି ଚାଲିଥିଲେ । ଏହାକୁ ରୋକିବାକୁ ସରକାରୀ ଭାବେ ଏହି ଖାଦାନ ଅଞ୍ଚଳ ପ୍ରବେଶ ପଥରେ ଏକାଧିକ ଚେକ୍‌ପୋଷ୍ଟ ଅସ୍ଥାୟୀ ଭାବେ ସ୍ଥାପନ କରାଯାଇ ଚୋରା ଚାଲାଣକୁ ରୋକ୍ ଦେଉଥିଲେ । ତଥାପି ଚୋରା ପଥର ବେପାରୀ ଏବଂ ଟ୍ରକମାଲିକମାନେ ଗଳାବାଟରେ ପଥର ଦ୍ରବ୍ୟ ମେଟାଲ, ଚିଂ, ବୋଲଡର ପ୍ରଭୃତିକୁ ବାହାରକୁ ଚାଲାଣ କରି ମାଲେମାଲେ ହେଉଥିଲେ । ଏଥି ପାଇଁ ସରକାରୀ ଭାବେ ଧରପକଡ଼ ଚାଲି କିଛି ଜରିମାନ ବାବଦରେ ରାଜସ୍ୱ ଆଦାୟ କରାଯାଉଥିଲା । ମାତ୍ର ଗତ ୨ ମାସ ତଳେ ଜଣେ ତହସିଲଦାର ପଥର ଚୋରା ଚାଲାଣକରୀଙ୍କ ପାଖରୁ ଟଙ୍କା ନେବା ଅଭିଯୋଗରେ ଗିରଫ ହେବା ଫଳରେ ପ୍ରଶାସନ ପ୍ରତିଶୋଧ ପରାୟଣ ହୋଇ ଖାଦାନରେ ସମ୍ପୂର୍ଣ୍ଣ ବେଆଇନ ଉତ୍ତୋଳନ ଏବଂ ଚୋରା ଚାଲାଣ ରୋକିବାକୁ ଏକ ପ୍ରକାର ସଫଳ ହୋଇଛି । ତଥାପି ଗଳା ରାସ୍ତା ଦେଇ କିଛି କିଛି ରାତିଅଧିଅ ଜଙ୍ଗଲପାଖିଆ କ୍ରସରରେ । ପଥର ଭଙ୍ଗା ଚାଲିଛି । ଏହି ପଥରକୁ ଯଥେଷ୍ଟ ଚଢ଼ା ଦାମରେ ବାହାରକୁ ଚାଲାଣ କରାଯାଉଛି । ତେବେ ସଂପ୍ରତି ନିର୍ମାଣ ଋତୁ ଚାଲିଥିବା ବେଳେ ସରକାରୀ ଓ ଘରୋଇ ଭାବେ ରାସ୍ତାଘାଟ, ଗୃହ ଏବଂ ପୋଲ ଆଦି ନିର୍ମାଣ ପାଇଁ ଯଥେଷ୍ଟ ପରିମାଣରୁ ଚିଂ ମେଟାଲ ଦରକାର ଥିବା ସ୍ଥଳେ ଏହା ମିଳିପାରୁ ନାହିଁ ।

## କଳାହାଣ୍ଡିରେ ୪୧ ଗାଁ ର ୮ ଶହରୁ ଅଧିକ ଏକର ଜମିରେ ଜଳସେଚନ ସୁନିଶ୍ଚିତ କରିଛି ବେଦାନ୍ତ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ କୃଷି ଜୀବିକା ଓ ଜଳ ନିରାପତ୍ତାକୁ ସୁନିଶ୍ଚିତ କରିଛି। କମ୍ପାନି ନିଜର ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ୪୧ଟି ଗାଁରେ ପ୍ରାୟ ୮୦୦ ଏକର କୃଷିଜମିରେ ଜଳସେଚନ ସୁବିଧା ପ୍ରଦାନ କରି ୯ ହଜାରରୁ ଅଧିକ ଲୋକଙ୍କୁ ଉପକୃତ କରିଛି। ଏହି ପଦକ୍ଷେପରେ ୬୧ଟି ଜଳ ସଂରଚନାର ବିକାଶ ମାଧ୍ୟମରେ ୧୧ ଲକ୍ଷ ଘନ ମିଟରରୁ ଅଧିକ ଜଳ ପୁନର୍ଭରଣ କ୍ଷମତା ସୃଷ୍ଟି କରାଯାଇଛି, ଯଦ୍ୱାରା ଏହି ଜଳବାୟୁ ସଂବେଦନଶୀଳ ଅଂଚଳରେ ଭୂତଳ ଜଳ ଉପଲବ୍ଧି ଉନ୍ନତ ହେବା ସହ କୃଷି ଓ ଘରୋଇ ବ୍ୟବହାର ପାଇଁ ନିରନ୍ତର ଜଳ ଉପଲବ୍ଧତା ସୁନିଶ୍ଚିତ ହୋଇପାରୁଛି। ଜଳ ଅଭାବକୁ ଦୂର କରିବା ପାଇଁ ପରିକଳ୍ପନା କରାଯାଇଥିବା ପ୍ରକଳ୍ପ ସଙ୍ଗମ ଜଳବିଭାଜିକା ପରିଚାଳନା ପାଇଁ ଏକ ବୈଜ୍ଞାନିକ ଏବଂ ସମ୍ପ୍ରଦାୟ-କୈନ୍ଦ୍ରିକ ପଦ୍ଧତି ଗ୍ରହଣ କରେ। ଏହି କାର୍ଯ୍ୟକ୍ରମ ପାରମ୍ପରିକ ଜଳଭଣ୍ଡାରର ପୁନରୁଦ୍ଧାର, ସ୍ଥାୟୀ ଜଳସେଚନ ଭିତ୍ତିଭୂମି ସୃଷ୍ଟି ଏବଂ ମୌସୁମୀ ପ୍ରବାହକୁ ଦକ୍ଷ ଭାବରେ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦିଏ, ଯାହା ଭୂତଳ ଜଳ ସ୍ତରକୁ ପୁନର୍ବାର ପୂରଣ କରିବାରେ ସାହାଯ୍ୟ କରେ ଏବଂ ଅନିୟମିତ ବର୍ଷା ଉପରେ ଚାଷୀଙ୍କ ନିର୍ଭରଶୀଳତା ହ୍ରାସ କରେ।



ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ନିରନ୍ତର ବିକାଶ ପାଇଁ ଜଳ ସଂରକ୍ଷଣ ଏକ ମୌଳିକ ବିଷୟ। ବିଶେଷକରି କଳାହାଣ୍ଡି ଭଳି ଅଞ୍ଚଳରେ ଯେଉଁଠାରେ ଲୋକମାନେ କୃଷି ଉପରେ ଗଭୀର ଭାବରେ ନିର୍ଭରଶୀଳ, ସେଠାରେ ଏହା ବେଶ ଗୁରୁତ୍ୱପୂର୍ଣ୍ଣ। ପ୍ରୋଜେକ୍ଟ ସଙ୍ଗମ ମାଧ୍ୟମରେ, ଆମେ ସ୍ଥାୟୀ ଜଳ ସମ୍ପଦ ସୃଷ୍ଟି କରିବା ପାଇଁ ବୈଜ୍ଞାନିକ ଜଳବିଭାଜିକା ପରିଚାଳନାକୁ ସାମ୍ପ୍ରଦାୟିକ ଅଂଶଗ୍ରହଣ ସହିତ ସମନ୍ୱିତ କରୁଛୁ।"

ବୈଷୟିକ ବିଶେଷଜ୍ଞତା ସହିତ ସକ୍ରିୟ ଜନ ଭାଗୀଦାରକୁ ମିଶ୍ରଣ କରି, ଏହି ପଦକ୍ଷେପ ଜଳସମ୍ପଦର ସ୍ଥାନୀୟ ମାଲିକାନା ବୃଦ୍ଧି କରିବା ସହିତ, ବିଭିନ୍ନ ଗ୍ରାମର ଚାଷୀ ପରିବାର ପାଇଁ ନିର୍ଭରଯୋଗ୍ୟ ଜଳସେଚନକୁ ସକ୍ଷମ କରୁଛି। ଏହି ପଦକ୍ଷେପଗୁଡ଼ିକ ମୃତ୍ତିକା ଆର୍ଦ୍ରତା, ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ କୃଷି ପଦ୍ଧତି କ୍ଷେତ୍ରରେ ମଧ୍ୟ ଯୋଗଦାନ କରୁଛି। ଏ ବିଷୟରେ ଜଣେ ସ୍ଥାନୀୟ କୃଷକ କୃଷ୍ଣଚରଣ ମାଳି କହିଛନ୍ତି ଯେ "ବର୍ଷ ବର୍ଷ ଧରି ଆମର କୃଷିପଦ୍ଧତି ଅନିର୍ଦ୍ଦିଷ୍ଟ ବୃଷ୍ଟିପାତ ଉପରେ ନିର୍ଭର କରୁଥିଲା। ପ୍ରକଳ୍ପ ସଙ୍ଗମ ମାଧ୍ୟମରେ ଆମ ଜମି ପାଇଁ ଜଳସେଚନ ସମ୍ଭବ ହୋଇପାରିଛି, ଏହା ଆମ କୃଷି ଓ ଜୀବନକୁ ବଦଳାଇଦେଇଛି। ବର୍ଷସାରା ଜଳସେଚନ ଉପଲବ୍ଧ ହେଉଥିବାରୁ ଆମେ ଭଲ ଫସଲ ଅମଳ କରୁଛୁ, ଅଧିକ ଆୟ କରୁଛୁ ଓ ଗ୍ରୀଷ୍ମ ଋତୁରେ ଜମି ପଡ଼ିଆ ପଡୁନାହିଁ। ପ୍ରୋଜେକ୍ଟ ସଙ୍ଗମ ହେଉଛି ବେଦାନ୍ତ ଲାଞ୍ଜିଗଡ଼ର ଜଳବିଭାଜିକା ଏବଂ ଆଜୀବିକା ବିକାଶ କାର୍ଯ୍ୟକ୍ରମ, ଯାହା କଳାହାଣ୍ଡି ଜିଲ୍ଲାରେ ଜଳ-ଭିତ୍ତିକ ସମ୍ପତ୍ତି ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା-କେନ୍ଦ୍ରିତ ଯୋଜନାକୁ ଉପଯୋଗ କରିଥାଏ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସାରାବର୍ଷ ଉଭୟ କୃଷି ଏବଂ ପାନୀୟ ଉଦ୍ଦେଶ୍ୟରେ ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ୩୮୦୦ ଏକରରୁ ଅଧିକ ଜମିରେ ଜଳସେଚନ ସୁବିଧାର ସଂପ୍ରସାରଣ କରିବା।

### ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

# ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଚାଷୀଙ୍କୁ ନିରନ୍ତର ଜଳ ଯୋଗାଇଦେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବିଭିନ୍ନ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବ ବଡ଼ମ୍ବା ବ୍ଲକସ୍ଥିତ ପଦ୍ମନାଭପୁର ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଚେକ୍ ଡ୍ୟାମର ନବୀକରଣରେ ବ୍ୟୟ ଏବଂ ଏହାର ଜଳସେଚନ କ୍ଷମତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୯୦ ପ୍ରତିଶତ ବ୍ୟୟ ଅଟକଳ ଶେଷ କରିବାକୁ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ପାଣି ପଞ୍ଚାୟତ ଗଠନ ଏବଂ ୱାଟର ୟୁଜର୍ସ ଆସୋସିଏସନ ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚେକ୍ ଡ୍ୟାମର ସୁରକ୍ଷା ପାଇଁ ଅଫ୍ଲକ୍ସ ବନ୍ଧର ଟର୍ଫିଂ ଏବଂ ଅପ୍-ଷ୍ଟ୍ରିମ୍ ସ୍ଲୋପର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ନରସିଂହପୁର ବ୍ଲକସ୍ଥିତ ହାଡୁଆ ଜଳସେଚନ ପ୍ରକଳ୍ପର ସମୀକ୍ଷା ସମୟରେ କଂକ୍ରିଟ ଗ୍ରାଭିଟି ଡ୍ୟାମ୍ ଓ ସ୍ପିଲୱେ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରବାକୁ କରିଛନ୍ତି। ଏହା ବ୍ୟତୀତ ପ୍ରକଳ୍ପ ଅଞ୍ଚଳରେ ଏକ ସ୍କାଡା କଣ୍ଟ୍ରୋଲ ରୁମ, ପର୍ଯ୍ୟଟକଙ୍କ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି ।ଏହି ପରିଦର୍ଶନ ଏବଂ ସମୀକ୍ଷା ସମୟରେ ମାନ୍ୟବର ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ବିଭାଗୀୟ



ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକର ବିଭିନ୍ନ ପ୍ରକଳ୍ପର ଯାଞ୍ଚ କରିଥିଲେ। ମୁଖ୍ୟ ଯନ୍ତ୍ରୀ ପାଟଣାଗଡ଼ ବ୍ଲକର ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନଦୀ ବନ୍ଧର ଖାଲି ସ୍ଥାନକୁ ତୁରନ୍ତ ବନ୍ଦ କରି କାର୍ଯ୍ୟ ଶେଷ କରିବାକୁ ସେ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏହାସହ ମାୟାବତୀ ନଦୀ ଉପରେ ନିର୍ମିତ ବେରହାମପୁରା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସେତୁର ମଧ୍ୟ ସେ ଯାଞ୍ଚ କରିଥିଲେ। ନଦୀ ଜଳକୁ ସଞ୍ଚୟ କରି ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସେତୁର ଭେଣ୍ଟ ଗୁଡ଼ିକରେ ଶଟର୍ ଲଗାଇବା ପାଇଁ ସେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ପାଟଣାଗଡ଼ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୋଗାଣ ବିଭାଗ ପକ୍ଷରୁ ଚଢାଉ ୨୧ଟି ଗ୍ୟାସ ସିଲିଣ୍ଡର ଜବତ

ବାଲେଶ୍ୱର (ସବ୍ୟୁ)- ଯୋଗାଣ ବିଭାଗର ସ୍ୱତନ୍ତ୍ର ଟିମ୍ ସିମୁଳିଆରେ ଚଢ଼ଉ କରି ଏକ ବନ୍ଦ ଘରୁ ୨୧ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ଜବତ ହୋଇଛି । ସୂଚନାର ପ୍ରକାଶ ବାଲେଶ୍ୱର ଡେପୁଟି କଲେକଫର ସସ୍ମିତା ମୁର୍ମୁଙ୍କ ନେତୃତ୍ୱରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନା, ସିମୁଳିଆ ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ସିମୁଳିଆ ବ୍ଲକ୍ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସ, ବାଲେଶ୍ୱର ଯୋଗାଣ ନିରୀକ୍ଷକ ସୁଶାନ୍ତ ସାହୁ, ରାଜକୁମାର ସିଂ ଓ ରାକେଶ ପାତ୍ରଙ୍କ ସ୍ୱତନ୍ତ୍ର ଟିମ୍ ସିମୁଳିଆ ବ୍ଲକ୍ ଜାମୁଝାଡ଼ିସ୍ଥିତ ଝାଟିଆମାଳ ଛକର ଏକ ବନ୍ଦ ଘରେ ଚଢ଼ଉ କରିଥିଲା । ଏହି ସମୟରେ ସେଠାରୁ ୨୧ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ଓ ୩ଟି ଗ୍ୟାସ ଚୁଲା ଜବତ ହୋଇଥିଲା । ସେହିପରି ଟିମ୍ ଜାମୁଝାଡ଼ି ବଜାର ଓ ମାର୍କୋଣା ବଜାରର ବିଭିନ୍ନ ସ୍ଥାନରେ ଯାଞ୍ଚ କରିଥିଲା । ତେବେ ଯୋଗାଣ ବିଭାଗର ଯାଞ୍ଚ ବାବଦରେ ଖବର ପାଇ ଉକ୍ତ ଅଞ୍ଚଳର ଅଧିକାଂଶ ହୋଟେଲ୍ ଓ ଜଳଖିଆ ଦୋକାନ ବନ୍ଦ ଥିବା ଦେଖାଯାଇଥିଲା । ଏହି ଚଢାଉକୁ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ସୂଚନା ମିଳିଛି ।

### କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜମି ହଡ଼ପ

## ଭାରତୀୟ ସଂସ୍କୃତି ଶିକ୍ଷା ଓ ଗବେଷଣା ଏକାଡେମୀ ପକ୍ଷରୁ ଥାନାରେ ଏତଲା

କଟକ,(ସବ୍ୟୁ): ସ୍ୱର୍ଗତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସମ୍ପତ୍ତି ହଡ଼ପ ଓ ତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବାକୁ ହୋଇଥିବା ମସୁଧାକୁ ନେଇ କବିଚନ୍ଦ୍ର ଭାରତୀ ସଂସ୍କୃତି ଶିକ୍ଷା ଓ ଗବେଷଣା ଏକାଡେମୀ ପକ୍ଷରୁ ଲାଲବାଗ ଥାନାରେ ଏତଲା ହୋଇଛି । ଅଭିଯୋଗକାରୀ ତୀର୍ଥାନନ୍ଦ ମହାନ୍ତି ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୧୪୨ଖଣ୍ଡ ପୁସ୍ତକର ପ୍ରଣେତା କାଳୀଚରଣଙ୍କ ବାସସ୍ଥାନ ହେଉଛି, ଓଡ଼ିଶାର କଳାକାରଙ୍କ ଏକ ତୀର୍ଥସ୍ଥଳୀ । ସେ ପଦ୍ମଶ୍ରୀ ଉପାଧି ପାଇଥିଲେ ମଧ୍ୟ ତାକୁ ବିନମ୍ର ସହିତ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ୧୯୭୮ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହା ପୂର୍ବରୁ ତାଙ୍କର ସମସ୍ତ ସମ୍ପତ୍ତି ଓଡ଼ିଶାର କଳାକାରମାନଙ୍କୁ ଦାନ କରି ଦେଇଥିଲେ । ଯାହାର ପ୍ରମାଣ ରହିଛି । କିନ୍ତୁ କାଳୀଚରଣଙ୍କ ପୁତୁରା ଜାଲିଆତି କରି ତାଙ୍କର ସମ୍ପତ୍ତିକୁ ନିଜ ନାମରେ କରାଇ ନେଇଛନ୍ତି । ଏ ବାବଦରେ କବିଚନ୍ଦ୍ର ଏକାଡ଼େମୀ ପକ୍ଷରୁ ମାମଲା କୋର୍ଟରେ ବିଚାରଧିନ ରହିଛି । ପୁତୁରା କିଶୋରଚନ୍ଦ୍ର ପଟ୍ଟନାୟକ ଏବେ ରାଜ୍ୟ ସରକାରୀ ପ୍ରତିଷ୍ଠା କରିଥିବା କାଳୀଚରଣଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି । ପୁଲିସ ମାମଲା ପଞ୍ଜୀକରଣ କରି ତଦନ୍ତ ଜାରି ରଖିଛି ।

ଅନ୍ୟପଟେ ଗତକାଲି ଲାଲବାଗ ଥାନାରେ ଉକ୍ତ ଜମିରେ ଦୀର୍ଘ ବର୍ଷ ହେବ ରହି ଆସୁଥିବା କାଳୀଚରଣଙ୍କ ଜଣେ କର୍ମଚାରୀ ବନମାଳୀ ବାବୁ ମଧ୍ୟ ଏତଲା ଦେଇଥିଲେ । ସ୍ୱର୍ଗତ କାଳୀଚରଣ ପଟ୍ଟନାୟକ ଓଡିଶାର ଜଣେ ସୁନାମଧନ୍ୟ ବ୍ୟକ୍ତି । ଲାଲବାଗ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭ ଅଞ୍ଚଳରେ ତାଙ୍କର ଘର ରହିଛି । ଜୀବନର ଶେଷ ପର୍ଯ୍ୟନ୍ତ ସେ ଉକ୍ତ ବାସଗୃହରେ ରହିଥିଲେ । ସେଠାରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ସହିତ ଅଭିଯୋଗକାରୀ ବନମାଳୀ ବେହେରା ଜଡ଼ିତ ରହିଥିଲେ । ଫଳରେ ସ୍ୱର୍ଗତ ପଟ୍ଟନାୟକ ତାଙ୍କ ରହିବା ପାଇଁ ସେଠାରେ ଏକ ଚାଳଘର ନିର୍ମାଣ କରିଥିଲେ । ଫଳରେ ସେବେଠାରୁ ଆଜି ପର୍ଯ୍ୟନ୍ତ ବନମାଳୀ ତାଙ୍କ ପରିବାରକୁ ନେଇ ଆଜି ପର୍ଯ୍ୟନ୍ତ ରହିଆସୁଛନ୍ତି । ସେ ଏତଲାରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ପଟ୍ଟନାୟକ ନିଃସନ୍ତାନ ଥିଲେ । ତେଣୁ ସେ ନିଜ ଘରଟିକୁ ଉତ୍କଳ ସଂଗୀତ କଳାର ବିକାଶ ପାଇଁ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ । ଫଳରେ ଏହାକୁ ନେଇ ସେ ଓଡିଶୀ ସଂଗୀତ କଳାର ପ୍ରଚାର କରୁଥିବା ଏକ ସାଂସ୍କୃତିକ ଅନୁଷ୍ଠାନ ସ୍ୱର୍ଗତ ପଟ୍ଟନାୟକଙ୍କ ଜାଗାରେ କବିଚନ୍ଦ୍ରଙ୍କ ସ୍ମୃତିରେ କିଛି କାମ କରିବା ପାଇଁ ସରକାରଙ୍କୁ ଚିଠି ଲେଖିଛନ୍ତି । ଯାହାକି ସର୍ବସାଧାରଣ ଓ କଳା ପ୍ରେମୀଙ୍କ ପାଇଁ ବ୍ୟବହାର ହେବ, କିନ୍ତୁ ସ୍ୱର୍ଗତ କିଶୋର ଚନ୍ଦ୍ର ପଟ୍ଟନାୟକ ନାମକ ବ୍ୟକ୍ତି ନିଜକୁ କାଳୀଚରଣ ପଟ୍ଟନାୟକଙ୍କ ପୁତ୍ର ଭାବେ ଦର୍ଶାଇ ଉକ୍ତ ଜମିକୁ ନିଜ ନାମରେ କରାଇ ନେଇଛନ୍ତି । ଏ ନେଇ କୋର୍ଟରେ ମାମଲା ରୁଜୁ ହୋଇଛି । ଏ ସବୁ ସତ୍ତ୍ୱେ କିଶୋରଙ୍କ ଦୁଇପୁଅ ଓ ତାଙ୍କର ପରିବାରଲୋକ ଏଠାକୁ ଆସି ତାଙ୍କୁ ଘର ଛାଡିବାକୁ କହୁଛନ୍ତି । କିଛି ଅସାମାଜିକଙ୍କୁ ଧରି ଘରକୁ ଆସି ମୋ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୋତେ ଘର ଛାଡିବାକୁ କହିଥିଲେ । ଏପରିକି ଘର ନ ଛାଡିଲେ ମୋତେ ଓ ମୋ ପରିବାରକୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ଖାଲି ଏତିକି ନୁହେଁ, ବିଦ୍ୟୁତ ଓ ପାଣି ସଂଯୋଗ କାଟିଦିଆଯିବା ପରେ ଘର ନିଆଁ ଲଗାଇଦେବେ ବୋଲି ଚେତାବନୀ ଦେଇଛନ୍ତି । ଫଳରେ ଏହାକୁ ନେଇ ପରିବାର ସଦସ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି ବୋଲି ବନମାଳି ଦେଇଥିବା ଏତଲାରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯିବ ସହିତ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ଭୂତିଆ ସୂଚନା ଦେଇଛନ୍ତି ।

# ୫୦୦୦ ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ



ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର (ଏନସିଡବ୍ଲ୍ୟୁ- ଘଉଡ) ଅଧକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ମହିଳା ସଶକ୍ତିକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହୋଇପାରିବେ।

ଏଥିସହ ଏନସିଡବ୍ଲ୍ୟୁ ଅଧକ୍ଷା ଶ୍ରୀମତୀ ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶ୍ରୀ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।

### ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅମ୍ବାନୀଙ୍କ ଉପହାର

# ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ

ଭୁବନେଶ୍ୱର, (ସବ୍ୟୁ): ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ। ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର ବନତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି। ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ। ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ। ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି




ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ଏହା ସହ ସେମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଭବିଷ୍ୟତର ଜୀବିକା ନିର୍ବାହରେ ସହାୟକ ହେବ।

ଅନନ୍ତଙ୍କ ଜନ୍ମଦିନ ପାଳନର ଅଂଶ ସ୍ୱରୂପ କିସ ଛାତ୍ରଛାତ୍ରୀମାନେ ଏକ ବିଶାଳ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଓ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କିସ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀମାନେ ବନତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ। ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମଗ୍ର କ୍ୟାମ୍ପସରେ ଉତ୍ସବମୁଖର ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଅନନ୍ତଙ୍କୁ ସେମାନଙ୍କର ଶୁଭ କାମନା ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାମନ୍ତ ମଧ୍ୟ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ସାମନ୍ତ କହିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜବୁତ କରିବ। ଏଭଳି ସମର୍ଥନ ସାଧାରଣ ଜନଜାତି ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖିବା ସହ ସୁଯୋଗର ନୂତନ ଦ୍ୱାର ଖୋଲିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କିସର ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଟିପିସିଓଡିଏଲର ହ୍ୱାଟ୍ସଆପ୍‌ଭିତ୍ତିକ ବିଲ୍ ପେମେଣ୍ଟ ସେବାର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ପେ-ଲୋକାଲ୍ ଫିନଟେକ୍ ପ୍ରାଇଭେଟ୍ ଲିମିଟେଡ୍ ସହିତ ମିଶି ଟିପିସିଓଡିଏଲ୍ ରାଜ୍ୟରେ ପ୍ରଥମ ଥର ପାଇଁ ହ୍ୱାଟ୍ସଆପ୍ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ କରିବାର ଅଭିନବ ସୁବିଧା ଆରମ୍ଭ କରିଛି । ଉପଭୋକ୍ତାଙ୍କୁ ଅଧିକ ସୁବିଧା ଯୋଗାଇବା ସହନଗଦବିହୀନ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲର ଚାଲିଥିବା ଡିଜିଟାଲ୍ ରୂପାନ୍ତରଣ ଯାତ୍ରାରେ ଏହି ଅଭିନବ ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ।ଏହି ସହଭାଗିତା ଫଳରେ ଉପଭୋକ୍ତାମାନେ ଏବେ ସିଧାସଳଖ ହ୍ୱାଟ୍ସଆପ୍ ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଦେଖିପାରିବେ ଏବଂବିଲ୍ ପୈଠ ମଧ୍ୟ କରିପାରିବେ । ଏହି ବ୍ୟବସ୍ଥା ଏକ ସହଜ, ସୁରକ୍ଷିତ ଏବଂ ଉପଭୋକ୍ତାଙ୍କ ବ୍ୟବହାର ପାଇଁ ଅନୁକୂଳ ଇଣ୍ଟରଫେସ୍ ପ୍ରଦାନ କରିବ,ଯେଉଁଠାରେ ଉପଭୋକ୍ତାମାନେ ବିଲ୍ ବିବରଣୀ ଦେଖିବା ସହ ପେମେଣ୍ଟ ରିମାଇଣ୍ଡର ପାଇପାରିବେ ଏବଂ ଏକାଧିକ ପେମେଣ୍ଟ ବିକଳ୍ପବ୍ୟବହାର କରି ତୁରନ୍ତ ଟଙ୍କା ଜମା କରିପାରିବେ । ପେ-ଲୋକାଲ୍ ସହିତ ଏହି ସହଯୋଗିତା ବିଶେଷ କରି ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଏହି ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଟିପିସିଓଡିଏଲ୍ ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, ପେ-ଲୋକାଲ୍ ସହିତ ଏହିସହଭାଗିତା ବିଦ୍ୟୁତ୍ ସେବାକୁ ଅଧିକ ସୁଗମ, ସୁବିଧାଜନକ ଏବଂ ଡିଜିଟାଲ୍ ମାଧ୍ୟମରେ ସମସ୍ତଙ୍କ ପାଇଁ ଉପଲବ୍ଧ କରିବା ଦିଗରେ ଆମର ପ୍ରତିବଦ୍ଧତା ଦର୍ଶାଉଛି ।

## ସମ୍ଭାବୀ ସୁରୁଚିର ଶୁଭାରମ୍ଭ ସ୍ୱାଦ ଓ ସ୍ୱାବଲମ୍ବନ

ଭୁବନେଶ୍ୱର, (ସବ୍ୟୁ): ହମାରା ବଚ୍‌ପନ ଟ୍ରଷ୍ଟ ଭୁବନେଶ୍ୱର କନ୍ଧ ସାହିଠାରେ ସଫଳତାର ସହିତ ଏହାର ସାମାଜିକ ଉଦ୍ୟୋଗ 'ସମ୍ଭାବୀ ସୁରୁଚି: ସ୍ୱାଦ ଓ ସ୍ୱାବଲମ୍ବନ"ର ଶୁଭାରମ୍ଭ କରିଛି। ଏହି ପ୍ରୟାସ ମହିଳା ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟପ୍ରଦ ଏବଂ ଗୁଣାତ୍ମକ ଖାଦ୍ୟ ଅଭ୍ୟାସଗୁଡିକ ପ୍ରୋତ୍ସାହିତ କରିତଥା ସେମାନଙ୍କର ଜୀବିକାକୁ ସୁଦୃଢ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସିଏସ୍ଆର-ସମର୍ଥିତ ପ୍ରୟାସକୁ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍‌ପିଏଲ) ସମର୍ଥନ ଯୋଗାଇ ଦେଉଛି। ସୁରୁଚି ଉଦ୍ୟୋଗ ମହିଳା କ୍ଷୁଦ୍ର ଖାଦ୍ୟ ବିକ୍ରେତାଙ୍କୁ ସମର୍ଥନ ଯୋଗାଇଚଦେଇ ସେମାନଙ୍କୁ ଅସଂଗଠିତ କ୍ଷେତ୍ରରୁ ଇଜ୍ଜତଦାର, ଦୀର୍ଘସ୍ଥାୟୀ ଏବଂ ସଂଗଠିତ ଜୀବିକା ଉପାର୍ଜନ ଆଡକୁ ରୂପାନ୍ତରଣ କରିବା ନିମନ୍ତେ ଡିଜାଇନ କରାଯାଇଛି।

### ୨୫ ବର୍ଷ ଧରି ଅଦାଲତଙ୍କ ଆଦେଶକୁ ମାନୁ ନାହାନ୍ତି ସରକାର

# ହାଇକୋର୍ଟ କ୍ଷୁବ୍ଧ, ୨୫ ହଜାର ଡଣ୍ଡ ଦେଇ ଆବେଦନକାରୀଙ୍କ ଚାକିରି କର ନିୟମିତ

କଟକ,(ସବ୍ୟୁ): ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ଜଣେ ଚତୁର୍ଥ ଶ୍ରେଣୀ ଆବେଦନକାରୀଙ୍କୁ ନିୟମିତ ପାଇଁ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଗଲା ନାହିଁ । ୨୫ବର୍ଷ ହେଲା ଆବେଦନକାରୀଙ୍କ ନିୟମିତ ହେବା ନିଷ୍ପତ୍ତି ଝୁଲି ରହିଲା । ହାଇକୋର୍ଟରେ ପୁନର୍ବାର ଏହି ମାମଲାର ଶୁଣାଣି ଅବସରରେ ଖଣ୍ଡପୀଠ କ୍ଷୁବ୍ଧ ହେବାସହ ରାଜ୍ୟ ସରକାରଙ୍କୁ ୨୫ ହଜାର ଟଙ୍କାର ଡଣ୍ଡ ଗଣିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।ଏହି ଅର୍ଥ ଆବେଦନକାରୀଙ୍କୁ ପ୍ରଦାନ କରାଯିବ । ଏଥିସହ ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ନିୟମିତ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଆବେଦନକାରୀଙ୍କୁ ନିୟମିତ କରାନଯାଏ ତାହେଲେ ପ୍ରତିଦିନ ଶହେ ଟଙ୍କା ଲେଖାଏଁ ମାସକ ପାଇଁ ଦେବାକୁ ପଡ଼ିବ। ଏହା ପରଠାରୁ ଦିନକୁ ୨ଶହ ଟଙ୍କା ଲେଖାଏଁ ଦେବାକୁ ପଡ଼ିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । କୈଳାସ ଚନ୍ଦ୍ର ପାଳଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବେଦନାରୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ୧୯୯୬ ମସିହାରେ ନିଯୁକ୍ତି ପାଇଥିଲେ ।ସେ ଦୈନିକ ମଜୁରୀ ଆଧାରରେ ଏହି ଚାକିରି କରିଥିଲେ। ଆବେଦନକାରୀଙ୍କ ସହ ଅନ୍ୟ ଦୁଇଜଣ ମଧ୍ୟ ଚୁତର୍ଥ ଶ୍ରେଣୀ ପଦରେ ଚାକିରି କରିଥିଲେ । ଆବେଦନକାରୀ ନିୟମିତ ପାଇଁ ୧୯୯୯ ମସିହାରେ ସ୍ୟାଟ୍‌ରେ ପ୍ରଥମେ ଆବେଦନ କରିଥିଲେ। ଏହି ଆବେଦନ ଉପରେ ଶୁଣାଣି କରି ସ୍ୟାଟ୍ ୨୦୦୦ ମସିହାରେ ତାଙ୍କ ସ୍ମାରକପତ୍ର ଉପରେ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆବେଦନକାରୀଙ୍କ ସ୍ମାରକପତ୍ରକୁ ୨୦୦୫ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖାରଜ କରି ଦିଆଯାଇଥିଲା । ଫଳରେ ଆବେଦନକାରୀ ପୁନର୍ବାର ସ୍ୟାଟ୍‌କୁ ଆସିଥିଲେ । ସେହି ବର୍ଷ ସ୍ୟାଟ୍ ମାମଲାର ସମାଧାନ କରିବା ପରିପ୍ରେକ୍ଷୀରେ ଆବେଦନକାରୀଙ୍କ ଦୁଇ କନିଷ୍ଠ ସହଯୋଗୀ ନିୟମିତ ହୋଇସାରିଥିବାରୁ ତାଙ୍କୁ ମଧ୍ୟ ନିୟମିତ କରିବା ଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ରାଜ୍ୟ ସରକାର ୨୦୦୭ରେ ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ୨୦୦୯ରେ ରାଜ୍ୟ ସରକାରଙ୍କ ଅପିଲ୍‌କୁ ଖାରଜ କରିବା ସହ ଆବେଦନକାରୀଙ୍କୁ ନିୟମିତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କଠାରୁ ଦୁଇ କନିଷ୍ଠ କର୍ମଚାରୀଙ୍କ ନିୟମିତ ହୋଇସାରିଥିବାରୁ ତାଙ୍କୁ ନିୟମିତ କରିବାରେ କୌଣସି ସମସ୍ୟା ନାହିଁ ବୋଲି ହାଇକୋର୍ଟ ମତଦେବା ସହ ରାଜ୍ୟ ସରକାରଙ୍କ ଅପିଲ୍‌କୁ ଖାରଜ କରି ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୬ ବାଇକ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ଚିନ୍ତାମଣିଶ୍ୱରରେ ଅଗ୍ନିକାଣ୍ଡ ଘଟି ୬ ବାଇକ୍ ଜଳିଯାଇଛି । ଅଗ୍ନିକାଣ୍ଡ କିପରି ହେଲା ସ୍ପଷ୍ଟ ହୋଇନଥିବା ବେଳେ ଅଗ୍ନିଶମ ବାହିନୀ ତାହା ଜାଣିବା ପାଇଁ ତଦନ୍ତ କରୁଛି । ଗୁରୁବାର ବର୍ଷା ହେବା ସମୟରେ ବିଜୁଳି- ଘଡଘଡି ଜୋର୍‌ରେ ମାରିଥିଲା । ସେହି ସମୟରେ ଚିନ୍ତାମଣିଶ୍ୱରର ଏକ ତିନି ମହଲା କୋଠାର ତଳମହଲାରେ ନିଆଁ ଲାଗିଯାଇଥିଲା । ତଳ ମହଲାରେ ଥିବା ୬ ବାଇକ୍ ନିଆଁରେ ପୋଡିଯାଇଛି ।
ନିଆଁ ଲାଗିବା ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର କରାଯାଇଥିଲା । ଅଗ୍ନିଶମ ବାହିନୀର କର୍ମଚାରୀ ଗୋଟିଏ ଗାଡି ଧରି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ନିଆଁ ବିଜୁଳି-ଘଡଘଡିରୁ ଲାଗିଛି ନା ସର୍ଟସର୍କିଟ୍‌ରୁ ଲାଗିଛି ତାହା ସ୍ପଷ୍ଟ ହୋଇନଥିବା ଅଗ୍ନିଶମ ବାହିନୀ ସୂତ୍ରରୁ ପ୍ରକାଶ ।

### ଧର୍ମଶାଳାର ବାଉଁଶଡୋଳରେ ଝାଡାବାନ୍ତି ବ୍ୟାପିଲା

# ଜଣେ ମୃତ, ୨୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ, ଗାଁରେ ପହଞ୍ଚିଲା ମେଡିକାଲ ଟିମ

ଚଣ୍ଡିଖୋଲ/ଚଡେଇଧରା( ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ଅନ୍ତର୍ଗତ ବାଉଁଶଡୋଳ ଗ୍ରାମରେ ତିନିଦିନ ହେବ ଝାଡାବାନ୍ତି



ରୋଗ ବ୍ୟାପିଛି। ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ଦିନ ମୃତ୍ୟୁ ଘଟିଥିଲା ବେଳେ ୨୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ଏବେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି। ରୋଗୀଙ୍କ ମଧ୍ୟରେ ଅଧିକାଂଶ ମହିଳା ଥିବା ଦେଖାଯାଉଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ନାମ ବାଦଲ ମଲିକ (୩୫ ବର୍ଷ) ବୋଲି ଜଣାପଡିଛି। ମୃତ ଓ ସମସ୍ତ ଆକ୍ରାନ୍ତ ବାଉଁଶଡୋଳ ହରିଜନ ସାହିର ଲୋକ ବୋଲି ଜଣାପଡିଛି। ତେବେ ଏହି ଗ୍ରାମର ପାଞ୍ଚାଳୀ ମଲିକ,ଶାନ୍ତି ମଲିକ, ପଙ୍କଜ ମଲିକ,କାଞ୍ଚନ ମଲିକ,ସମୀର ମଲିକଙ୍କ ସହ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଏମାନେ ସମସ୍ତେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତିତ ଜେନାପୁର ଥାନା କବାଟବନ୍ଧ ଡାକ୍ତରଖାନାରେ ମଧ୍ୟ କେତେକ ରୋଗି ଚିକିତ୍ସିତ ହୋଇଥିବା କୁହାଯାଉଛି। ଦୂଷିତ ପାଣି ଯୋଗୁଁ ଗ୍ରାମରେ ଏହି ରୋଗ ବ୍ୟାପିଥିବା ଜଣାପଡିଛି। ଖବର ପାଇ ଗୁରୁବାର ଦିନ ଦୁଇଟି ଡାକ୍ତରୀ ଦଳ ବାଉଁଶଡୋଳରେ ପହଞ୍ଚି ଘଟଣାର ତଦାରଖ କରିବା ସହିତ ଘରକୁ ଘର ବୁଲି ରୋଗିଙ୍କ ଅବସ୍ଥା ବୁଝିବା ସହ ଆବଶ୍ୟକୀୟ ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ସେହିପରି ଅନ୍ୟ ଏକ ଟିମ ଗ୍ରାମର ଜଳ ଉତ୍ସ ଗୁଡିକରୁ ନମୁନା ସଂଗ୍ରହ କରି ତାକୁ ପରିକ୍ଷା ପାଇଁ ପଠାଇଛନ୍ତି। ଗତ ୪/୫ ଦିନ ହେବ ଗ୍ରାମରେ ଜଣକ ପରେ ଜଣେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଉପଯୁକ୍ତ ଚିକିତ୍ସା ନମିଳିବାରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହୋଇପଡିଥିବା ଲୋକେ ଅଭିଯୋଗ କରିଛନ୍ତି।

## ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତି ଚର୍ଚ୍ଚା

ବାଲେଶ୍ୱର (ସବ୍ୟୁ)- ଓଡ଼ିଶାର ବହୁ ଚର୍ଚ୍ଚିତ ଗାଳ୍ପିକ ଓ ଏକାଡେମୀ ପୁରସ୍କାର ପ୍ରାପ୍ତ କଥାକାର ସଦାନନ୍ଦ ତ୍ରିପାଠୀଙ୍କ ଦିବଂଗତିରେ ବାଲେଶ୍ୱରର ଏଡିଏମ୍ ଛକ ନିକଟସ୍ଥ ଶ୍ରୀକକ୍ଷରେ ଫକୀରମୋହନ ଗୋଲେଇ ସାହିତ୍ୟ ଆସର ତରଫରୁ ଏକ ଶୋକସଭା କବି ଉପିଳ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଗାଳ୍ପିକଙ୍କର ସ୍ମୃତି ଚର୍ଚ୍ଚା କରି ପ୍ରଶାନ୍ତ ଦାସ, ଶ୍ରୀଦେବ, ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ତାଙ୍କ ସହ ସଂପର୍କ କିପରି ଗଢ଼ିଉଠିଥିଲା ସେ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଜଣେ ସାହିତ୍ୟିକ ଆଲୋଚକ ସଂଗଠକ ଓ ସୁବକ୍ତା ଭାବରେ ସେ କିପରି ଅନନ୍ୟଥିଲେ ସେ ସଂପର୍କରେ ମତ ରଖିଥିଲେ ।

## ଶାନ୍ତି ମହିଳା ୱାକର୍ସ କ୍ଲବ୍ ପକ୍ଷରୁ ମମତା ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ

କଟକ, (ସ୍ୱପ୍ର) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଶାନ୍ତି ମହିଳା ୱାକର୍ସ କ୍ଲବ୍ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ କରିଆସୁଛି । ବୃକ୍ଷରୋପଣ, ରକ୍ତଦାନ, ଖାଦ୍ୟ, ବସ୍ତ୍ର ବଣ୍ଟନ




ଆଦି ଅନେକ ସେବା ମୂଳକ କାର୍ଯ୍ୟ କରି ବେଶ୍ ସୁନାମ ଅର୍ଜନ କରିସାରିଲାଣି । କ୍ଲବ୍ ପକ୍ଷରୁ ସମସ୍ତ ସଦସ୍ୟାମାନେ ସ୍ଥାନୀୟ ବିଡାନାସୀ ଠାରେ ଥିବା ମମତା ଆଶ୍ରୟ ସ୍ଥଳୀରେ ଥିବା ମହିଳା ଓ ଶିଶୁଙ୍କ ସମେତ ୩୫ଜଣ ଅନ୍ତେବାସୀଙ୍କୁ ଭାତ, ଡାଲମା, ଭଜା, ତରକାରୀ ଆଦି ସୁସ୍ୱାଦୁ ବ୍ୟଞ୍ଜନ ବଣ୍ଟନ କରିଥିଲେ । ଖାଲି ସେତିକି ନୁହେଁ ଛୋଟ ପିଲାମାନଙ୍କୁ ମିଠା ଓ ଚକୋଲେଟ ମଧ୍ୟ ବଣ୍ଟନ କରିଥିଲେ । ଏଥିରେ ବିଜୁ ପଟ୍ଟନାୟକ ପାର୍କ ୱାକର୍ସ କ୍ଲବ୍‌ର ଅର୍ଗାନାଇଜିଙ୍ଗ ସେକ୍ରେଟାରୀ ପବିତ୍ର ମହାନ୍ତିଙ୍କ ସମେତ ଶାନ୍ତି ମହିଳା ୱାକର୍ସ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାମାନେ ମମତା ଅନ୍ତେବାସୀଙ୍କ ସହିତ ଏକତ୍ର ଭୋଜନ କରିଥିଲେ ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

କଟକ ,(ସବ୍ୟୁ):କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗତ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ । ଇତି ମଧ୍ୟରେ ମଙ୍ଗୁଳି ଠାରେ ଦୁର୍ଘଟଣା ଏଡାଇବାକୁ କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଇବା କାର୍ଯ୍ୟ ସମ୍ପନ୍ନ ହେବାନେଇ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ସୂଚନା ଦେଇଥିଲେ । ବାଲିଘାଟରୁ



ବାଲି ପରିବହନ ସମୟରେ ରାସ୍ତାରେ ପଡୁଥିବା ବାଲିକୁ ନିୟମିତ ଭାବେ ସଫା କରିବାକୁ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା । "ନୋ ପାର୍କିଂ" ଫଳକ ଲାଗିଥିବା ସ୍ଥାନରେ ଅବୈଧ ଭାବେ ପାର୍କିଂ କରୁଥିବା ଯାନବାହାନ ଗୁଡିକୁ ନିୟମିତ ଭାବେ ଚଢାଉ କରିବା ଏବଂ ଅମାନିଆ ଗାଡିଚାଳକ ,ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି । ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପୂର୍ବବର୍ଷ ଜାନୁୟାରୀ ରୁ ମାର୍ଚ୍ଚ ମଧ୍ୟରେ ୭୩୫ ଥିବାବେଳେ ଚଳିତବର୍ଷ ୮୩୦ କୁ ବୃଦ୍ଧିପାଇଛି । ବୈଠକରେ ଆଞ୍ଚଳିକ ପରିବହନ ବିଭାଗ ତରଫରୁ " ଗୁଡ ସମରୀଟାନ୍" ଭାବେ ସୌମିତ୍ରି ଦାଶଙ୍କୁ ୪୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

## ସ୍ପଷ୍ଟ ଦିବାଲୋକରେ ଭୁଜାଲି ଦେଖାଇ ମୋବାଇଲ ଛିନ୍‌ତାଇ

ବାଲେଶ୍ୱର (ସବ୍ୟୁ)-ବାଲେଶ୍ୱର ସହରର ଗୋପାଳଗାଁ ପି. ପଣ୍ଡା ଲେନରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଜଣେ ବାଦାମ ବିକାଳିଙ୍କ ଠାରୁ ୩ଜଣ ଯୁବକ ଭୁଜାଲି ଦେଖାଇ ମୋବାଇଲ ଛିନ୍‌ତାଇ କରିଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ସାଇକେଲରେ ବୁଲିବୁଲି ବାଦାମ ବିକ୍ରି କରୁଥିବା ଜଣେ ବ୍ୟକ୍ତି ପି.ପଣ୍ଡା ଲେନରେ ଥିବା ମୋବାଇ ଟାୱାର ପାଖରେ ଛିଡ଼ାହୋଇ ଫୋନରେ କଥା ହେଉଥିବା ବେଳେ ୩ଜଣ ଯୁବକ ବାଇକ ରେ ଆସି ବାଦାମ ବିକାଳିକୁ ଭୁଜାଲି ଦେଖାଇ ମୋବାଇଲ ଛଡ଼ାଇନେଇ ପଳାଇଥିଲେ । ତାଙ୍କ ପାଟିଶୁଣି ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଥିଲେ ମଧ୍ୟ କିଛି କରିପାରି ନଥିଲେ ।




ପୁରୀରେ ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଂଗୀତଗୁରୁ ଆର୍ତତ୍ରାଣ ଶତପଥୀ, ବୃନ୍ଦାବନ ଭାରତ ସେବାଶ୍ରମ ସଂଘର ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ, ତବଲା ବାଦକ ଗୁରୁ ଶରତ ରଥ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ ସେଠି, ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଓ କାର୍ଯ୍ୟକ୍ରମର ଆୟୋଜକ ନାରାୟଣ ପାଣ୍ଡେ ।

# ପଲାସା-ଇଚ୍ଛାପୁର ସେକ୍ସନକୁ ପୂର୍ବତଟ ରେଳ ଜୋନ୍‌ରୁ ସ୍ଥାନାନ୍ତରକୁ ବିରୋଧ କଲା ସିପିଏମ



ବ୍ରହ୍ମପୁର, (ସବ୍ୟୁ): ଖୋର୍ଦ୍ଧା ରୋଡ଼ ଡିଭିଜନରୁ ଇଚ୍ଛାପୁର ଓ ପଲାସା ସେକସନକୁ ବିଶାଖାପାଟଣା ଡିଭିଜନକୁ ହସ୍ତାନ୍ତର କରିବା ନିଷ୍ପତ୍ତି ଓଡ଼ିଶାର ସମ୍ମାନ ପ୍ରତି କୁଠାରଘାତ ବୋଲି ସିପିଏମ ପକ୍ଷରୁ କୁହାଯାଇଛି ।

କେନ୍ଦ୍ର ସରକାରଙ୍କ ସ୍ଥାୟୀତ୍ୱ ପାଇଁ ଚନ୍ଦ୍ରାବାବୁ ନାଇଡୁ ପାଖରେ ବିଜେପି ଆତ୍ମସମର୍ପଣ କରୁଛି । ନାଇଡୁଙ୍କ ପୋଲାଭରମ ଡ୍ୟାମ, ଅଧିକ ଅନୁଦାନ, ନୂଆ ଯୋଜନା, ଓଡିଶାରୁ ବିଭିନ୍ନ ରେଳ ଷ୍ଟେସନ ନେବାଭଳି ସର୍ତ୍ତ ବିଜେପି ପୂରଣ କରିଚାଲିଛି । ଏଥିରେ ଓଡ଼ିଶାର କ୍ଷତି ଘଟିଲେ ମଧ୍ୟ ରାଜ୍ୟ ବିଜେପି ସରକାର ପ୍ରତିବାଦ କରିବାର ସାହସ ନାହିଁ । ତେଣୁ ଏଭଳି ଓଡିଶା ବିରୋଧୀ କାର୍ଯ୍ୟ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ପଲାସା ଓ ଇଚ୍ଛାପୁର ଖୋର୍ଦ୍ଧା ଡିଭିଜନରୁ ହସ୍ତାନ୍ତର ହେବାପରେ ଆମର ପ୍ରାୟ ୫୦ ରେଳ ଲାଇନ, ୮ ଟି ଷ୍ଟେସନ, ଏଥିରୁ ଆଦାୟ ରାଜସ୍ୱ ଓ କର୍ମଚାରୀ ଉପରୁ ନିୟନ୍ତ୍ରଣ ଚାଲିଯିବ ।

ପଲାସାରୁ ବାହାରୁ ଥିବା ଟ୍ରେନ ଗୁଡିକ ବିଭିନ୍ନ ଅମାଲାତାନ୍ତ୍ରୀକ ନିଷ୍ପତ୍ତିର ଶିକାର ହେବ । ଯାହାକି ଆମର ରାଜସ୍ୱ ହାନୀ ସହିତ ପରିଚାଳନା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିବ । ରେଳ ଯୋନ ରାଜ୍ୟ ଭିତିକ ନୁହେଁ । ଯଦି ଆନ୍ଧ୍ରପ୍ରଦେଶ ପାଇଁ ରାଜ୍ୟ ଭିତିକ କରାଯିବ ତେବେ ଓଡ଼ିଶାର ବାହାରେ ଥିବା ଷ୍ଟେସନ ଗୁଡିକୁ ଓଡିଶାକୁ ଆଣିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ । ନଚେତ ରାଜ୍ୟ ବାସୀ କ୍ଷମଦେବେ ନାହିଁ । ରେଳବାଇ ଏହି ନିଷ୍ପତ୍ତି ଯଦି ପ୍ରତ୍ୟାହାର ନକରନ୍ତି, ତାହାହେଲେ ଅଗାମିଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସତର୍କ କରାଯାଇଛି ।

ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ,ରାଜରାଓ, ଚିଟିବାବୁ, ହରି ନାହାକ, କେଶବ ଗୌଡ଼, ମୋହନ ରାଓ,ନ ୀଳ ମାଧବ ରଥ ପ୍ରମୁଖ ନେତୃତ୍ୱ ନେଇଥିଲେ । ରେଳ ମନ୍ତ୍ରୀଙ୍କ ଉଦ୍ଦେ୍ୟଶରେ ଏକ ସ୍ମାରକପତ୍ର ଷ୍ଟେସନ ମାନେଜରଙ୍କ ଜରିଆରେ ପ୍ରଦାନ କରାଯାଇଛି ।

# ମିଶୁଛି ରାସାୟନିକ ଦ୍ରବ୍ୟ, ପ୍ରଦୂଷିତ ହେଉଛି ଖାଦ୍ୟ ପସରା

ବୁଗୁଡା, (ସବ୍ୟୁ) : ଆରମ୍ଭ ହୋଇ ଗଲାଣି ଦଣ୍ଡଯାତ୍ରା ପର୍ବ । ଖୋଲା ମେଲାରେ ପଡିଲାଣି ମାଳମାଳ ଖାଦ୍ୟ ସାମଗ୍ରୀର ପସରା । କେବଳ ଗ୍ରାମାଞ୍ଚଳରେ ନୁହେଁ, ବୁଗୁଡ଼ା ସହରରେ ମଧ୍ୟ ଠେଲା ଗାଡିଠାରୁ ଆରମ୍ଭ କରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି ।

ବିନା ଲାଇସେନ୍ସରେ ରାସ୍ତା କଡରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ । ନାଳ ନର୍ଦ୍ଦମା କଡେ ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ଦହିବରା, ଆଳୁଦମ୍, ଗୁପଚୁପ, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡାଇ ରଖାଯାଉ ନାହିଁ । ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି । ତେଣୁ ଏସବୁ ଖାଦ୍ୟ ଏକ ପ୍ରକାର ବିଷାକ୍ତ ହୋଇପଡୁଛି । ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି । ଆଗାମୀ ଦିନରେ ଏହା ଜଣ୍ଡିସ୍ ସାଙ୍ଗକୁ ଅନ୍ୟାନ୍ୟ ରୋଗକୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଆଖପାଖ ଅଞ୍ଚଳରୁ ମଧ୍ୟ ଅନେକ ଲୋକ ବୁଗୁଡ଼ା ସହରକୁ ବିଭିନ୍ନ କାମରେ ଆସୁଥିବା ବେଳେ ଏହି ଫାଷ୍ଟଫୁଡକୁ ଆଦରି ନେଉଛନ୍ତି ।

ଖାଲି ସେତିକି ନୁହେଁ ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଉଥିବା ବିଭିନ୍ନ କୃତିମ ରଙ୍ଗ ସାଙ୍ଗକୁ ଚାଇନା ସଲଟ୍, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି । ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି ।

# ବ୍ରିଜ୍ ତଳକୁ ଖସି ବାଇକ୍ ଦୁର୍ଘଟଣା : ଜଣେ ମୃତ, ଜଣେ ଆହତ

ଭଞ୍ଜନଗର, (ସବ୍ୟୁ): ଭଂଜନଗର ଥାନା ଅନ୍ତର୍ଗତ କୁଲାଡ ନିକଟସ୍ଥ କୋଟିବରାଡି ନିକଟରେ ବାଇକ୍ ଦୁର୍ଘଟଣା । ଏଥିରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମର ସଞ୍ଜୟ ପ୍ରଧାନ (୨୫) ଆହତ ଜଣକ ଶୁଭମ୍ ମଳିକ ଛିଷା ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପ୍ରକାରେ ବୁଧବାର ବିଳମ୍ବିତ ରାତିରେ ସଞ୍ଜୟ ଏବଂ ଶୁଭମ୍ ଉଭୟେ ମିଶି ଦଣ୍ଡନାଚ ଦେଖିବାକୁ ଯାଉଥିଲେ । ଶୁଭମ୍ ବାଇକ୍ ଚଳାଉଥିଲେ ଏବଂ ସଞ୍ଜୟ ସେଥିରେ ବସିଥିଲେ । ଯାଉଥିବା ରାସ୍ତାରେ କୁଲାଡ ନିକଟ କୋଟିବରାଡି ଠାରେ ଥିବା ଏକ ପୋଲ ଦେହରେ ପିଟି ହୋଇ, ବାଇକ୍‌ଟି ତଳକୁ ଖସି ପଡ଼ିଥିଲା । ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଧାର କରି ଭଂଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସଞ୍ଜୟଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ଏନେଇ ସଞ୍ଜୟଙ୍କ ବାପା ଚନ୍ଦ୍ରମଣି ପ୍ରଧାନ, ଭଂଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମୃତଦେହକୁ ଜବତ କରି, ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ଭଂଜନଗର ଥାନା ପୋଲିସ ।

# ସ୍କୁଟି ଧକ୍କାକୁ କେନ୍ଦ୍ରକରି ଯୁବକଙ୍କୁ ମାରଣାତ୍ମକ ଆକ୍ରମଣ



ଛତ୍ରପୁର, (ସବ୍ୟୁ): ରମ୍ଭା ଥାନା ଅନ୍ତର୍ଗତ ଗଜପତିନଗରର ଶିବ ଦାସ ନାମକ ଯୁବକଙ୍କୁ ସାମାନ୍ୟ ସ୍କୁଟି ଗାଡି ଧକ୍କାକୁ କେନ୍ଦ୍ର କରି ୪/୫ ଜଣ ବ୍ୟକ୍ତି ଠେଙ୍ଗାରେ ବାଡେଇ ବାଡେଇ ବାଡେଇ ମାରଣାତ୍ମକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେରେ ପିଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଶିବ ଗୁରୁତର ଅବସ୍ଥାରେ ଛତ୍ରପୁର ଉପଖଣ୍ଡ ଚିକତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।

ଏ ଘଟଣାକୁ ନେଇ ଶିବଙ୍କ ପରିବାର ବର୍ଗ ରମ୍ଭା ଥାନାରେ ଲିଖିତ ଭାବେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ପ୍ରକାର ତାଙ୍କୁ ନ୍ୟାୟ ମିଳି ପାରୁନି । ଗୋଟେ ପଟେ ପୁଅ ହସ୍ପିଟାଲରେ ଗୁରୁତର ଅବସ୍ଥା ପଡ଼ିଥିବାରେ ଅନ୍ୟପଟେ ଶିବଙ୍କ ବାପା ବାବୁଲି ଦାସ ନ୍ୟାୟ ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରୁଛନ୍ତି ।

ସେ କହିବା ଅନୁସାରେ ଗତ ୬ ତାରିଖ ଦିନ ଶିବ ରମ୍ଭାରୁ ନିଜର ଏକ ବନ୍ଧୁଙ୍କ ଘରକୁ ଖବର କହି କି ଫେରୁଥିବା ବେଳେ କଣ୍ଟାପଡା ଛକରୁ ଗଜପତିନଗର ଯିବା ରାସ୍ତା ଉପରେ ଏକ ସ୍କୁଟି ଗାଡି ରହିଥିଲା । ଡାଉନରେ ଗାଡି ଗଡାଇବା ବେଳେ ବିପରୀତ ଦିଗରୁ ଏକ ଚାରି ଚକିଆ ଗାଡି ଆସୁଥିବାରୁ ଶିବ ଭରସାମ୍ୟ ହରାଇ ସ୍କୁଟି ଗାଡିକୁ ସାମାନ୍ୟ ଧକ୍କା ଦେଇଥିଲେ । ଫଳରେ ସ୍କୁଟି ଗାଡି ତଳେ ପଡିଯାଇଥିଲା ।

ଶିବ ସ୍କୁଟି ଗାଡି ଉଠାଇବା ବେଳେ ନିକଟରେ ଥିବା ଘରବାଲା ଆସି ସ୍କୁଟିର ଦୁର୍ଘଟଣା ବିଷୟରେ ଆଲୋଚନା କରିଥିଲେ ଶିବ ସ୍କୁଟି ରେ ଯାହା ସାମାନ ନଷ୍ଟ ହୋଇଛି ତାହା ସବୁ ଦେବାକୁ ପ୍ରତିଶୃତି ଦେଇଥିଲେ ମଧ୍ୟ ଘରାଲା କୌଣସି କଥାକୁ ନଶୁଣି ତାଙ୍କର ବନ୍ଧୁବାନ୍ଧବଙ୍କୁ ଡାକି ଶିବଙ୍କୁ ୨/୩ ଟି ଠେଙ୍ଗା ଦ୍ୱାରା ୪/୫ ଜଣ ବ୍ୟକ୍ତି ବାଡେଇବା ସହିତ ମାରଣାତ୍ମକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ପକାଇ ଚାଲି ଯାଇଥିଲେ । ଏହାପରେ ଅନ୍ୟ କିଛିଜଣ ବ୍ୟକ୍ତିଙ୍କ ସହଯୋଗରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲରେ ପଠାଇଥିଲେ । ଏବେ ସେ ଛତ୍ରପୁର ହସ୍ପିଟାଲରେ ମରଣ ସହ ସଂଗ୍ରାମ କରୁଛନ୍ତି ।

## ମଝିଆ ଭାଇର ଆକ୍ରମଣରେ ବଡ ଓ ସାନ ଭାଇ ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡି ବିବାଦକୁ ନେଇ ମଝିଆ ଭାଇର ମରଣାନ୍ତକ ଆକ୍ରମଣରେ ବଡ ଓ ସାନ ଭାଇ ଉଭୟେ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଦୁଇ ଜଣ ହେଲେ ବଡ ଭାଇ ଧୋବା ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟ ଗୌଡ (୫୦) ଏବଂ ଆକ୍ରମଣକାରୀ ମଝିଆ ଭାଇ ଜଣକ ହେଲେ ପଞ୍ଚୁ ଗୌଡ(୫୪) । ପ୍ରକାଶ ଯେ, ପୂର୍ବରୁ ଜମିବାଡିକୁ ନେଇ ତିନି ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା । ତେବେ ଗୁରୁବାର ସନ୍ଧ୍ୟାରେ ଧୋବା ଓ ଦୁର୍ଯ୍ୟ ଘର ଆଗରେ ଠିଆ ହୋଇ କଥାବାର୍ତ୍ତା ହେଉଥିବା ବେଳେ ପଞ୍ଚୁ ପଛପଟୁ ଆସି ଏକ ଠିଆ କୋଡିରେ ଉଭୟଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିଥିଲା । ଦୁଇ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲା । ସେ ଦୁହିଁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଦୁଇ ଭାଇଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଆକ୍ରମଣକାରୀ ପଞ୍ଚୁକୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଅଚେତ ଟ୍ରେନ ଯାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଟ୍ରେନରୁ ଅଚେତ ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ ଯାତ୍ରୀଙ୍କ ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ଝାରଖଣ୍ଡର କୁନଓ୍ୱା କୋହରା(୪୨) । ସରକାରୀ ରେଳବାଇ ପୋଲିସ (ଜିଆରପି) ଗୁରୁବାର ମୃତଦେହ ଜବତ କରି ଏସଂକ୍ରାନ୍ତରେ ୧୯/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଛେଦ ପରେ ତାଙ୍କ ପୁଅ ରଞ୍ଜନ କୋହରଙ୍କୁ ହସ୍ତାନ୍ତର କରାଯାଇଛି । ବୁଧବାର ରାତ୍ର ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜନଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଥିଲା । ଅନ୍ୟପଟେ ଏମକେସିଜିରେ ରଞ୍ଜନ ତାଙ୍କ ସାଙ୍ଗଙ୍କ ସହ ରାତ୍ର ରହିଥିଲେ । ଗୁରୁବାର ସକାଳେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଥିଲା । ଘଟଣାରୁ ପ୍ରକାଶ ଯେ ଝାଡଖଣ୍ଡର କୁନଓ୍ୱା କୋହରା, ତାଙ୍କ ପୁଅ ଓ ଗ୍ରାମର କିଛି ଲୋକ କୌଣସି କାମରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଆସିଥିଲେ । ସେମାନେ ବୁଧବାର ଭାସ୍କୋଡ଼ଗାମା-ଶାଳୀମାର ଟ୍ରେନରେ ଭୁବନେଶ୍ୱର ଫେରୁଥିଲେ । କୁନଓ୍ୱା କୋହରାଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ବେଳେ ଇଚ୍ଛାପୁର ନିକଟରେ ସେ ଅଚେତ ହୋଇପଡିଥିଲେ । ପରେ ଉକ୍ତ ଟ୍ରେନଟି ବ୍ରହ୍ମପୁର ରେଳଷ୍ଟେସନରେ ବୁଧବାର ସନ୍ଧ୍ୟାରେ ପହଞ୍ଚିଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

# ୨୦୨୬ ପାଇଁ ୭୨ ଦିନିଆ ଅବଗଣତି ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଆୟୋଜିତ ୧୦୦ ଦିନ, ୧୦୦ ସହର, ୧୦୦ ଅନୁଷ୍ଠାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ) ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ୭୨ ଦିନିଆ ଅବଗଣତି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁବାର ସୁସ୍ଥତା, ଜ୍ଞାନ ଏବଂ ବିଶ୍ୱ ଶାନ୍ତି ପାଇଁ ଯୋଗ' ଶୀର୍ଷକରେ ଏକ ଯୋଗ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି ।

ଶୁକ୍ରବାର ସକାଳ ୭ଟାରୁ ୭ଟା୪୫ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିରାଟ ସାଧାରଣ ଯୋଗ ପ୍ରୋଟୋକଲ୍ ଅଧିବେଶନ ଅନୁଷ୍ଠିତ ହେବ । ଏଥିରେ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ପାଇଁ ୫୦୦ରୁ ୧୦୦୦ ଜଣଙ୍କର ଅଂଶଗ୍ରହଣ ହେବ ବୋଲି କୁଳପତି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପରାମର୍ଶ ଓ ୨୦୧୪ରେ ମିଳିତ ଜାତିସଂଘ ଦ୍ୱାରା ଗୃହୀତ ସଂକଳ୍ପ ଅନୁଯାୟୀ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ ତିନିବର୍ଷ ଧରି ଚାଲିଛି । ଯୋଗକୁ ଜୀବନଧାରଣାର ଉପାୟ ଭାବରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ ଆୟୁଷ ମନ୍ତ୍ରଣାଳୟ ଏହି ଦେଶବ୍ୟାପୀ ପଦକ୍ଷେପ ନେଇଛି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ସ୍ୱୀକୃତି ମିଳିଥିବା ପାଇଁ କୁଳପତି ପ୍ରଫେସର ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସିଡିଓଇ ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ କୁମାର ନାୟକ, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, କୁଳସଚିବ ସୁଶ୍ରୀ ସୁମିତା ସିଂ ଓ ବିତ୍ତନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଅନୁବନ୍ଧିତ କଲେଜ ଓ ସ୍କୁଲର ଅଧ୍ୟକ୍ଷା, ସାଧାରଣ ଜନତା ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ କୁଳପତି ସହଯୋଗ କାମନା କରିଛନ୍ତି । ଯୋଗ ମହୋତ୍ସବ, ସାଧାରଣ ଯୋଗ ପ୍ରୋଟୋକଲ୍ କର୍ମଶାଳା ଓ ତାଲିମ ମାଧ୍ୟମରେ ଏହି କାଉଣ୍ଟଡାଉନ୍ ଜୁନ୍ ୨୧ ଅନ୍ତର୍ଜାତୀୟ ଯୋଗ ଦିବସ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟର ସିଡିଓଇ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି ।

## ଅଭିନବ ଉପାୟରେ ସାଇବର ଠକେଇ

# ଗର୍ଭବତୀ ମହିଳାଙ୍କଠାରୁ ଲୁଟି ନେଲେ ଲକ୍ଷାଧିକ ଟଙ୍କା

ରଣପୁର,(ସବ୍ୟୁ) : ନୟାଗଡ ଜିଲ୍ଲା ରଣପୁର ଏନ ଏ ସିରେ ଅଭିନ ଉପାୟରେ ସାଇବର ଠକେଇ । ଅଙ୍ଗନବାଡି ଶିକ୍ଷୟତ୍ରୀଙ୍କ ସହାୟତାରେ ଲକ୍ଷାଧିକ ଟଙ୍କା ଲୁଟି ନେଲେ । ଲକ୍ଷଧିକ ଟଙ୍କା ଯାହାକୁ ନୟାଗଡ ସାଇବର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ରଣପୁର ଏନ ଏ ସି ଅନ୍ତର୍ଗତ ୨ନଂ ଓ୍ୱାର୍ଡରେ ଥିବା ମାଣିକପାଟଣା ଅଙ୍ଗନବାଡିର ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ପାଖକୁ ଗତ ବୁଧବାର ସକାଳ ୯.୪୫ ରେ ସାଇବର ଠକ ଫୋନ କରି ମୁଁ ତୁମ ସେଣ୍ଟ୍ରାଲ ଇନକ୍ୱାରୀ ଅଫିସର କହି ତୁମ ଅଙ୍ଗନବାଡି ସେଣ୍ଟରରେ ସବୁ କାର୍ଯ୍ୟକ୍ରମ ଠିକ ଠାକ ହେଉଛି କି ନାହିଁ ତୁମ ଓ୍ୱାର୍ଡ ରେ କେତେ ଜଣ ଗର୍ଭବତୀ ନାରୀ ପଞ୍ଜିକରଣ କରଣ କରିଛନ୍ତି ତାଙ୍କର ସମସ୍ତ ଡାଟା ମାଗିଥିଲେ ଏବଂ ସେମାନଙ୍କର ଇନକ୍ୱାରୀ କରାଯିବ କହିଥିଲେ । ଅଙ୍ଗନବାଡି ଲକ୍ଷ୍ମୀପ୍ରିୟା ତାଙ୍କ ବିଷୟରେ ସବିଶେଷ ତଥ୍ୟ ନଜାଣି ସେହି ଓ୍ୱାର୍ଡ ତିନି ଜଣ ଗର୍ଭବତୀ ମହିଳାଙ୍କ ନାମ ଓ ଫୋନ ନମ୍ବର ପ୍ରଦାନ କରିବା ସହିତ ସାଇବର ଠକ ସହିତ ଭି କଲ ମାଧ୍ୟମରେ ରହି ସେହି ଓ୍ୱାର୍ଡ ଜୈନିକ ଗର୍ଭବତୀ ମହିଳାଙ୍କୁ ଭିଡିଓ କଲ କରିଥିଲେ । ମହିଳା ଜଣଙ୍କ ଭିଡିଓ କଲ ଉଠେଇବାରୁ ସାଇବର ଠକ ଜଣଙ୍କ ନିଜକୁ ସେଣ୍ଟ୍ରାଲ ଇନକ୍ୱାରୀ ଅଫିସର ପରିଚୟ ଦେବା ପରେ ତୁମର କିଛି ଟଙ୍କା ଆସିବା ନେଇ ଜରୁରୀ ଇନକ୍ୱାରୀ କରାଯିବ ବୋଲି କହିଥିଲେ ଏବଂ ସେହି ଭିଡିଓ କଲରେ ଥିବା ସେହି ଓ୍ୱାର୍ଡ ର ଅଙ୍ଗନବାଡ଼ି ଦିଦି ଜୈନିକ ମହିଳାଙ୍କୁ କହିଥିଲେ ସାରେ କିଛି ଇନକ୍ୱାରୀ କରିବେ ତୁମେ ସାରେ ଯାହା ପଚାରୁଛନ୍ତି ଉତ୍ତର ଦିଅ ବୋଲି କହିଥିଲେ ଏବଂ ଭିଡିଓ କଲ ଲାଇନରେ ଥିଲେ । ଅଙ୍ଗନବାଡି ଦିଦି କହିବାରୁ ଯାହାକୁ ନେଇ ମହିଳା ଜଣଙ୍କ ବିଶ୍ୱାସ କରିଯାଇ ସମସ୍ତ ତଥ୍ୟ ପ୍ରଦାନ କରିବାରୁ ମହିଳା ଙ୍କ ବ୍ୟାଙ୍କ ଖାତା ରୁ ୯୫୩୦୦ କଟିଯାଇଥିଲା । ଏକଥା ଜାଣିବା ପରେ ମହିଳାଙ୍କ ସ୍ୱାମୀ ନୟାଗଡ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଅଙ୍ଗନବାଡି ଦିଦି ଭିଡିଓ କଲ ଲାଇଭରେ ଥାଇ ସାଇବର ଠକ କୁ ସମସ୍ତ ତଥ୍ୟ ଦେଇ ଗର୍ଭବତୀ ମହିଳାଙ୍କ ଠାରୁ ଟଙ୍କା ଲୁଟି ବାରେ ମାଧ୍ୟମ ସାଜିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରଛି ।

## ମାଦଳ ମହୁରୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନାଟକ 'ଗ୍ରେଟ ନୁଙ୍ଗୁରା ଓ ମିଛୁଆ ରାଧୁଆ' ମଞ୍ଚସ୍ଥ



ବାରିପଦା, (ସବ୍ୟୁ) : ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରୀ ଉତ୍ସବ - ୨୦୨୬ର ୨ୟ ସନ୍ଧ୍ୟାରେ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି।

ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ "ଗ୍ରେଟ ନୁଙ୍ଗୁରାରେ ଜ୍ଞାନ ପଣ୍ଡା, ଜଗଦୀଶ, ନିକିତା ଅଭିନୟ କରିଥିବା ବେଳେ ମହେଶ ସାହୁଙ୍କ ନିର୍ଦ୍ଦେଶିତ ନାଟକରେ ରବୀନ୍ଦ୍ର ନାଥ ସିଂ, ଅଶୋକ ପଟ୍ଟନାୟକ, ରଣଜିତ ସାହୁ, ରବୀନ୍ଦ୍ର ନାଥ ମହାପାତ୍ର, ନବକିଶୋର ଲେଙ୍କା, ଲଭରଜିତ ସାହୁ, ଅଭିଜିତ ପଣ୍ଡା ଓ ଲିପିକା ରଣା ଅଭିନୟ କରିଥିବାବେଳେ ଉଭୟ ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା।

ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସଂଯୁକ୍ତା ନାଟ୍ୟ କେନ୍ଦ୍ର, ଘାଟସିଲାର ମୁଖ୍ୟ ପୃଷ୍ଠପୋଷକ ଅନୁପ ଦତ୍ତ, ସମ୍ପାଦିକା ଜ୍ୟୋତି ମଲ୍ଲିକ, ନାଟ୍ୟକାର ଶେଖର ମଲ୍ଲିକ, ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡଃ କେ.ସି ମହାନ୍ତି, ବେଙ୍ଗଲୀ ସିରିଏଲ ଓ ଚଳଚିତ୍ର ଅଭିନେତା ଇ. ସୁଶାନ୍ତ ସିଟ୍, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ବରିଷ୍ଠ ଅଭିନେତା ନିର୍ଦ୍ଦେଶକ ଡଃ କୁମରମଣୀ ନାୟକ, ପ୍ରତିଷ୍ଠିତ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ପ୍ରମୁଖ ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ।

ଏହି ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ କେ.ସି ମହାନ୍ତି ଓ ଇ. ସୁଶାନ୍ତ ସିଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ଚିନ୍ମୟ ସେଜପଡା ଓ ନୟନିକା ମହାନ୍ତି ଓଡିଶୀ ନୃତ୍ୟ, ସରନ୍ୟା ସାହୁଙ୍କ ସଂଗୀତ ତଥା ନଂ-୧ ଡ୍ୟାନ୍ସ ଏକାଡେମୀର ମିହିକା ନନ୍ଦ ଗୋସ୍ୱାମୀଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

## ଓଡ଼ିଆ ପକ୍ଷ ଅବସରରେ ଆସ ବହିଟିଏ

## କିଣିବା ଅଭିଯାନର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ): ରାଜ୍ୟରେ ଅପ୍ରେଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ ଆସ ବହିଟିଏ କିଣିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଆଜିର ଦିବସଟି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ୍ର ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା । ଆଜିର ଏହି ଆସ ବହିଟିଏ କିଣିବା ଅଭିଯାନ । ସାରସ୍ୱତ୍ର ସାଧାକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପଢିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ଆଜି ଆସ ବହିଟିଏ କିଣିବା ଅଭିଯାନକୁ ପାଳନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଜି ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଏଥିରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ଓଡ଼ିଆ ପକ୍ଷ ଏବଂ ଆଜି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି କହିଥିଲେ ଯେ ଫୁଲତୋଡ଼ା ଅସ୍ଥାୟୀ କିନ୍ତୁ ପୁସ୍ତକ ଚିରସ୍ଥାୟୀ, ତେଣୁ ପୁଲତୋଡ଼ା ଉପହାର ନଦେଇ ବିଭିନ୍ନ ଅବସରରେ ପୁସ୍ତକ ଉପହାର ଦିଅନ୍ତୁ । ସେହିପରି ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ମଧ୍ୟ ଯୋଗଦେଇ ଜୀବନରେ ଭଲ ପୁସ୍ତକର ମହତ୍ୱ ଉପରେ କହିଥିଲେ ।

ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଡେପୁଟି କଲେକଟର କସ୍ତୁରୀ ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଅନେକ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ମାନେ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ସମସ୍ତେ ନିଜ ପାଇଁ ମନଲାଖି ବହି କିଣିଥିଲେ । ଏଥିସହିତ ବହି କିଣିବା ଓ ପିବାର ସେଲ୍ଫି ଉଠାଇ ଏହାକୁ ଅତି ଉତ୍ସାହର ସହିତ ଓଡ଼ିଆ ପକ୍ଷର ୱେବସାଇଟ ରେ ଅପଲୋଡ଼ କରିଥିଲେ । ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ବନ୍ଧରେ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ସାହିତ୍ୟ ସର୍ଜନାକୁ ପ୍ରୋତ୍ସାହନ ଦେବା ଦିଗରେ ଆଜିର ଏହି ଆସ ବହିଟିଏ କିଣିବା ଅଭିଯାନକୁ ସଫଳତାର ସହ ପାଳନ କରାଯାଇଥିଲା ।

# ବାବା ବଡ଼ାମଙ୍କ ୯୫ତମ ବାର୍ଷିକ ପୂଜା ଅବସରରେ ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ସ୍ଥାନୀୟ ତୁଳସୀଚଉରା ସ୍ଥିତ ମହିମାମୟ ପରମ ଆରାଧ୍ୟ ବାବା ବଡ଼ାମଙ୍କ ପୀଠରେ ୯୫ତମ ବାର୍ଷିକ ପୂଜା ମହୋତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଯାଇଛି । ଏହି ଅବସରରେ ଏକ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି ଓ ସମ୍ବର୍ଦ୍ଧନା ସଭା ପ୍ରଥମ ଦିବସରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଅନୁଷ୍ଠାନର ପୁରାତନ ତଥା ବରିଷ୍ଠ ସଦସ୍ୟମାନଙ୍କ ଅବଦାନକୁ ସମ୍ମାନ ଜଣାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ ଅଧିକାରୀ ତଥା ବିଶିଷ୍ଟ ସମାଜସେବୀ ବିଶ୍ୱଜିତ୍ ନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ୟବସାୟୀ ତଥା ସମାଜସେବୀ ଏବଂ ଅନୁଷ୍ଠାନ ସହିତ ଦିର୍ଘ ବର୍ଷରୁ ଦୁଃଖ ସୁଖର ସାଥୀ ସରୋଜ ଖୁଣ୍ଟିଆ, ୧୪ନମ୍ବର ଓ୍ୱାର୍ଡ କାଉନ୍‌ସିଲର ବିବେକାନନ୍ଦ ନାୟକ ଏବଂ ୨୩ ନମ୍ବର ଓ୍ୱାର୍ଡ କାଉନ୍‌ସିଲର ଅନନ୍ତ ଦାସ ଯୋଗଦେଇ ବାବାଙ୍କ ପୀଠର ମହିମା ଓ ସେବାୟତଙ୍କ ନିଷ୍ଠା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରଥମରେ ବାବା ବଡ଼ାମଙ୍କ ପାଖରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପାର୍ପଣ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥି ଓ ଗ୍ରାମବାସୀଙ୍କ ଦ୍ୱାରା ଅମର ଆତ୍ମାର ସଦ୍‌ଗତି ପାଇଁ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

କମିଟିର ସଦସ୍ୟ ଅମିତ୍ ମହାପାତ୍ର ସେବା ଓ ବାବା ବଡ଼ାମଙ୍କ ପ୍ରତି ଥିବା ତାଙ୍କର ନିଷ୍ଠା ବିଷୟରେ ଆଲୋଚନା କରିଥିଲେ । ଦୀର୍ଘ ବର୍ଷଧରି ଏହି ପୀଠର ପ୍ରତିଟି କାର୍ଯ୍ୟରେ ସେମାନଙ୍କର ସକ୍ରିୟ ଯୋଗଦାନ ଓ ନିସ୍ୱାର୍ଥପର ଭାବ ଆମ ସମସ୍ତଙ୍କ ପାଇଁ ଏକ ଶିକ୍ଷା । ତାଙ୍କର ଅବର୍ତ୍ତମାନରେ ଆଜି ତୁଳସୀଚଉରା ଗ୍ରାମବାସୀ ଏବଂ ପୂଜା କମିଟି ତାଙ୍କ ପ୍ରତି କୃତଜ୍ଞତା ଜଣାଇଥିବା ଅତିଥି ମାନେ ମତପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବିଶେଷ ଭାବେ ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ନାୟକ, ପ୍ରଦୀପ ଖିଲାର ଏବଂ ଚନ୍ଦ୍ରଶେଖର ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

ଏହି ଅବସରରେ ଏକ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ସେହି ବରିଷ୍ଠ ସଦସ୍ୟମାନଙ୍କୁ ସ୍ମରଣ କରାଯାଇଥିଲା, ଯେଉଁମାନେ ଆଜି ଆମ ଗହଣରେ ନାହାନ୍ତି । ସ୍ୱର୍ଗତ ପ୍ରଫୁଲ୍ଲ ଦେହୁରୀ, ରାଧାଶ୍ୟାମ ମହାପାତ୍ର, ସର୍ବେଶ୍ୱର ଦେହୁରୀ, ନରହରି ନାଏକ, ନିତ୍ରାନନ୍ଦ ନାଏକ ଏବଂ ନଦିଆ ବିହାରୀ ନାଏକଙ୍କ ପରିବାର ସଦସ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏଥିସହିତ ଅନୁଷ୍ଠାନର ବୟୋଜ୍ୟୋଷ୍ଠ ସଦସ୍ୟ ଦେବେନ୍ଦ୍ର ନାଏକ, ତାରାକାନ୍ତ ମହାପାତ୍ର, ଦିଲ୍ଲୀପ ବେହେରା ଓ ଭାସ୍କର ଖିଲାରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସେମାନଙ୍କ ଦୀର୍ଘବର୍ଷର ଅବଦାନକୁ ମନେ ପକାଯାଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସୁବ୍ରତ କୁମାର ଦାସ ସଫଳତାର ସହ ପରିଚାଳନା କରିଥିଲେ । ଏହି ମହୋତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ସଞ୍ଜୟ ବେହେରା, ଦେବାନନ୍ଦ ଜେନା, ଶାଶ୍ୱତ ପଣ୍ଡା, ସରୋଜ ଶତପଥୀ, ଅମିତ୍ ମହାପାତ୍ର, ଅବନୀ ଗିରି, ସୁମନ୍ତ ଦାସ, ତାପସ ମନ୍ତ୍ରୀ, ସିପୁନ, ଚିକୁ, ବାପୁ ଏବଂ ତପୁ ସାର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସମସ୍ତ ଭକ୍ତ ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ସନ୍ଧ୍ୟା ସମୟରେ ବାବା ବଡାମଙ୍କ ପୂଜା ପାଇଁ ଜଙ୍ଗଲକୁ ଯାଇ ତାଳପତ୍ର ଆଣିବାକୁ ସମସ୍ତ ସଦସ୍ୟ ଯାଇଥିଲେ । ଏହାପରେ ରାତି ତମାମ ବାଥୁଡ଼ି ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଚାଙ୍ଗୁ ମୃଦଙ୍ଗ ଢୋଲରେ ସଙ୍ଗୀତ ପରିବେଷଣ ହୋଇଥିଲା । ଦୁଇଦିନ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଶ ଭକ୍ତିମୟ ହୋଇଉଠିଥିଲା ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ସ୍ୱ-ଗଣନା ସଚେତନତା



କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭାରତର ପ୍ରଥମ ଡିଜିଟାଲ ଜନଗଣନା ଅନ୍ତର୍ଗତ ସ୍ୱ-ଗଣନା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ -ଚୌଦ୍ୱାର ଅତିରିକ୍ତ ତହସିଲଦାର ପ୍ରଜ୍ଞା ପାରମିତା ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଣେ ସଚେତନ ନାଗରିକ ହିସାବରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସ୍ମାର୍ଟ ଫୋନ୍ ମାଧ୍ୟମରେ କିଭଳି ସ୍ୱ-ଗଣନା ପୋର୍ଟାଲରେ କିଭଳି ନିଜେନିଜର ତଥ୍ୟ ଅପଲୋଡ୍ କରିହେବ ସେସଂପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ବରିଷ୍ଠ ରାଜସ୍ୱ ସହକାରୀ ଜ୍ଞାନ ରଂଜନ ସେଠୀ, ଅବିନାଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉପସ୍ଥିତ ଥିଲେ ।

# କିଶୋରନଗର କୃଷି ବିଭାଗରେ ଅନିୟମିତା, ଭିଜିଲାନ୍ସ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର କୃଷି ବିଭାଗରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ବେଳେ ଚାଷୀମାନଙ୍କପାଇଁଆସିଥିବାନାନୋ ଡିଏପି ସାରକୁ ଚାଷୀଙ୍କୁ ନଦେଇ ବାହାରେ ବିକ୍ରି କରିଦେଇଥିବା ସମ୍ପର୍କରେ ବିଭାଗୀୟ ତଦନ୍ତ କରାଯାଇଥିଲେ ମଧ୍ୟ ସଠିକ ରିପୋର୍ଟ ଦେବାରେ କୃଷି ବିଭାଗ ଅମଙ୍ଗ ହେଉଥିବାବେଳେ ଏହି ଘଟଣାକୁ ପୁଣି ଥରେ ଭିଜିଲାନ୍ସ ଦ୍ୱାରା ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଠମଲ୍ଲିକ ଉପଖଣ୍ଡର ସାମାଜିକ କର୍ମୀ ପ୍ରିୟ ଦର୍ଶନି ସ୍ୱାଇଁ ଗୁରୁବାର ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।

ଏହାର ଏକ ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ କୃଷିମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ୨୦୨୪ ଓ ୨୫ ମସିହାରେ କିଶୋରନଗର ବ୍ଲକର ୨୩ ଟି ପଞ୍ଚାୟତ ଚାଷୀଙ୍କ ପାଇଁ କୃଷି ବିଭାଗ ପକ୍ଷରୁ ୭୦୦ ଲିଟର ନାନୋ ଡିଏପି ସାର ଆସିଥିବା ବେଳେ ଉକ୍ତ ସାର ଗୁଡ଼ିକ ଚାଷୀଙ୍କୁ ନଦେଇ ବାହାର ଅଞ୍ଚଳରେ କେତେକ କୃଷି ବିଭାଗ ଅଧିକାରୀ ବାହର ଅଞ୍ଚଳରେ ବିକ୍ରି କରିଦେଇଛନ୍ତି । ଏହି ସାର ଗୁଡ଼ିକ ୭.୭୩ ଲକ୍ଷ ହେବ ବୋଲି ସରକାରୀ ଦର ହୋଇଥିବା ବେଳେ ବାର ଅଞ୍ଚଳରେ ବିକ୍ରି କରି ଦିଆଯାଇ ସମସ୍ତ ଟଙ୍କା ହରିଲୁଟ କରିଦେଇଥିବା ଅଭିଯୋଗ ହୋଇଛି ।

ଏନେଇ ଫେବୃୟାରି ମାସରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ବିଶ୍ୱଜିତ ଗାଈ ଗରିଆ ମୁଖ୍ୟମନ୍ତ୍ରୀଙ୍କ ଥରେ ଅଭିଯୋଗ କରିବା ପରେ କୃଷି ବିଭାଗ ପକ୍ଷରୁ ଏକ ୬ ଜଣିଆ ଟିମ ଆସି କିଶୋରନଗର ବ୍ଲକ କୃଷି କାର୍ଯ୍ୟାଳୟ ଠାରେ ମାର୍ଚ୍ଚ ୧୨ ତାରିଖରେ ତଦନ୍ତ କରିଥିଲେ । ତଦନ୍ତ ସମୟରେ ଉକ୍ତ ସାର ଗୁଡ଼ିକ ଚାଷୀଙ୍କୁ ନଦିଆଯାଇ ବାହାର ଅଞ୍ଚଳରେ ବିକ୍ରି କରିଦିଆଯାଇଥିବା ଜଣା ପଡିଥିଲା ।

ଏହି ଅନିୟମିତାକୁ ଘଣ୍ଟ ଘୋଡାଇବା ପାଇଁ ୩ ଜଣ କର୍ମଚାରୀ ବିଭିନ୍ନ ଗ୍ରାମକୁ ଯାଇ କିଛି ଚାଷୀଙ୍କୁ ସାର ବଣ୍ଟନ କରାଯାଇଛି ବୋଲି ଦସ୍ତଖତ କରିବା ପାଇଁ କହୁଥିବା ବେଳେ ଚାଷୀ ମାନେ ବିରୋଧ କରିଥିଲେ ପୂର୍ବରୁ ଜାଲ୍ ସ୍ୱାକ୍ଷର ଓ ନକଲିୟୁଷି ଦୁର୍ନୀତିକୁ ଲୁଚାଇବା ପାଇଁ ବହୁ ସଂଖ୍ୟାରେ ଜାଲୟୁଟିଲାଇଜେସନ୍ ସାର୍ଟିଫିକେଟ୍ (ୟୁଷି) ପ୍ରସ୍ତୁତ କରାଯାଇଛି । ଏଥିରେ ଚାଷୀଙ୍କ ନକଲି ଦସ୍ତଖତ କରାଯିବା ସହ ଅନେକ ସ୍ଥାନରେ ଭୁଲ୍ ମୋବାଇଲ୍ ନମ୍ବର ଦିଆଯାଇଛି, ଯାହାଦ୍ୱାରା ଚାଷୀଙ୍କ ସହ ଯୋଗାଯୋଗ କରିବା ସମ୍ଭବ ହୋଇନାହିଁ । ଏପରିକି କିପରି ଏହି ଘଟଣା ଚାପି ଦେବାକୁ ଜୋରଦାର ଉଦ୍ୟମ କରାଯାଉଥିବା ବେଳେ ତୁରନ୍ତ ଏହି ଘଟଣାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି । ଏନେଇ ବ୍ଲକ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟି କୁହନ୍ତି ସାର ଅନିୟମିତା ସମ୍ପର୍କରେ ବିଭାଗୀୟ ତଦନ୍ତ କରାଯାଇଛି । ରିପୋର୍ଟ ଆସିଲେ ଜଣା ପଡିବ କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

## ପୌରସଂସ୍ଥା ଗେଟ୍‌ରେ ତାଲା ଠୁଙ୍କିଲେ ବ୍ୟାଟେରୀ ଗାଡି ଚାଳକ

# ୩ ମାସ ହେବ ଦରମା ନାହିଁ, ୧୫ ଜଣ ଛଟେଇ ନିଷ୍ପତ୍ତିକୁ ବିରୋଧ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପୌରସଂସ୍ଥାରେ ଦିର୍ଘ ସାତ ବର୍ଷ ହେବ କାର୍ଯ୍ୟ କରୁଥିବା ବ୍ୟାଟେରୀ ଗାଡି ଚାଳକଙ୍କୁ ଗତ ୩ ମାସ ହେବ ଦରମା ମିଳିନାହିଁ। ଏହା ସତ୍ତ୍ୱେ ଘରୋଇ ସଂସ୍ଥା ମୋଟ ୪୨ଜଣ କର୍ମଚାରୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ଛଟେଇ କରିବା ନିଷ୍ପତିକୁ ବିରୋଧ କରି କର୍ମଚାରୀମାନେ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇବା ସହିତ ସେମାନଙ୍କୁ ନିୟମିତ କରିବା ଦାବୀରେ ଧାରଣାରେ ବସିଥିବାର ଜଣାପଡିଛି । ଢେଙ୍କାନାଳ ପୌରସଂସ୍ଥାରେ ଗତ ୨୦୧୯ ମସିହାରୁ ୪୨ ଜଣ ମହିଳା



ବିଓଭି ବ୍ୟାଟେରୀ ଗାଡି ଚାଳକ ୭ ବର୍ଷ ଧରି ନିୟମିତ ଭାବରେ କାର୍ଯ୍ୟ କରିଆସୁଛନ୍ତି । ସେମାନେ ପ୍ରତ୍ୟେକ ଦିନ ସକାଳ ୫ଟା ୩୦ରୁ କାମ କରୁଥିବା ବେଳେ ଗତ ତିନି ମାସ ହେବ ସେମାନଙ୍କର ଦରମା ମିଳି ନଥିବାର ଅଭିଯୋଗ କରିଛନ୍ତି। ଗତକାଲି ଏବିସି ପ୍ରାଇଭେଟ ଲିମିଟେଡ ସଂସ୍ଥାର ଏକ ବୈଠକ ଅନୁଷ୍ଠିତ ହୋଇ ଠିକାଦାରଙ୍କ ଦ୍ୱାରା ବିଓଭି ଗାଡି ଚାଳିକାମାନଙ୍କୁ ଡକାଇ ସାନିଟେସନ ଅଫିସର ଏବଂ ଏମଇଙ୍କ ଉପସ୍ଥିତିରେ ତାଲା ପକାଇଥିଲେ ।

# ତାଳଚେର ଷ୍ଟାଡ଼ିୟମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି
## ପୋଲିସ୍ ନିଷ୍କ୍ରିୟ, ସିସିଟିଭି କାହା ସ୍ୱାର୍ଥରେ

ତାଳଚେର, (ସବ୍ୟୁ): ବହୁ ପ୍ରତୀକ୍ଷିତ ଦାବି ଓ ପ୍ରତିବାଦ ଜଣାଇବା ପରେ କୋଟିଏରୁ ଉର୍ଦ୍ଧ୍ୱର୍ ଟଙ୍କା ଖର୍ଚ୍ଚରେ ତାଳଚେରର ବହୁ ପୂରାତନ ଷ୍ଟାଡ଼ିୟମଟି ନୂତନ ରୂପ ପାଇବାକୁ ବସିଛି । ମାତ୍ର ଏହାର କାର୍ଯ୍ୟ ଶେଷ ହେବାକୁ ଅଳ୍ପ ଦିନ ବାକି ରହିଥିବା ବେଳେ ଏହି ଷ୍ଟାଡ଼ିୟମଟିରୁ ବାରମ୍ବାର ଲକ୍ଷାଧିକ ଟଙ୍କାର କେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହେଉଥିବାରୁ ଠିକାଦାର କ୍ଷତି ସହିନପାରି କାର୍ଯ୍ୟ ଛାଡ଼ି ଚାଲିଯିବେ ବୋଲି ଶୁଣିବାକୁ ମିଳୁଛି । ଏହି ଷ୍ଟାଡ଼ିୟମରେ ମାତ୍ର ଦୁଇଜଣ ଠିକା ଜଗୁଆଳୀ ଜଗୁଥିବା ବେଳେ କେବଳ ଏହା ପବନକୁ ଆଖି ଠାର ମାରିବା ସଦୃଶ୍ୟ ହୋଇଛି । ଅପରପକ୍ଷେ ଏହି ଷ୍ଟାଡ଼ିୟମଟି ଟାଉନ ଥାନା ଠାରୁ ମାତ୍ର ୧କିମି ଦୂର ହୋଇଥିବା ବେଳେ ଏହି ଷ୍ଟାଡ଼ିୟମରୁ ଏକାଧିକ ଥର ଚୋରୀ ହୋଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସର ଭୂମିକା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚୋରୀ, ରାହାଯାନୀ, ଡ଼କାୟତି, ଡ୍ରଗ୍ସବେପାରୀ, ଗୋଡ଼ି, ବାଲି, ମୋରମ୍, କୋଇଲା ଚୋରୀ ଇତ୍ୟାଦିକୁ ଜଗିବାକୁ ଲକ୍ଷାଧିକ ଟଙ୍କା ବିନିମୟରେ ତାଳଚେରର ବିଭିନ୍ନ ସ୍ଥାନରେ ସିସିକ୍ୟାମେରା ଖଞ୍ଜା ଯାଇଛି । ମାତ୍ର ଏଗୁଡିକ କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଙ୍କି ମାରୁଛି । ସହରର ସିସିଟିଭିର ସଂଯୋଗ ଏସଡ଼ିପିଓଙ୍କ କାର୍ଯ୍ୟାଳୟ ଓ ଥାନାରେ ରହିଥିଲେ ମଧ୍ୟ ଅପରାଧିକ କାର୍ଯ୍ୟ କିପରି ଦେଖାଯାଉନଥିବା ବେଳେ କେବଳ ବିନା ହେଲମେଟରେ ଗାଡ଼ି ଚାଳନା କରିବା ଓ ଜୋରିମନା କଷିବା ଦେଖାଯାଉଛି ତାକୁ ନେଇ ପ୍ରତ୍ୟେକ ଛକରେ ଚର୍ଚ୍ଚା ଲାଗି ରହିଛି । ସତେ ଯେପରି ଡ଼କାୟତି ମାନଙ୍କୁ ଧରିଲା ଭଳି ତାଳଚେର ଅଂଚଳରେ ପୋଲିସ୍ ବାବୁ କେବଳ ବିଭିନ୍ନ ଅନ୍ଧାରୁଆ ଛକ ସ୍ଥାନରେ ଗୁଡ଼ିକରେ ରହି ମଦ୍ୟପୀ ଗାଡ଼ିଚାଳକମାନଙ୍କୁ ଜୋରିମନା ଆଦାୟ କରିବାରେ ମାଷ୍ଟର ସାଜିଥିବା ବେଳେ ଏପଟେ ଅପରାଧିକ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ୍ ନୀରବତା ସାଜିଥିବା କୁହାଯାଉଛି । ତେବେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବାନେଇ ସାଧାରଣରେ ଦାବି ହେଉଛି ।

# ପ୍ରାଇଭେଟ୍ କମ୍ପାନୀକୁ ବିରୋଧ କରି ଉପ ଜିଲ୍ଲାପାଳଙ୍କୁ ଭେଟିଲେ ଧରମପୁର ପଞ୍ଚାୟତବାସୀ



ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଅନ୍ତର୍ଗତ ଧରମପୁର ଏବଂ କଙ୍କିଳି ଗ୍ରାମ ପଞ୍ଚାୟତ ର ଜାଗାରୁ କୋଇଲା ଖନନ ଓ ଉତ୍ତୋଳନ ପାଇଁ ରୁଙ୍ଗଟା ସନସ ପ୍ରାଇଭେଟ୍ କମ୍ପାନୀ ଟେଣ୍ଡର ପାଇଥିବା ବେଳେ ପ୍ରାଇଭେଟ୍ କମ୍ପାନୀକୁ ଜମି ଦେବେ ନାହିଁ ବୋଲି ୩ ଖଣ୍ଡ ପଞ୍ଚାୟତର ଲୋକମାନେ ପୂର୍ବରୁ ନିଷ୍ପତ୍ତି ନେବା ସହ ଅନେକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ତାପରେ ମଧ୍ୟ ଦ୍ୱାରା ରୁଙ୍ଗଟା କମ୍ପାନୀ ବୋରୱେଲ ସର୍ଭେ ଓ ଡ୍ରିଲିଂ ନିମନ୍ତେ ଆସିଥିଲେ ମଧ୍ୟ ବାରମ୍ବାର ଏହାକୁ ବିରୋଧ କରି ଆସୁଛନ୍ତି ଧରମପୁର ପଂଚାୟତବାସୀ । କିଛି ଲୋକଙ୍କୁ ନେଇ ଏକ ମିଟିଂ କରି ବୋରିଂ କାମ କରିବାକୁ ଚାହୁଁଛି ରୁଙ୍ଗଟା କମ୍ପାନୀ । ଯାହାକୁ ନେଇ ଅଞ୍ଚଳବାସୀ ବର୍ତମାନ ସେହି ଡ୍ରିଲିଂ କାର୍ଯ୍ୟକୁ କରେଇ ନଦେବା ସହ ପ୍ରାଇଭେଟ୍ କମ୍ପାନୀ ଦ୍ୱାରା ଆମେ ଜମି ଅଧିଗ୍ରହଣ କରିବାକୁ କେବେବି ଦେବୁନାହିଁ ବୋଲି ପୂର୍ବରୁ ଅନେକ ବୈଠକ ହୋଇଥିଲେ ମଧ୍ୟ ଆଜି ପ୍ରାଇଭେଟ୍ କମ୍ପାନୀର ଦୁଇଟି ଗାଡ଼ି କିଛି କୁଚକ୍ରୀଙ୍କ ସହଯୋଗରେ ଡ୍ରିଲିଂ କରିବାକୁ ଆସିଥିଲେ ହେଁ ଅଞ୍ଚଳବାସୀ ପ୍ରତିବାଦ କରିବା ସହ ଡ୍ରିଲିଂ ଗାଡିକୁ ଘଉଡ଼ାଇ ଦେଇଥିଲେ।

ପୂର୍ବରୁ ତାଳଚେର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ପ୍ରଭେଇଟ କମ୍ପାନୀର କୌଣସି କାର୍ଯ୍ୟ ହେବନାହିଁ ବୋଲି ଏକ ସାଧାରଣ ଆଲୋଚନା ହୋଇଥଲା । ଉପ ଜିଲ୍ଲାପାଳ ନିଜେ ଦୁଇଟି ପଂଚାୟତ ଅର୍ଥାତ ଧରମପୁର ଓ କଙ୍କିଳି ର ଲୋକମାନଙ୍କ ଉପସ୍ଥିତିରେ ଡ୍ରିଲିଂ କମ୍ପାନୀ ସହ କଥା ହେବା ପରେ ଯଦି ସମସ୍ତେ ରାଜି ତେବେ ଡ୍ରିଲିଂ ହେବ ନଚେତ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି ।

ତେବେ କିଛି ବ୍ୟକ୍ତି କମ୍ପାନୀ ସହ ହାତ ମିଶାଇ ବର୍ତମାନ ଧରମପୁର ଅଞ୍ଚଳରେ ଡ୍ରିଲିଂ କାର୍ଯ୍ୟ କରିବାକୁ ପ୍ରୟାସ କରି ଆଜି ନିରାଶ ହୋଇଛନ୍ତି । ତେବେ ଏହି ଡ୍ରିଲିଂ କାମକୁ ନେଇ ଉଭୟ କମ୍ପାନୀ ଓ ଧରମପୁର ପଞ୍ଚାୟତର କିଛି ଲୋକଙ୍କୁ ନେଇ ଉପ-ଜିଲ୍ଲାପାଳ ତାଳଚେର ଆଜି ନିଜ ସଭାଘରେ ବୈଠକ କରିଥିଲେ । କିନ୍ତୁ ଅଞ୍ଚଳବାସୀ କେବଳ କିଛି ଲୋକଙ୍କୁ ନେଇ ଏହି ବୈଠକ ନହେଉ ଯଦି ହେବ ସମସ୍ତ ଲୋକଙ୍କ ଉପସ୍ଥିତିରେ ଏହି ବୈଠକ ହେବ ବୋଲି ଧରମପୁର ପଞ୍ଚାୟତର ତିନୋଟି ଗ୍ରାମରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ ଦେଖା କରିବା ସହ ଉଭୟ କଂପାନୀ ଓ ପଞ୍ଚାୟତବାସୀଙ୍କୁ ନେଇ ବୈଠକ କରିଥିଲେ ।

ଯେଉଁଥିରେ ଉପ ଜିଲ୍ଲାପାଳ କଂପାନୀକୁ କହିଥିଲେ ଯେ ଯେଉଁ ପର୍ଯ୍ୟନ୍ତ ପଞ୍ଚାୟତବାସୀ ରାଜି ନହୋଇଛନ୍ତି ସେଇ ପର୍ଯ୍ୟନ୍ତ ଡ୍ରିଲିଂ କାମ ଆରମ୍ଭ ହୋଇ ପାରିବ ନାହିଁ, ତେଣୁ ରୁଙ୍ଗଟା କଂପାନୀ ଲୋକଙ୍କ ସହ ଗ୍ରାମକୁ ଯାଇ ଆଲୋଚନା କରନ୍ତୁ ଯଦି ଲୋକେ ରାଜି ହେବେ ତେବେ ଏହି ଡ୍ରିଲିଂ କାର୍ଯ୍ୟ ହେବ ।

# ଆଠମଲ୍ଲିକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଆଠମଲ୍ଲିକ, (ସବ୍ୟୁ): ଏପ୍ରିଲ ୧ ତାରିଖରୁ ପାଳନ ହୋଇଆସୁଥିବା ଓଡ଼ିଆ ପକ୍ଷ ଉପଲକ୍ଷେ ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଏନଏସଏସ ଓ ୱାଇଆରସି ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୨୬ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ତ୍ରିଲୋଚନ ପ୍ରଧାନ ଶିବିରକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବ୍ଲଡ଼ ବ୍ୟାଙ୍କ ତରଫରୁ ଡାକ୍ତର ସ୍ୱାଗତିକା ଗଡ଼ତିଆ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସ ପୁଷ୍ପ ଲତା ପ୍ରଧାନ ଓ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ପୁରୁଷୋତ୍ତମ କେଶରୀ, ସୁଶାନ୍ତ ସାହୁ, ରବୀନ୍ଦ୍ର ମହାନ୍ତି, ରାକେଶ କୁମାର ଦତ୍ତ, ଗୋବିନ୍ଦ ବେହେରା, ମନୋରଞ୍ଜନ ବେହେରା ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ । ଏନଏସଏସ ଦାୟିତ୍ୱରେ ଥିବା ଅଧ୍ୟାପକ ଚନ୍ଦ୍ରକାନ୍ତ ମଲ୍ଲିକ ଓ ୱାଇଆରସି ଦାୟିତ୍ୱରେ ଥିବା ଅଧ୍ୟାପକ କ୍ଷୀରୋଦ ପ୍ରଧାନ, ଲିୟୁଟନାଣ୍ଟ ସୁଭାଶିଷ ରଞ୍ଜନ ଦାଶଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୁକ୍ତ ୨ ପକ୍ଷରୁ ବିଦ୍ୟାରମ୍ଭ ଉତ୍ସବ

ଅନୁଗୋଳ, (ସବ୍ୟୁ) : ସ୍ଥାନୀୟ ଗାନ୍ଧୀମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଯୁକ୍ତ ୨ ବିଜ୍ଞାନ ବିଭାଗରେ ଗୁରୁବାର ଦିନ ପାରମ୍ପାରିକ ଭାବେ ବିଦ୍ୟାରମ୍ଭ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲା ନ୍ୟାୟାଧୀଶ ଦୁର୍ଗା ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭାରତୀୟ ସଂସ୍କୃତି ଆଧାରରେ ଯୁବପିଢ଼ି ନିର୍ମାଣ କରିବାରେ ସରସ୍ୱତୀ ବିଦ୍ୟାମନ୍ଦିରର ନିରନ୍ତର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଉଚ୍ଚ ମାନର ଶିକ୍ଷାପ୍ରଦାନ କରି ଆସୁଥିବା ଅଧ୍ୟାପକ/ ଅଧ୍ୟାପିକା ମାନଙ୍କୁ ସେମାନଙ୍କର ନିଷ୍ଠା ନିମନ୍ତେ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିଜୟ କୁମାର ମୋଦୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସିଦ୍ଧନାଥ ସାହୁ ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ଏ ଅବସରରେ ବିଦ୍ୟାଳୟର ମାତୃଭାରତୀ ଗଠନ କରାଯାଇ ମା'ମାନଙ୍କର ବିଦ୍ୟାଳୟର ଉନ୍ନତିରେ ଯୋଗଦାନ ଉପରେ ଆଲୋକପାତ କରାଯାଇଥିଲା । ୨ୟ ବର୍ଷ ଛାତ୍ରଛାତ୍ରୀ ଶିକ୍ଷା ଆରମ୍ଭ ହେବ ସହିତ ୧ମ ବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ-ପ୍ରିୟଙ୍କା ହାଁସଦା, ଦ୍ୱିତୀୟ ସ୍ଥାନ- ସ୍ୱଂଶ୍ରଦ୍ଧା ବେହେରା, ତୃତୀୟ ସ୍ଥାନ-ଅଙ୍କିତା ରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ୨୨ତମ ହିଙ୍ଗୁଳା ଲୋକ ମହୋତ୍ସବ ଉଦ୍‌ଯାପିତ

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ନବାଦିନାତ୍ମକ ମା ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଉଦ୍ୟାପିତ ହୋଇଯାଇଛି । ତାଳଚେର ଉପଜିଲ୍ଲାପାଳ ତଥା ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ର ମ୍ୟାନେଜିଂ ଟ୍ରଷ୍ଟି ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ପଂଚାୟତରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାଏକ, ସମ୍ମାନୀତ ଅତିଥି ଭାବରେ ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ତାଳଚେର ରାଜା ବିଜେୟନ୍ଦ୍ର ଚନ୍ଦ୍ର ଦେବ ମଂଚାସୀନ ହୋଇଥିଲେ । ଏହି ଅବସରରେ ଅତିଥିମାନେ ମା'ଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିବା ସହ ଆଗାମୀ ବର୍ଷ ହେବାକୁ ଥିବା ହିଙ୍ଗୁଳା ଯାତ୍ରା ପୂର୍ବରୁ ମା ହିଙ୍ଗୁଳାଙ୍କ ଅସଂପୂର୍ଣ୍ଣ ମନ୍ଦିରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ମା ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧାତ୍ମିକ ପତ୍ରିକା ଅଗ୍ନିସ୍ନାତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହାସହିତ ତାଳଚେରର ଡିଏଭି ଡ୍ୟାନ୍ସ ଷ୍ଟୁଡ଼ିଓର କଳାକାରମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ରାସଲୀଳା ଓ ଅନୁଗୋଳର ନୃତ୍ୟାଙ୍ଗନା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ସେହିପରି ଅନୁଗୋଳର ନିକ୍‌ୱଣ ଡ୍ୟାନ୍ସ ଗ୍ରୁପ, ନୃତ୍ୟ କଳା ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ନୃସିଂହ ଅବତାର, ଗୁରୁ ଅନୀତା ସିଂହଦେଓଙ୍କ ନିର୍ଦ୍ଦେଶନାରେ ପରିବେଷିତ ପୂର୍ବ ଭାରତର ଲୋକନୃତ୍ୟ, ଗଞ୍ଜାମ ଜିଲ୍ଲାର ବିଚିତ୍ର ବର୍ଣ୍ଣାଳୀ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ପରିବେଷିତ କଣ୍ଢେଇ ନୃତ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା ।

# ବଜ୍ରକୋଟ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ



କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅଧୀନସ୍ଥ ବଜ୍ରକୋଟ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ବୁଧବାର ଦିନ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ସାହୁ, ସମିତି ସଭ୍ୟ ସୀମାଚଳ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁ ସଭ୍ୟ ବିଭୂତି ଭୂଷଣ କବି ଯୋଗଦେଇ ଗୁଣାତ୍ମକ ଶିକ୍ଷା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁ କରାଇଥିଲେ ।

ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ ସଭାପତିତ୍ୱ ବରିଷ୍ଠ ଶିକ୍ଷକ ଲମ୍ବୋଦର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲାବେଳେ ଶିକ୍ଷକ ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ବି ଦ୍ୟା ଳ ୟ ର ଶିକ୍ଷକ ବସନ୍ତ କୁମାର ସାହୁ, ଜ୍ୟୋତିକାନ୍ତ ନାଏକ, ସୁରେଶ କୁମାର ସାହୁ, ଶିକ୍ଷୟିତ୍ରୀ ଦୀପିକା ପ୍ରିୟଦର୍ଶିନୀ ଭୋଇ, ଶିଶିର କୁମାର ମହାନ୍ତି, ମାନସ କୁମାର ନାଏକ, ଗିରିଧାରୀ ବରାଳ, ଟିକେଶ୍ୱର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ହିନ୍ଦୋଳ ହରିହାଟ ମହୋତ୍ସବ କମିଟି ପୁନର୍ଗଠିତ
# ଉପଜିଲ୍ଲାପାଳ ସ୍ଥାୟୀ ସଭାପତି ଓ ଆବାହକ, ତହସିଲଦାର ଉପସଭାପତି

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଏ ହିନ୍ଦୋଳ ଉପଖଣ୍ଡର ସର୍ବ ପୁରାତନ ହିନ୍ଦୋଳ ହରିହାଟ ମହୋତ୍ସବ କମିଟି ଆଜି ପୁନର୍ଗଠିତ ହୋଇଯାଇଛି । ପୂର୍ବ କମିଟିର ସଭାପତି ପ୍ରଦୀପ କୁମାର ସାମନ୍ତଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବ ପାଇଁ କମିଟିର ଉପସ୍ଥିତ କାର୍ଯ୍ୟ କର୍ତ୍ତା ଓ ସଦସ୍ୟ ମାନଙ୍କ ସହମତି କ୍ରମେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରାଙ୍କୁ -ମହୋତ୍ସବ କମିଟିର ଆବାହକ ଓ ସ୍ଥାୟୀ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ତହସିଲଦାର ଦିଲୀପ କୁମାର ସେଠୀଙ୍କୁ ଉପସଭାପତି ଓ ସହକାରୀ ଜିଲ୍ଲାପାଳ ବିଶ୍ୱଜିତ ରାଉତଙ୍କୁ ସ୍ଥାୟୀ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ପରବର୍ତ୍ତୀ ବର୍ଷ ମାନଙ୍କରେ ଅଧିକାରୀ ଗଣ ଏହି ସମସ୍ତ ପଦବୀରେ ରହି କାର୍ଯ୍ୟ ଭାର



ନିର୍ବାହ କାଟିବାକୁ କମିଟିରେ ସ୍ଥିର କରା ଯାଇଛି । ଏଥିସହ ୧୫ ଜଣିଆ ଏକ କୋର୍ କମିଟି ଗଠନ କରା ଯାଇଛି । ଯେଉଁ ମାନେ ମହୋତ୍ସବର ୮ ବିଭିନ୍ନ କାର୍ଯ୍ୟକ୍ରମରେ ଅଧିକାରୀ ମାନଙ୍କୁ ସହଯୋଗ କରିବେ । ଚଳିତ ବର୍ଷ ଠାରୁ ହରିହାଟ ମହୋତ୍ସବ ପ୍ରଶାସନିକ ସ୍ତରରେ ଆୟୋଜିତ ହେବାସହ ସମସ୍ତ ସଦସ୍ୟ ଅକୁଣ୍ଠ ସହଯୋଗ କରିବାପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଚଳିତ ବର୍ଷ ମହୋତ୍ସବ ତିନି ଦିନ ପରିବର୍ତ୍ତେ ଚାରି ଦିନ ଧରି ହେବା ନେଇ କମିଟି ସଭାପତି ତଥା ଉପଜିଲ୍ଲାପାଳ ଘୋଷଣା କରିଥିଲେ । ସରକାରୀ ସ୍ତରରେ କୃଷି ବିଭାଗ ପକ୍ଷରୁ ଯାବତୀୟ ଷ୍ଟଲ, ମହିଳା ସିଶୁ ବିକାଶିଭାଗ ପକ୍ଷରୁ ସ୍ୱୟଂ ସେବିକା ସଂଘ ମାନଙ୍କ ପକ୍ଷରୁ ଷ୍ଟଲ ଖୋଲା ଯିବା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗଣର ବ୍ୟବସ୍ଥା ଏବଂ ଯାତ୍ରା ପଡ଼ିଆକୁ ଲାଗି ଯାଇ ଥିବା ମୁଖ୍ୟ ରାସ୍ତାରେ ସନ୍ଧ୍ୟା ପରଠାରୁ ପୋଲିସ ବିଭାଗ ପକ୍ଷରୁ ଯାନ ବାହନ ନିୟନ୍ତ୍ରଣ ଆଦି ଦିଗରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ପୂର୍ବତନ ସଭାପତି ଶ୍ରୀ ସାମନ୍ତଙ୍କ ସହ ସଂପାଦକ ବିଶ୍ୱେଶ୍ୱର ସେଠୀଙ୍କ ସମେତ କମିଟିର ବହୁ ବରିଷ୍ଠ କାର୍ଯ୍ୟ କର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ଜଳୁଛି ଡାଳପକା ଜଙ୍ଗଲ, ଶୋଇଛି ବନ ବିଭାଗ



ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁର ରେଞ୍ଜ ଅଧୀନରେ ଥିବା ଡାଳପକା ଜଙ୍ଗଲ କିଛି ଦିନ ହେବ ଜଳିବାରେ ଲାଗିଛି । ନିଆଁ କୁ ଆୟତ୍ତ କରିବାରେ ବନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ଯାହା ଫଳରେ ଜଙ୍ଗଲ ସଂପୂର୍ଣ୍ଣ ଧ୍ୱଂସ ହୋଇଯିବା ଆଶଙ୍କା କରାଯାଇଛି। ଏପରିକି ଜଙ୍ଗଲ ଘୁଘୁ ହୋଇ ଜଳୁଥିବା ବେଳେ ବନ୍ୟଜନ୍ତୁ ମାନେ ଗାଁ ମୁହାଁ ହୋଇ ପଡୁଛନ୍ତି। ଯାହା ଫଳରେ ଶିକାରୀ ମଧ୍ୟ ସକ୍ରିୟ ହୋଇପଡିଛନ୍ତି । ଡାଳପକା ଜଙ୍ଗଲ ଏବେ ଘଞ୍ଚ ଜଙ୍ଗଲ ହୋଇ ରହିଛି । ବିଶେଷ କରି ଏହି ଜଙ୍ଗଲରେ ଏବେ ବହୁ ମୂଲ୍ୟବାନ ଗଛ ଥିବା ବେଳେ ଏନେକ କାଠ ଚୋରଙ୍କର ନଜର ପଡିଛି ।

ଅନ୍ୟ ପଟରେ ମହୁଲ ଗଛ ଥିବା ଯୋଗୁଁ ବର୍ତ୍ତମାନ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ମହିଳା, ପୁରୁଷଙ୍କୁ ଦେଖିବାକୁ ମିଳୁଛି । ପତ୍ର ଝଡା ଋତୁ ହୋଇଥିବା ବେଳେ ଅନେକ ଗଛର ପତ୍ର ଝଡି ତଳେ ପଡିରହିଛି । ଯାହାକି ମହୁଲ ଫୁଲ ସଂଗ୍ରହ କରିବାରେ ବିଫଳ ହେବାକୁ ପଡିଛି । ଫଳରେ ମହୁଲ ଫୁଲ ସଂଗ୍ରହ କରିବା ପାଇଁ ଯାଉଥିବା କିଛି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ସନ୍ଦେହ କରାଯାଉଛି । କିଛି ଦିନ ହେବ ପ୍ରବଳ ଖରା ହେଉଥିବା ବେଳେ ନିଆଁ ଏତେ ଜୋରରେ ଜଳୁଛି ଯେ ଆକାଶ ଧୂଆଁ ମୟ ହେଇଯାଉଛି । ଯାହା କି ବାୟୁ ମଣ୍ଡଳ ଦୂଷିତ ହେଇଯାଉଛି । ଏହି ନିଆଁରେ ଜଙ୍ଗଲରେ ଥିବା ଅନେକ ମୂଲ୍ୟବାନ ଔଷଧୀୟ ଗଛ ଶହ ବହୁ କୀଟ ପତଙ୍ଗ ଜଳି ଯାଉଛି । ନିଆଁ ଯୋଗୁଁ ନିକଟରେ ଥିବା ଗ୍ରାମବାସୀ ମାନେ ଭୟଭୀତ ହୋଇ ପଡିଛନ୍ତି । ଜଙ୍ଗଲ ଜଳୁଥିବା ସମ୍ପର୍କରେ ଅଞ୍ଚଳବାସୀ ବହୁବାର ବାମୁର ବନ ବିଭାଗକୁ ସୂଚନା ଦେଇଥିଲେ ମଧ୍ୟ ନିଆଁ ଲିଭାଇବାରେ ବାନ ବିଭାଗ ସଂପୂର୍ଣ୍ଣ ବିଫଳ ହୋଇଛି । ବନ ବିଭାଗ ପକ୍ଷରୁ ଜଙ୍ଗଲକୁ ସଠିକ ଭାବରେ ପେଟ୍ରୋଲିଂ କରାଯାଉନଥିବା ଡାଳପକା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଯଦି ଏହି ନିଆଁକୁ ଆୟତ କରାନଯାଏ ତେବେ ଏହି ଜଙ୍ଗଲ ଧ୍ୱଂସ ହୋଇଯିବ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ବାମୁର ରେଞ୍ଜର ସ୍ୱାଧୀନ ସାମଲ କୁହନ୍ତି ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନିଆଯାଉଛି ।

# ସାର୍ବଜନୀନ ନାମଲେଖା ନିମନ୍ତେ ଶିକ୍ଷା ମହାସଭା

ଅନୁଗୁଳ, (ସବ୍ୟୁ): ପାଲଲହଡାର ବଣ ପାହାଡ ଘେରା ଅଗମ୍ୟ ସିବିଡା କନ୍ୟାଶ୍ରମଠାରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ସାର୍ବଜନୀନ ନାମଲେଖା ତଥା ସମସ୍ତ ଶିଶୁଙ୍କୁ ବିଦ୍ୟାଳୟମୁଖୀ କରିବା ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷା ମହାସଭା ସମ୍ପନ୍ନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନୀତ ଅତିଥି ଭାବରେ ପାଲଲହଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବାଦୀ ସାମଲ, ସ୍ଥାନୀୟ ବରଡିହ ସରପଞ୍ଚ କପିଳ ଦେହୁରୀ, ନଗିରା ସରପଞ୍ଚ ପିତନ ବାରିକ, ଜିଲା ଶିକ୍ଷା କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ରୋହିତ କୁମାର ନାଥ, ଅନୁଗୋଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ସମଗ୍ର ଶିକ୍ଷା ଜିଲ୍ଲା ଶୈକ୍ଷିକ ସଂଯୋଜକ ମନୋରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ, ସମଗ୍ର ଶିକ୍ଷା ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ଅନ୍ତର୍ଗତ ସିବିଡା ଗ୍ରାମରେ ଶିକ୍ଷା ସଚେତନତା ରାଲୀ ଓ ସିବିଡା କନ୍ୟାଶ୍ରମଠାରେ ଶିକ୍ଷା ମହାସଭା ଆୟୋଜନ କରାଯାଇଥିଲା । ଶିକ୍ଷା ମହାସଭାର ଉଦଘାଟନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କାରାଇଯାଇଥିଲା । ସିବିଡା ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟ ଏବଂ କନ୍ୟାଶ୍ରମ ଉଚ୍ଚ ବିଦ୍ୟାଳୟ ତରଫରୁ ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବ୍ୟାଚ ପ୍ରଦାନ କରି ସମ୍ମାନିତ କାରାଯାଇଥିଲା । ତଦପଶ୍ଚାତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ସାମଲ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କିତ ଅଧିସୂଚନା ପ୍ରଦାନ କରିଥିଲେ ।

ପରେ ମୁଖ୍ୟ ଅତିଥି ଯୁକ୍ତ ସାହୁ ତାଙ୍କର ଆର୍ଶିବଚନ ମାଧ୍ୟମରେ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ସାର୍ବଜନୀନ ନାମଲେଖା କରାଯାଇ ସବୁ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମର ବାର୍ତ୍ତା ସବୁ ଗ୍ରାମକୁ ପହଞ୍ଚାଇବା ନିମନ୍ତେ ବରଡିହ ଓ ନଗିରା ପଞ୍ଚାୟତର ଗ୍ରାମଗୁଡିକରୁ ୩୦୦ରୁ ଅଧିକ ଜନସାଧାରଣ ଯୋଗଦାନ କରିଥିଲେ ।

# ମା ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦ ଲକ୍ଷ ୪୬ ହଜାର ଟଙ୍କା



ସା ଉ ଥ ବ ଲ ଣ୍ଡା, (ସବ୍ୟୁ) : ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମାହିଙ୍ଗୁଳାଙ୍କ ଗୋପାଳ ପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ଗୁରୁବାର ଦିନ ଖୋଲା ଯାଇଥିଲା। ତାଳଚେର ଡେପୁଟି କଲେକଟର ଧର୍ମେନ୍ଦ୍ର କୁମାର ଶତପଥି, ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ମୁରଲୀଧର ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲା ଯାଇଥିଲା।

ଏଥିରୁ ମୋଟ ଦଶ ଲକ୍ଷ ଛୟାଳିଶ ହଜାର ନଅ ଶହ ଦଶ ଟଙ୍କା (୧୦,୪୬,୯୧୦ ଟଙ୍କା) ସଂଗୃହୀତ ହୋଇଥିଲା। କନେଷ୍ଟବଳ କରୁଣାକର ମହାପାତ୍ର, ବିଭୂତି ଭୂଷଣ ସାମଲ, ଶୁଶାନ୍ତ କୁମାର ସାହୁ, ବିକାଶ ରଞ୍ଜନ ପ୍ରଧାନ, ମାନସ ରଞ୍ଜନ ସାହୁ, କୃଷ୍ଣ ଚନ୍ଦ୍ର ସାହୁ, ସଚିନ କୁମାର ସାହୁ, ନାବି ସାମଲ, ପ୍ରତାପ ଚନ୍ଦ୍ର ବେହେରା, ସୌମ୍ୟ ରଞ୍ଜନ ମହାନ୍ତି, ମିଥୁନ ବେହେରା, ଦୀପକ ଦାସ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ରାଜେନ୍ଦ୍ର କୁମାର ସାମଲ, ବାଉରୀବନ୍ଧୁ ସାମଲ, ବାପି ସାହୁ, ଶ୍ରୀନିବାସ ଅମନ୍ତ, ପ୍ରସାଦ କୁମାର ଶତପଥୀ, ରଜନୀକାନ୍ତ ପ୍ରଧାନ, ସମ୍ବିତ କୁମାର ସାହୁ, ତାରାକାନ୍ତ ସାହୁ, ପି.ସୂର୍ଯ୍ୟକାନ୍ତ ନରେନ୍ଦ୍ର ରାଓ, ପୁପିନ୍ଦ୍ର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ମା ହିଙ୍ଗୁଳାଙ୍କ ଯାତ୍ରାର ଅବ୍ୟାହତି ପୂର୍ବରୁ ସମସ୍ତ ହୁଣ୍ଡି ଖୋଲା ଯାଇ ଏଗାର ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ସଂଗ୍ରହ କରାଯାଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପକ୍ଷ-୨୦୨୬

## ପୁସ୍ତକ କ୍ରୟ, ଉପହାର ଓ ରକ୍ତଦାନ ଶିବିର



ବାଲେଶ୍ୱର, (ସବ୍ୟୁ) : ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ ପରିସରସ୍ଥ ଡ଼କ୍ଟର ହରେକୃଷ୍ଣ ମହତାବ ଗ୍ରନ୍ଥାଗାରରେ ପୁସ୍ତକ କ୍ରୟ ଓ ଉପହାର ଏବଂ ବିଶ୍ୱବିଦ୍ୟାଳୟ ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହିତ ଆୟୋଜିତ ହୋଇଯାଇଛି। ଉକ୍ତ ଦୁଇଟି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ।ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଗବେଷଣାରତ ଶିକ୍ଷାର୍ଥୀମାନେ ବହୁଳ ସଂଖ୍ୟାରେ ଉପସ୍ଥିତ ହୋଇ ନିଜ ପସନ୍ଦର ପୁସ୍ତକ କ୍ରୟ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି କରିବା ଓ ପାଠନ ସଂସ୍କୃତିକୁ ସୁଦୃଢ଼ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଡ଼କ୍ଟର ହରେକୃଷ୍ଣ ମହତାବ ଗ୍ରନ୍ଥାଗାରର ନିର୍ଦ୍ଦେଶକ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ରକ୍ତଦାନ ଶିବିରଟି ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ଏବଂ ଏଥିରେ ମୋଟ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଦୁଇଟି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦ୍ୱାରା ସଫଳ ରୂପାୟନ ହୋଇଥିଲା।

# ୧୫ ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ : ୨ ଗିରଫ



ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଅବକାରୀ ପୋଲିସ ଗୁରୁବାର ପୂର୍ବାହ୍ନରେ ଖନ୍ତାପଡ଼ା ଓ ସଦର ଥାନାର ଦୁଇଟି ସ୍ଥାନରେ ଚଢାଉକରି ୧୫୦ ଗ୍ରାମ ବ୍ରାଉନସୁଗାର୍ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଖନ୍ତାପଡ଼ା ଥାନା ଶେରଗଡ଼ ଗ୍ରାମର ଶଶଧର ରାଉତ (୫୨) ଏବଂ ଏହି ଥାନା ସାହାଜୀପାଟଣା ଗ୍ରାମାର ଶିବୁ ମଲ୍ଲିକ (୨୫)। ବାଲେଶ୍ୱର ଅବକାରୀ ଥାନା ମାମଲା ନଂ ୯/୨୦୨୫-୨୬ ମୂଳେ ଅଭିଯୁକ୍ତ ଶଶଧର ରାଉତକୁ ଏବଂ ମାମଲା ନଂ ୫/୨୦୨୫-୨୬ ମୂଳେ ଶିବୁ ମଲ୍ଲିକକୁ କୋର୍ଟ ଚାଲାଣ କରାଯାଇଛି। ତେବେ ଜବତ ଧଳାଜହରର ଆନୁମାନିକ ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ଜାଣିବାକୁ ମିଳିଛି। ଗୁରୁବାର ପୂର୍ବାହ୍ନରେ ଇନ୍ସପେକ୍ଟର ହରିହର ସିଂଙ୍କ ନେତୃତ୍ୱରେ ବାଲେଶ୍ୱର ଅବକାରୀ ମୋବାଇଲ ୟୁନିଟ ପୋଲିସ ଖନ୍ତାପଡ଼ା ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଶେରଗଡ଼ ଟୋଲଗେଟ୍ ଠାରେ ଅଭିଯୁକ୍ତ ଶଶଧର ରାଉତଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ଠାରୁ ୮୦ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଅବକାରୀ ପୋଲିସ ବ୍ରାଉନସୁଗର ଜବତ କରିବା ପରେ ଅଭିଯୁକ୍ତ ରାଉତକୁ ଗିରଫ କରିଥଲେ। ସେହିଭଳି ଅବକାରୀ ଡେପୁଟି ସୁପରିନ୍‌ଟେଣ୍ଡେଟ ସ୍ୱପ୍ନାରାଣୀ ସାହୁ ଓ ଏସଆଇ ଭବେଶ ଦାସଙ୍କ ନେତୃତ୍ୱରେ ବାଲେଶ୍ୱର ଅବକାରୀ ଥାନା -୨ ର ପୋଲିସ ସଦର ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର କୁରୁଡା ଓଭରବ୍ରିଜ୍ ନିକଟରେ ବାଇକରେ ଯାଉଥିବା ଅଭିଯୁକ୍ତ ଶିବୁ ମଲ୍ଲିକଙ୍କୁ ଅଟକାଇ ଯାଞ୍ଚକରି ଥିଲେ। ତାଙ୍କ ଠାରୁ ୭୦ଗ୍ରାମ ବ୍ରାଉନସୁଗାର ଓ ବାଇକକୁ ଜବତ କରିବା ସହ ଅଭିଯୁକ୍ତ ମଲ୍ଲିକଙ୍କୁ ଗିରଫ କରିଥିଲେ।

# 'ଆସ ବହିଟିଏ କିଣିବା' ଅଭିଯାନ

ଭଦ୍ରକ,୯।୪(ସବ୍ୟୁ):ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲାରେ ଆସ ବହିଟିଏ କିଣିବା ଅଭିଯାନ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ କର୍ମକର୍ତା, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉତ୍ସାହର ସହଭାଗୀ ହୋଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବହି ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର କରିବା। ଏହି ଅବସରରେ ବିଭିନ୍ନ ପ୍ରକାରର ଓଡ଼ିଆ ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା ଏବଂ ଉପସ୍ଥିତ ଅତିଥିମାନେ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଜଣା-ଅଜଣା କାର୍ଯ୍ୟକ୍ରମ ଆଧାରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନ ପଚାରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ବହିର ଉପକାରିତା ବିଷୟରେ କହି ଅନାବଶ୍ୟକ ଜିନିଷ ନ କିଣି ବହି କିଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସାରସ୍ୱତ ସାଧକ ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧାପକ ଦତାତ୍ରେୟ ଦାସ ପ୍ରମୁଖ ପିଲାମାନଙ୍କୁ ବହି ପ୍ରତି ଆକୃଷ୍ଟ ହେବା ସହ କୃତ୍ରିମ ବୁଦ୍ଧିମତା (ଏଆଇ) ଠାରୁ ଦୂରେ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ବହିର ଆସର ଜମିଥିବାରୁ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବହି କ୍ରୟ କରିଥିଲେ ଏବଂ ଜିଲ୍ଲାପାଳ ପିଲାମାନଙ୍କୁ ବହି ବଟଂନ କରିଥିଲେ। ଏହି ସହିତ ସାତଟି ବ୍ଲକର ଭାଗବତ ଟୁଙ୍ଗୀରୁ ଆସିଥିବା ସଦସ୍ୟମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମଂଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବନ୍ତ, (ସବ୍ୟୁ) : ବନ୍ତ ବ୍ଲକ ଟିଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆଜି ଠାରୁ ଆରମ୍ଭ ହେଉଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢୀ, ଉଦ୍ଘାଟକ ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନୀତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବ ୩ ଦିନ ଧରି ଚାଲିବାକୁ ଥିବା ବେଳେ ପ୍ରତ୍ୟେହ ୨ଟି ଅଧିବେଶନ ଅନୁଷ୍ଠିତ ହେବ । ପ୍ରଥମ ଅଧିବେଶନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଏବଂ ୨ୟ ଅଧିବେଶନ ସନ୍ଧ୍ୟା ୫ଟାରୁ ରାତି ୧୦ ପର୍ଯ୍ୟନ୍ତ ଚାଲିବ । ପ୍ରତି ଅଧିବେଶନରେ ସାଧାରଣ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ବେଆଇନ କର୍ମଚାରୀ ନିଯୁକ୍ତି

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅଯୋଧା ଆଞ୍ଚଳିକ ଉଚ୍ଚମାଧମିକ ବିଦ୍ୟାଳୟରେ ବେଆଇନ ଭାବେ କିଛି ଅଣଶିକ୍ଷକ ନିଯୁକ୍ତି ହୋଇଥିବା ଏବଂ ଏହି ନିଯୁକ୍ତିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଆର୍ଥିକ କାରବାରକରି ନିଯୁକ୍ତି ଦେଇଥିବା ଅଭିଯୋଗ ଉଠିଛି। ସୂଚନା ଅନୁଯାୟୀ ଚଳିତବର୍ଷ ମାର୍ଚ୍ଚ ୧୭ତାରିଖରେ ଉକ୍ତ ବିଦ୍ୟାଳୟରେ ସ୍ଥାନୀୟଅଞ୍ଚଳର ୮ଜଣ ଯୁବକ ଯୁବତୀଙ୍କୁ ଅଣଶିକ୍ଷକ ପଦବୀରେ ଅଧକ୍ଷ ଗୌରାଙ୍ଗଚରଣ ବିଶ୍ୱାଳ କଲେଜ ଲେଟରପ୍ୟାଡରେ ନିଯୁକ୍ତିପ୍ରଦାନ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ସବୁ ପଦବୀପାଇଁ କଲେଜ କର୍ତ୍ତୃପକ୍ଷ ଆଇନଅନୁଯାୟୀ କୌଣସି ସୂଚନା,ଇଣ୍ଟରଭିଉ କିମ୍ବା ଚୟନପ୍ରକ୍ରିୟା କରାନଯାଇ ନିଯୁକ୍ତିପ୍ରଦାନ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଅର୍ଥକାରବାର କରି ଏହି ନିଯୁକ୍ତିଦେଇଥିବା ଅଭିଯୋଗ ଉଠିଛି। ତେବେ ଅଧକ୍ଷ ଏହି ନିଯୁକ୍ତିକୁ ବିଦ୍ୟାଳୟ ଚୟନକମିଟି ଦ୍ୱାରା ନିଯୁକ୍ତି ଦିଆଯାଇଥିବା ବେଳେ ଏଥିରେ କୌଣସି ଅନିୟମିତତା ହୋଇନଥିବା କହିଛନ୍ତି। ଏଭଳି ନିଯୁକ୍ତିକୁ ବିରୋଧକରି ସ୍ଥାନୀୟ ଜନସାଧାରଣ ଅଭିଯୋଗକରି ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ , ଜିଲ୍ଲାପାଳ ବାଲେଶ୍ୱର, ଉପଜିଲ୍ଲାପାଳ ନୀଳଗିରି , ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି।

# ଶଲ୍ୟ ବିଶେଷଜ୍ଞଙ୍କ ବିୟୋଗରେ ଶୋକ



ଆନନ୍ଦପୁର ,(ସ.ବ୍ୟୁ): ଆନନ୍ଦପୁର ଉପଖଣ୍ଡର ପୂର୍ବତନ ଚିକିତ୍ସାଧିକାରୀ ତଥା କେନ୍ଦୁଝର ଜିଲ୍ଲାର ସୱନାମଧନ୍ୟ ଶଲ୍ୟ ବିଶେଷଜ୍ଞ, ଆନନ୍ଦପୁର ସହରର ଲୋକପ୍ରିୟ ବ୍ୟକ୍ତିତ୍ୱ ଡାଃ ବିଷ୍ଣୁ ନାରାୟଣ ପାତ୍ରଙ୍କ ଅକାଳ ବିୟୋଗରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ମାତ୍ର ୬୮ ବର୍ଷ ବୟସରେ ଡାଃ ପାତ୍ର ହୃଦଘାତରେ ଗତ ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଇହଲୀଳା ସାଙ୍ଗ କରିଥିଲେ । ତାଙ୍କ ପରଲୋକ ଖବରରେ ଆନନ୍ଦପୁର ଉପଖଣ୍ଡ ସ୍ତବ୍ଧ ହୋଇଯାଇଛି । ସରକାରୀ ଦାୟିତ୍ୱରୁ ଅବ୍ୟାହତି ପରେ ସେ ଆନନ୍ଦପୁର ପୌର କାର୍ଯ୍ୟାଳୟ ନିକଟରେ ଏକ କ୍ଲିନିକ ଖୋଲି ମାତ୍ର ଶହେ ଟଙ୍କା ବିନିମୟରେ ରୋଗୀ ଚିକିତ୍ସା କରି ଗରୀବଗୁରୁବା ଲୋକଙ୍କ ପାଇଁ ଭଗବାନଙ୍କ ଅବତାର ଥିଲେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଆଜି ଘସିପୁରାଠାରେ ଆୟୋଜିତ ଶୋକସଭାରେ ଆନନ୍ଦପୁର ପୌରାଞ୍ଚଳର କାଉନସିଲର ଅଜୟ ସାହୁ (ବାହାଦୁର୍), ବୁଲୁ ପଟ୍ଟନାୟକ, ରଘୁନାଥ ପାଢ଼ୀ, ଝାଡେଶ୍ୱର ମେଡ଼ିସିନ ଷ୍ଟୋର ମାଲିକ ବ୍ରହ୍ମାନନ୍ଦ ଜେନା, ଲକ୍ଷ୍ମୀଧର ମହାରଣା, ମୋନାଲିସା ଦତ୍ତ, ଅଚ୍ୟୁତାନନ୍ଦ ଜେନା, ଜ୍ଞାନରଞ୍ଜନ ମହାରଣା, ଦେବରାଜ ସାହୁ, ଦିଲ୍ଲୀପ ଚକ୍ର, ଅକ୍ଷୟ ସାହୁ, ପରେଶ କୁଅଁର୍ ପ୍ରମୁଖ ଦିବଂଗତଡାଃ ପାତ୍ରଙ୍କ ଗୁଣଗାନ କରି ତାଙ୍କ ଅମର ଆତ୍ମାର ସୱର୍ଗପ୍ରାପ୍ତି ନିମନ୍ତେ ଝାଡେଶ୍ୱର ବାବାଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ରେଳବାଇ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅବହେଳାର ପ୍ରତିବାଦ : ବିଜେଡ଼ି ପକ୍ଷରୁ ଦାବିପତ୍ର ପ୍ରଦାନ



ବାଲେଶ୍ୱର, (ସବ୍ୟୁ) : ଦୀର୍ଘବର୍ଷ ହେଲା କେନ୍ଦ୍ର ସରକାରଙ୍କ ରେଳ ବିଭାଗ ପକ୍ଷରୁ ଓଡ଼ିଶା ସମେତ ବାଲେଶ୍ୱର ଜିଲ୍ଲାକୁ ବାରମ୍ବାର ଅବହେଳା କରାଯାଇଥିବାରୁ ଏହାର ପ୍ରତିବାଦରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତାଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ଏବାବଦରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରାଯିବା ସହ ଏକ ଦାବିପତ୍ର ବାଲେଶ୍ୱର ଜିଲ୍ଲାପାଳଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯାଇଛି । ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ଜେଯାତିପ୍ରକାଶ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଉପସ୍ଥିତ ବକ୍ତାମାନେ କହିଥିଲେ ଯେ କେନ୍ଦ୍ର ସରକାର ସଦାସର୍ବଦା ଓଡ଼ିଶାର ରେଳବାଇକୁ ଉପେକ୍ଷା କରିଆସିଛନ୍ତି । ଯାହାଫଳରେ ରେଳବାଇର କୌଣସି ଉନ୍ନତି ନହେବା ସହ ବିପୁଳ ପରିମାଣ ରାଜସ୍ୱ ହାନୀ ଘଟୁଛି । ବାଲେଶ୍ୱର ଜିଲ୍ଲା ସୀମାନ୍ତ ଲକ୍ଷ୍ମଣନାଥ ଠାରୁ ବାହାନଗା ପର୍ଯ୍ୟନ୍ତ ଅଞ୍ଚଳକୁ ଦକ୍ଷିଣପୂର୍ବ ରେଳପଥରୁ ବାଦଦେଇ ତାହାକୁ ପୂର୍ବତଟ ରେଳପଥ ସହିତ ସାମିଲ କରାଯିବା ନିମନ୍ତେ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ମଧ ଅଦ୍ୟାବଧି ସେ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ । ବର୍ତ୍ତମାନ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ଅଶ୍ୱିନୀ ବୈଷ୍ଣବ ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳ ରହିଥିବା ବେଳେ ସେ ବାଲେଶ୍ୱର ଜିଲ୍ଲା ରେଳବାଇ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିଲେ ମଧ ଅଦ୍ୟାବଧି କୌଣସି ଆଖିଦୃଶିଆ ପଦକ୍ଷେପ ନନେବା କ୍ଷୋଭ ଓ ପରିତାପର ବିଷୟ । ଅନ୍ୟପକ୍ଷରେ ଓଡ଼ିଶାରେ ଥିବା ୨୧ଟି ଲୋକସଭା ଆସନ ମଧ୍ୟରୁ ୨୦ ଜଣ ସାଂସଦ ଭାରତୀୟ ଜନତାପାର୍ଟୀର ହେଉଥିବା ବେଳେ ସେମାନେ ମଧ ସରକାର ସମୟରେ ଓଡ଼ିଶାର ରେଳବାଇ ସମ୍ପର୍କରେ ମୁହଁ ନଖୋଲିବା ସନ୍ଦେହ ଘେରରେ । ଏଠାରେ ଉଲ୍ଲେଖଯୋଗ୍ୟ ଅଶ୍ୱିନୀ ବୈଷ୍ଣବ ଯେତେବେଳେ ରାଜ୍ୟସଭାର ସାଂସଦ ଭାବେ ନିର୍ବାଚନ ଲଢିଲେ ସେତେବେଳେ ଉଭୟ ବିଜେଡ଼ି ଓ ବିଜେପି ତାଙ୍କୁ ସମର୍ଥନ କରିଥିଲେ । ସେପରି ସ୍ଥଳେ ଶ୍ରୀ ବୈଷ୍ଣବ ଓଡ଼ିଶାର ରେଳବାଇ ବିକାଶ କ୍ଷେତ୍ରରେ କୌଣସି ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ । ଏଠାରେ ଉଲ୍ଲେଖ ଯୋଗ୍ୟ ଇଚ୍ଛାପୁର ଠାରୁ ପଲାସା ପର୍ଯ୍ୟନ୍ତ ରେଳବାଇ ପକ୍ଷରୁ ସାଉଥ ରେଲୱେ ସହିତ ସାମିଲ କରାଯାଇଥିବା ବେଳେ ଲକ୍ଷ୍ମଣନାଥ ଠାରୁ ବାହାନଗା ପର୍ଯ୍ୟନ୍ତ ପୂର୍ବତଟ ରେଳପଥରେ ସାମିଲ କରାଯିବାରେ ଅସୁବିଧା କେଉଁଠି ବୋଲି ବିଜେଡ଼ି ନେତାମାନେ ପ୍ରଶ୍ନ ଉଠାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ, ବାବୁଲା ପଟ୍ଟନାୟକ, ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାସ, ସ୍ୱରୂପ କୁମାର ଦାସ, ସୁଧାଂଶୁ ଶେଖର ପରିଡ଼ା, ସୁକାନ୍ତ କୁମାର ନାୟକ, ବିଜେଡ଼ି ନେତା ରଂଜନ ବାଗ, ବିଜେଡ଼ି ଟାଉନ ସଭାପତି ମନୋଜ ରାଉତ,ବରଦାପ୍ରସନ୍ନ ପଟ୍ଟନାୟକ, ଧିରେନ୍ କୁମାର ନାୟକ ପ୍ରମୁଖ ବହୁ ବିଜେଡ଼ି ନେତାମାନେ ଉପସ୍ଥିତ ଥିଲେ ।

# ଛାତ ଉପରୁ ତଳକୁ ଖସି ଜଣେ ମୃତ

ତିହିଡି, (ସବ୍ୟୁ) : ତିହିଡି ଥାନା ଅନ୍ତର୍ଗତ କୋହ୍ଲ ଗାଁର ଜଣେ ବ୍ୟକ୍ତି ଆଜି ଏକ ଅଭାବନୀୟ ଘଟଣା କ୍ରମରେ ନିଜ ଘର ଛାତ ଉପରୁ ତଳକୁ ଖସି ପଡ଼ି ପ୍ରାଣ ହରାଇଛନ୍ତି । ମୃତ ବ୍ୟକ୍ତି ଜଣକ ହେଉଛନ୍ତି ସୁବାସ ସାହୁ ଏବଂ ତାଙ୍କ ବୟସ ୫୭ ବୋଲି ଜଣାଯାଇଛି । ଏହି ଘଟଣା ସମଗ୍ର ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ପ୍ରକାଶ ଯେ, ଏହି ଗାଁର ସ୍ୱର୍ଗତ ବଟ କୃଷ୍ଣ ସାହୁଙ୍କ ପୁଅ ସୁବାସ ମଧ୍ୟାହ୍ନ ପ୍ରାୟ ୧୨.୩୦ ବେଳେ ନିଜ ଘର ଛାତ ଉପରେ ଜମି ରହି ଥିବା ପାଣି ଓ ଆବର୍ଜନା ସଫା କରୁ ଥିଲେ । ତେବେ କୌଣସି କାରଣରୁ ନିଜ ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ତାଙ୍କ ପରିବାର ଲୋକେ ତିହିଡି ମେଡ଼ିକାଲକୁ ଚିକିତ୍ସା ଲାଗି ଆଣିଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତିହିଡି ପୋଲିସ ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଭଦ୍ରକ ପଠାଇ ଥିବା ଜଣାଯାଇଛି ।

# ଓଡ଼ିଆ ପକ୍ଷ ଅବସରରେ ଜିଲ୍ଲା ପ୍ରଶାସନର ରକ୍ତଦାନ ଶିବିର

ବାଲେଶ୍ୱର,(ସବ୍ୟୁ) : ଓଡ଼ିଆ ପକ୍ଷ ୨୦୨୬ ଅବସରରେ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ବାଲେଶ୍ୱର ପ୍ରଶାସନ ପକ୍ଷରୁ ଏକ ରକ୍ତଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଥିବା ରକ୍ତ ଭଣ୍ଡାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୁଭାରମ୍ଭ କରିଥିଲେ । ସେହି ସମୟରେ ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ଜିଲ୍ଲାପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇ କୃଷ୍ଣ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ବାଲେଶ୍ୱର ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଓ ଜିଲ୍ଲା ହସ୍ପିଟାଲ୍‌ର ପ୍ରଶାସନିକ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ । ପରବର୍ତ୍ତୀ ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ବିଧାୟକ ମାନସ କୁମାର ଦତ୍ତ ରକ୍ତଦାନ ଶିବିରକୁ ପରିଦର୍ଶନ କରି ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତ ଦାନ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମୂଲ୍ୟକୁମାର ଦାସ ଓ ରକ୍ତ ଭଣ୍ଡାର ଅଧିକାରୀ ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁବ୍ ସୁରୁଖୁରୁରେ ରକ୍ତ ସଂଗ୍ରହ କରାଯାଇଥିଲା । ସମାଜସେବୀ ସଲିମ ରାଜା ଓ ଯୋଶଦା ନନ୍ଦନ ଆଶ୍‌ଙ୍କ ସହିତ ଅନେକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନେ ଏବଂ ଜିଲ୍ଲା ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ବୁଧବାର ଦିନ ଚାନ୍ଦିପୁରରେ ୧୫୭ ୟୁନିଟ, ଜଳେଶ୍ୱରରେ ୨୧ ୟୁନିଟ ଏବଂ ରୂପସାରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ତେଣୁ ସର୍ବ ମୋଟ ୨୪୪ ୟୁନିଟ ରକ୍ତ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ପକ୍ଷରୁ ସଂଗ୍ରହ କରାଯାଇଛି । ଓଡ଼ିଆ ପକ୍ଷ ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସର୍ବମୋଟ ୮୩୭ ୟୁନିଟ ରକ୍ତ ସଂଗ୍ରହ କରିବାରେ ବାଲେଶ୍ୱର ଜିଲ୍ଲା ରକ୍ତ ଭଣ୍ଡାର ସଫଳ ହୋଇଛି ।

# ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, (ସବ୍ୟୁ) : ଓଡ଼ିଆ ଗଳ୍ପ ସାହିତ୍ୟରେ ସଦାନନ୍ଦ ତ୍ରିପାଠୀ ଥିଲେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଯୁକ୍ତି ନିଷ୍ଠ ଶୈଳୀ ସାଙ୍ଗକୁ ଭିନ୍ନ ସ୍ୱାଦର କାହାଣୀ ରଚିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କ ଗଳ୍ପ ପଢ଼ିଲା ବେଳେ ଜୀବନ୍ତ ପରିବେଶ ଟିଏ ନିର୍ମାଣ ହୋଇଥାଏ ପାଠକ ର ମାନସପଟ୍ଟରେ। ଗୋଟିଏ ଶଗଡ଼ ଗୁଳା ରେ ନ ଚାଲି ବାରମ୍ବାର ନିଜ ଗପର ମୋଡ଼ ବଦଳାଇଥିବା ତାଙ୍କ ଗଳ୍ପ ର ଭୂଗୋଳ ଓ ଭାଷା ତାଙ୍କ ସମକାଳୀନ ଗାଳ୍ପିକ ଙ୍କ ଠାରୁ ଭିନ୍ନ ଥିଲା ବୋଲି ନିକଟରେ ଦେହାବସାନ କରିଥିବା ସଦାନନ୍ଦ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ପ୍ରେମ ପୃଥିବୀ ପରିବାର ପକ୍ଷରୁ ସାବନ ବଜାର ସ୍ଥିତ ଶ୍ରୀ ଅରବିନ୍ଦ ପାଠଚକ୍ରର ଭବନରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗ ଦେଇ ଥିଲେ। ପ୍ରାରମ୍ଭରେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ଗୋଲକ ବିହାରୀ ସାହୁ, ଡାକ୍ତର ଦୁର୍ଯ୍ୟୋଧନ ଦାସ ଓ ତ୍ରୈଲୋଚନ ଜେନା ସମ୍ମାନିତ ଅତିଥି ରୂପେ ବକ୍ତବ୍ୟରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁଧାକର ରାଉତ, ସୁଚିତ୍ରା ପାଣିଗ୍ରାହୀ, ବିଜୟ କୁମାର ବହଳି, ସନ୍ତୋଷ ହୋତା ଓ ଗୟାଧର ପଣ୍ଡା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ନାଟ୍ୟକାର ଗୋଉରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାଶ ମହାପାତ୍ର, ଉପେନ୍ଦ୍ର ବାରିକ, ଆଦିତ୍ୟ ନାୟକ,ଉଦୟ ନାଥ ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର ଅଜିତ ନାୟକ ଓ ଆଦିତ୍ୟ ଗୋସ୍ୱାମୀ ପ୍ରମୁଖ ବହୁ ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ଜିଲ୍ଲା ଯୋଜନାବୋର୍ଡ ଅଧକ୍ଷଙ୍କୁ ସ୍ଥାନୀୟ ବିଜେପି ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡର ନବନିଯୁକ୍ତ ଅଧକ୍ଷ ତଥା ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ସ୍ଥାନୀୟ ବିଜେପି ସଙ୍ଗଠନ ପକ୍ଷରୁ ଗୁରୁବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ମହାପାତ୍ର ଭଦ୍ରକ ଅଭିମୁଖେ ଆସି ୧୬ ନଂ ଜାତୀୟ ରାଜପଥର ଆଖୁଆପଦାରେ ପହଞ୍ଚିଥିଲେ। ବିଜେପି ନେତା ଡଃ ସୁଧାଂଶୁ ଶେଖର ନାୟକ, ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧକ୍ଷ ପ୍ରଣିତକାନ୍ତି ସାମଲ, ମଣ୍ଡଳ ସଭାପତି ତରଣୀସେନ ଜେନା, ରଞ୍ଜନ ପରିଡା, ପ୍ରଣବ ରାଉତ, ପୂର୍ବତନ ମଣ୍ଡଳ ସଭାପତି ଗିରିଶ ସାମଲ, ସୁରେଶ ସାମଲ, ସରପଞ୍ଚ ଅମୂଲ୍ୟ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ବହୁ କର୍ମୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମୋଟରସାଇକେଲ ଶୋଭାଯାତ୍ରାରେ ଡାହାଲା, ଛତାବର, ଭଣ୍ଡାରିପୋଖରୀ, ଧାମନଗରଛକ, ବାରିକପୁର, ବିଷ୍ଣୁପୁର, ଚିଙ୍ଗୁଡିପୁର ଅତିକ୍ରମ କରି ଭଦ୍ରକ କୁ ନେଇଥିଲେ।

# ନାଆମୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ନାଆମୀ ମହାବିଦ୍ୟାଳୟରେ 'ନୂତନତ୍ୱ ଓ ଉଦ୍ୟୋଗର ଗୁରୁତ୍ୱ' ଶିର୍ଷକ ଆଲୋଚନାଚକ୍ର ଅଧ୍ୟାପକ ଡଃ ଅଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧକ୍ଷ ସୁକାନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଜିଲ୍ଲା ଶିଳ୍ପକେନ୍ଦ୍ର ପ୍ରଶିକ୍ଷକ ଇଂ ଶଶିଶେଖର ବେହେରା ମୁଖ୍ୟବକ୍ତା, ବିଶ୍ୱଜିତ ସାମଲ, ପାର୍ଥ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟାର୍ଟଅପ ସମ୍ପର୍କରେ ବିସ୍ତୃତ ତଥ୍ୟ ଭିତ୍ତିକ ଆଲୋଚନା କରିବା ସହ ଛାତ୍ରଛାତ୍ରୀମାନେ ଆତ୍ମନିର୍ଭରଶୀଳ ଓ ଉଦ୍ୟୋଗପତି ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡଃ ରଘୁନାଥ ସାହୁ, ଅଶୋକ କୁମାର ଦାଶ, ଅଧ୍ୟାପିକା ଭାରତୀଲତା ପଣ୍ଡା ପ୍ରମୁଖ ଆଲୋଚନାଚକ୍ରରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଓଡିଆ ପକ୍ଷ ପାଳନ ସହ ବହିଟିଏ ପଢିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାତୃପୀଠ ଘଟଗାଁରେ ଆରମ୍ଭ ହେଲା ମା ତାରିଣୀଙ୍କ ୯୦ତମ ଚଇତି ପର୍ବ



ଢେଙ୍କିକୋଟ,(ସବ୍ୟୁ) : ଜଗତ ଜନନୀ ,ଆରାଧ ଦେବୀ ମା ତାରିଣୀ ପିଠ ଘଟଗାଁ ଠାରେ ଆରମ୍ଭ ହୋଇଯାଇଛି ୯୦ତମ ଚଇତି ପର୍ବ । ଆଜିର ଶୁଭ ଉଦ୍ଘାଟନୀ ଉତ୍ସବ ରେ ଇଣ୍ଡୋମେଣ୍ଟ ସୁପରିଟେଣ୍ଡେଣ୍ଟ ଇନ୍ସପେକ୍ଟର ଅନନ୍ତ ଚରଣ ମୁର୍ମୁ, ଡିଭିଜନ ଇନ୍ସପେକ୍ଟର ଦକ୍ଷୀଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ ଓ ମନ୍ଦିର କାର୍ଯ୍ୟ ନିର୍ବାହୀଅଧିକାରୀ ସଂଜୀବ ମହାପାତ୍ର ମା ଙ୍କ ପାଖରେ ପୂଜାର୍ଚ୍ଚନା କରି ମଞ୍ଚାସୀନ ହୋଇଥିଲେ । ଆଜିଠାରୁ ଦୀର୍ଘ ସାତଦିନ ଧରି ପାଳନ କରାଯିବ ଚଇତି ପର୍ବ । ସାତଦିନ ଧରି ମା ତାରିଣୀ ସୁନାବେଶ ରେ ସଜ୍ଜିତ ହେବେ। ମା ଙ୍କ ପହଡ ପଡିବ ନାହିଁ । ଆଜି ପ୍ରାତଃ ସମୟରୁ ମାଙ୍କ ନୀତିକାର୍ଯ୍ୟ ଆରମ୍ଭ ହୋଇଛି। ମାଙ୍କ ବଡ ସିଂହାର ବେଶ ,ମଙ୍ଗଳ ଆରତି, ଦେବୀ ସ୍ତୁତି, ଗୀତା ପାଠ, ଭାଗବତ ପାଠ, ଚଣ୍ଡୀପାଠ,ହୋମଯଜ୍ଞ,ଆଳତି ସହିତ ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜକ ରବିନାରାୟଣ ଦେହୁରୀ, ନଟବର ଦେହୁରୀ, ଜଜାତି ଦେହୁରୀ, ପ୍ରଦୀପ ଦେହୁରୀ ଓ ସଦାଶିବ ଦେହୁରୀ ମା ଙ୍କ ପୂଜାକାର୍ଯ୍ୟ କରିଥିଲେ। ଆଜିର ପ୍ରଥମ ଦିନରେ ହଜାର ହଜାର ମାତୃପ୍ରେମୀ ମା ଙ୍କୁ ଦର୍ଶନ କରିଥିଲେ । ଚାରିଆଡ଼େ ମା ମା ଡାକରେ ମନ୍ଦିର ପରିସର ଭକ୍ତିମୟ ,ଭାବମୟ ହୋଇଉଠିଥିଲା । ମନ୍ଦିର ଭିତରେ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ମାତୃପ୍ରେମୀ ମାନଙ୍କ ପାଇଁ ପ୍ରସାଦ ସେବନ ସହିତ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥା ହୋଇଥିଲା । ଆଜିର ପ୍ରଥମ ଦିନରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ଗ୍ରୁପ ଆସି ଭଜନ ପରିବେଷଣ କରିଥିଲେ। ତତ ସହିତ ମା ସାରଳା ଚଇତି ଘୋଡ଼ାନାଚ ଓ ତାରିଣୀ ନୃତ୍ୟଶିକ୍ଷା କେନ୍ଦ୍ରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ଘଟଗାଁ ପୋଲିସ, ଆଦିତ୍ୟ ବାହିନୀ, ମନ୍ଦିର କମିଟି, ସତ୍ୟସାଇ ପରିବାର, ସେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ପ୍ରତିନିଧି ,ପୋଲିସ କଣ୍ଟ୍ରୋଲ ରୁମ ଙ୍କ ସମେତ ଅନେକ ସମାଜସେବୀ ଭାଇ ଭଉଣୀ ମାନେ ସାମିଲ ହୋଇଛନ୍ତି। ତତ ସହିତ ପାନୀୟ ଜଳ ବ୍ୟବସ୍ଥା, ସୂଚନା କେନ୍ଦ୍ର ଓ ଯାନବାହାନ ପାର୍କିଂ ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ମା ତାରିଣୀ ପେଣ୍ଡଲରେ ପ୍ରବଚନ , ପାଲା, ଦାସକାଠିଆ ହେବାର ବ୍ୟବସ୍ଥା କରାଯାଇଛି । ଦୂରଦୂରାନ୍ତର ଲୋକ ମାନଙ୍କପାଇଁ ମାତୃପିଠ କୁ ଆସିବାପାଇଁ ପାର୍କିଂ ଠାରୁ ମାଗଣା ବସସେବା ବ୍ୟବସ୍ଥା କରାଯାଇଛି । ଆଜି ବ୍ରହ୍ମପୁର ର ସୌଭାଗ୍ୟରନ୍ ସାହୁ ମାତୃପ୍ରେମୀ ମାନଙ୍କୁ ମାଗଣା ଅନ୍ନପ୍ରସାଦ ପ୍ରଦାନ କରିଥିଲେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୩/୦୮)
**କର୍ମ୍ମଯୋଗଃ**
ଶ୍ରୀଭଗବାନୁବାଚ
**ନିୟତଂ କରୁ କର୍ମ୍ମ ତ୍ୱଂ କର୍ମ୍ମ ଜ୍ୟାୟୋ ହ୍ୟକର୍ମ୍ମଣଃ ।**
**ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟୋଦକର୍ମ୍ମଣଃ ॥ ୮ ॥**
ତୁମେ ଇନ୍ଦ୍ରିୟମାନଙ୍କୁ ସଂଯମ କରି ନିୟମିତ କର୍ମ କର,
କାହିଁକି ନା କର୍ମ ନ କରିବା ଅପେକ୍ଷା କର୍ମ କରିବା ଉତ୍ତମ,
ସବୁ ପ୍ରକାର କର୍ମ ପରିତ୍ୟାଗ କଲେତୁମର
ଶରୀର ଯାତ୍ରା ନିର୍ବାହ ହେବ ନାହିଁ ॥୮॥

# ଯୁଦ୍ଧ ଜିତିବାର ଆସ୍ଫାଳନ

ଆମେରିକା ଓ ଇରାକ ମଧ୍ୟରେ ଯୁଦ୍ଧ ପ୍ରାୟ ୩୯ ଦିନ ଅତିକ୍ରାନ୍ତ ହେବା ପରେ ଦୁଇ ସପ୍ତାହ ଲାଗି ଯୁଦ୍ଧ ବିରତି, ଉଭୟ ପକ୍ଷର ସହମତିରେ ହୋଇଛି । ମାତ୍ର ଏହି ଯୁଦ୍ଧ ବିରତି ସତ୍ତ୍ୱେ ଉଭୟ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ସ୍ଥାପିତ ହୋଇଥିବା ପରି ମନେ ହେଉନାହିଁ । ଅବିଶ୍ୱାସ ଓ ସନ୍ଦେହର ବାତାବରଣ ମଧ୍ୟରେ କୌଣସି ବାଧ୍ୟବାଧକତା ଯୋଗୁଁ, ଯୁଦ୍ଧର ବିରତି ଘଟିଛି । କିନ୍ତୁ ଏ ଯୁଦ୍ଧର ଅବସାନ ହେବ ନାହିଁ ସହଜରେ, ସେହିପରି ଜଣାପଡୁଛି ।

ପଶ୍ଚିମ ଏସିଆରେ ଆଉ ଶାନ୍ତି ଫେରି ଆସିବ କି ନାହିଁ କେଜାଣି ? ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବଶ୍ୟ ତାଙ୍କ ତରଫରୁ ପ୍ରଥମେ ଏହି ଯୁଦ୍ଧ ବିରତି ଘୋଷଣା କରିଥିଲେ । ସେ ଯୁଦ୍ଧ ବିରତି ଘୋଷଣା କରିବାର ଦୁଇଘଣ୍ଟା ପୂର୍ବରୁ ମଧ୍ୟ ଇରାନ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦେବାକୁ ଧମକଚମକ ଦେଇଥିଲେ । ପାକିସ୍ତାନ ମଧ୍ୟସ୍ଥତାରେ ଯେଉଁ ସାମୟିକ ଯୁଦ୍ଧ ବିରତି ହୋଇଛି ତାହାକୁ ଭାରତ ସ୍ୱାଗତ କରିଛି ଏବଂ ସେହି ଅଞ୍ଚଳରେ ସ୍ଥାୟୀ ଭାବେ ଶାନ୍ତି ବିରାଜମାନ ହେଉ ବୋଲି ଭାରତ ଚାହିଁଛି । ଉଭୟ ରାଷ୍ଟ୍ର ମଧ୍ୟରେ ଏପରି ବିବାଦ ଓ ଯୁଦ୍ଧ ନୀରିହ ଲୋକଙ୍କୁ ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି । ସମୁଦ୍ର ପଥରେ ତୈଳ ଶକ୍ତିର ରପ୍ତାନୀ ଓ ଆମଦାନୀ ବାଧାପ୍ରାପ୍ତ ହେଉଛି ।

ଅନ୍ୟାନ୍ୟ ବାଣିଜ୍ୟିକ କାରବାର ମଧ୍ୟ ସମ୍ଭବ ହୋଇ ପାରୁନାହିଁ ବୋଲି ଭାରତ ଉଦ୍‌ବେଗ ପ୍ରକାଶ କରିବା ସହିତ ଯୁଦ୍ଧରୁ ନିବୃତ୍ତ ହୋଇ କୂଟନୀତିକ କ୍ଷେତ୍ରରେ ପରସ୍ପର ମଧ୍ୟରେ କଥାବାର୍ତ୍ତା କରାଯାଉ ବୋଲି ଭାରତ ଚାହିଁଛି । ଏଥି ସହିତ ୟୁକ୍ରେନରେ ମଧ୍ୟ ଯୁଦ୍ଧ ବନ୍ଦ ହେଉ ବୋଲି ଭାରତ ଚାହିଁଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି ।

**ଏହିସବୁ ପ୍ରସ୍ତାବ ଯାହା ଇରାନ ପକ୍ଷରୁ ପ୍ରକାଶିତ ହୋଇଛି, ସେଥିପ୍ରତି ହ୍ୱାଇଟ ହାଉସର ସମ୍ମତି ନାହିଁ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି । ଏହିପରି ଦ୍ୱନ୍ଦ୍ୱ ଓ ଅବିଶ୍ୱାସ ମଧ୍ୟରେ ଏହି ଉଭୟ ପକ୍ଷର ଯୁଦ୍ଧ ବିରତି ନିଷ୍ପତ୍ତି କେତେଦୂର ଫଳପ୍ରଦ ହେବ, ତାହା ହିଁ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଦେଖାଯାଉ, ଏ ଯୁଦ୍ଧର ଅବସାନ କେବେ ହେଉଛି । ଏ ଯୁଦ୍ଧର ଅବସାନ ହୋଇପାରେ, ମାତ୍ର ଯୁଦ୍ଧ ଜିତିବା ପରେ ଏ ଆସ୍ଫାଳନର ସ୍ଥାୟିତ୍ୱ ପ୍ରକୃତରେ କେତେ ?**

ଇରାନର ସର୍ବୋଚ୍ଚ ଜାତୀୟ ନିରାପତ୍ତା ପରିଷଦ ପକ୍ଷରୁ କୁହାଯାଇଛି ଯେ ଇରାନର ଯୁଦ୍ଧ ବିରତି ପ୍ରସ୍ତାବ ଉପରେ ଆମେରିକା ସମ୍ମତି ପ୍ରକାଶ କରିଛି ।

ସେଗୁଡ଼ିକ ହେଉଛି ୧) ଯୁଦ୍ଧ ହେବ ନାହିଁ, ୨) ହର୍ମୁଜ ପ୍ରଣାଳୀ ଉପରେ ଇରାନର ନିୟନ୍ତ୍ରଣ ରହିବ, ୩) ୟୁରାନିୟମ ଗ୍ରହଣ କରାଯିବା ୪) ସମସ୍ତ ପ୍ରାଥମିକ ଓ ଦ୍ୱିତୀୟ ଅନୁଦାନର କଟକଣା ହଟାଇବା ୫) ଆଇ.ଏ.ଇଏ (ଅର୍ନ୍ତଜାତୀୟ ପରମାଣୁ ଶକ୍ତି ଏଜେନ୍ସି) ଓ ଜାତିସଂଘ ନିରାପତ୍ତା ପରିଷଦର ସମସ୍ତ ପ୍ରସ୍ତାବକୁ ବାତିଲ କରାଯିବା

୬) ଯୁଦ୍ଧାଞ୍ଚଳରୁ ଆମେରିକା ତାହାର ସୈନ୍ୟବାହିନୀକୁ ପ୍ରତ୍ୟାହାର କରିବା ୭) ଲେବାନନ ସମେତ ସବୁ କ୍ଷେତ୍ରରେ ଯୁଦ୍ଧ ବନ୍ଦ ରଖାଯିବା ୮) ଇରାନ ଓ ପାକିସ୍ତାନଙ୍କ କହିବାନୁଯାୟୀ ଲେବାନନରେ ଯୁଦ୍ଧ ସ୍ଥଗିତ ରଖିବା ।

ଇସ୍ରାଏଲ ପକ୍ଷରୁ ସଦ୍ୟ ଆକ୍ରମଣ ଯୋଗୁଁ ନେତାନ୍ୟାହୁ ଓ ଟ୍ରମ୍ପ କହିଛନ୍ତି ଯେ ହିଜବୁଲ୍ଲାଙ୍କ ବିରୋଧରେ ଯୁଦ୍ଧ ଏହି ପ୍ରସ୍ତାବର ଅର୍ନ୍ତଭୁକ୍ତ ନୁହେଁ ୯) ଟ୍ରମ୍ପ କହିଛନ୍ତି ଇରାନ ସହିତ ମିଶି ଆମେରିକା ମୂଲ୍ୟବାନ ୟୁରାନିୟମ ଯାହା ମାଟିତଳେ ରହିଛି ତାହାକୁ ବାହାର କରିବା ଦରକାର ।

ମାତ୍ର ଇରାନ ଏଥିରେ ରାଜି ହୋଇନାହିଁ, ୧୦) ଇରାନ କହୁଛି ହର୍ମୁଜ ପ୍ରଣାଳୀରେ ଟୋଲ ଆଦାୟ କରିବା କଥା ରହିଛି ।

ଏହିସବୁ ପ୍ରସ୍ତାବ ଯାହା ଇରାନ ପକ୍ଷରୁ ପ୍ରକାଶିତ ହୋଇଛି, ସେଥିପ୍ରତି ହ୍ୱାଇଟ ହାଉସର ସମ୍ମତି ନାହିଁ ବୋଲି ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି ।

ଏହିପରି ଦ୍ୱନ୍ଦ୍ୱ ଓ ଅବିଶ୍ୱାସ ମଧ୍ୟରେ ଏହି ଉଭୟ ପକ୍ଷର ଯୁଦ୍ଧ ବିରତି ନିଷ୍ପତ୍ତି କେତେଦୂର ଫଳପ୍ରଦ ହେବ, ତାହା ହିଁ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଛି । ତେବେ ଦେଖାଯାଉ, ଏ ଯୁଦ୍ଧର ଅବସାନ କେବେ ହେଉଛି । ଏ ଯୁଦ୍ଧର ଅବସାନ ହୋଇପାରେ, ମାତ୍ର ଯୁଦ୍ଧ ଜିତିବା ପରେ ଏ ଆସ୍ଫାଳନର ସ୍ଥାୟିତ୍ୱ ପ୍ରକୃତରେ କେତେ ?

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅନ୍ତ୍ୟୋଦୟ ଆଧାରିତ ସାମାଜିକ ସୁରକ୍ଷା



**ଡ. ମୁକେଶ ମହାଲିଙ୍ଗ**

ଅନ୍ତ୍ୟୋଦୟର ମୂଳ ଅର୍ଥ ହେଉଛି ସମାଜର ସବୁଠାରୁ ଶେଷ ଧାଡ଼ିରେ ଥିବା ନାଗରିକଙ୍କ ସାମଗ୍ରୀକ ବିକାଶ । ଯେତେବେଳେ ସେହି ଶେଷ ମଣିଷଟି ମଧ୍ୟ ସମାନ ସୁଯୋଗ, ସମ୍ମାନ ଓ ସୁବିଧା ପାଏ, ସେତେବେଳେ ହିଁ ସମାଜରେ ସଫଳତା ଓ ସାର୍ଥକତା ପ୍ରତିଷ୍ଠିତ ହୁଏ । ଏହା ସମାନତା, ସମାଜିକ ନ୍ୟାୟ ଓ ସହଭାଗିତାର ଏକ ଶକ୍ତିଶାଳୀ ସନ୍ଦେଶ ଦେଇଥାଏ। ଅନ୍ତ୍ୟୋଦୟ ହେଉଛି ଏକାତ୍ମ ମାନବ ଦର୍ଶନର ପ୍ରାୟୋଗିକ ରୂପ। ମୌଳିକ ଭାରତୀୟ ବିଚାରଧାରକୁ ଦର୍ଶାଉଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦ୍ୱାରା ପ୍ରତିପାଦିତ ଏକାତ୍ମ ମାନବ ଦର୍ଶନ ହେଉଛି ଆମ ସଂସ୍କୃତି ଓ ଜୀବନମୂଲ୍ୟ ଉପରେ ଆଧାରିତ ବ୍ୟକ୍ତି, ସମାଜ, ପ୍ରକୃତି ଓ ପରମେଶ୍ୱରଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ସର୍ବାଙ୍ଗୀନ ବିକାଶକର ଲକ୍ଷ୍ୟକୁ ପୂରଣ କରିବା। ଆଧୁନିକ ବିଶ୍ୱରେ ପୁଞ୍ଜିବାଦ ଓ ସାମ୍ୟବାଦ ଭଳି ପାଶ୍ଚାତ୍ୟ ବିଚାରଧାରା ମାନବ ଜୀବନକୁ କେବଳ ଆର୍ଥିକ ମାନଦଣ୍ଡରେ ମାପିଥାଏ । କିନ୍ତୁ ଏକାତ୍ମ ମାନବ ଦର୍ଶନ ମାନବକୁ କେବଳ ଶରୀର ନୁହେଁ, ବରଂ ମନ, ବୁଦ୍ଧି ଓ ଆତ୍ମାର ସମନ୍ୱିତ ଏକ ସମଗ୍ର ସ୍ୱରୂପ ଭାବେ ଦେଖେ। ଏହି ଦର୍ଶନର ମୂଳ ଭିତ୍ତି ହେଉଛି ସମନ୍ୱୟବାଦ, ଯାହା ଜୀବନର ସମସ୍ତ ଦିଗକୁ ସମାନ ଗୁରୁତ୍ୱ ଦେଇ ସନ୍ତୁଳିତ ବିକାଶକୁ ପ୍ରୋତ୍ସାହିତ କରେ। ଯେତେବେଳେ ସରକାର ଓ ସମାଜ ମିଶି ସବୁଠାରୁ ଦୁର୍ବଳ ଲୋକଙ୍କୁ ସହାୟତା କରେ, ସେତେବେଳେ ସତ୍ୟ ସମାନତା ଓ ନ୍ୟାୟ ସ୍ଥାପିତ ହୁଏ । ଏହା ଦ୍ୱାରା ଗରିବ, ବୟୋଜ୍ୟେଷ୍ଠ ଓ ଅସହାୟ ବ୍ୟକ୍ତିମାନେ ସୁରକ୍ଷିତ ଓ ସମ୍ମାନପୂର୍ଣ୍ଣ ଜୀବନ ବ୍ୟତୀତ କରିପାରନ୍ତି। ଏହାକୁ ଆଧାର କରି ଅଭିଜ୍ଞ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ସାମାଜିକ ସୁରକ୍ଷା ପାଇଁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଭାରତୀୟ ଦୀର୍ଘକାଳୀନ ଆୟୁ ଅଧ୍ୟୟନ ଅନୁସାରେ ୨୦୧୧ ଜନଗଣନାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ୬୦ ବର୍ଷରୁ ଉର୍ଦ୍ଧ୍ୱ କେବଳ ୮.୬% ଜନସଂଖ୍ୟା ଅଛି । କିନ୍ତୁ ୨୦୫୦ ସୁଦ୍ଧା ଏହା ୧୯.୫% ହେବାର ସମ୍ଭାବନା ରହିଛି। ଯାହାକି ପ୍ରାୟ ୩୧.୯ କୋଟି ବରିଷ୍ଠ ନାଗରିକଙ୍କ ପ୍ରତିନିଧିତ୍ୱ କରିବ । ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏହି ଜନସଂଖ୍ୟାର ସୁସ୍ଥମୟ ଜୀବନର ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସରକାର ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହା ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଅନ୍ତର୍ଭୁକ୍ତ । ଏଥିରେ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶୁଳ୍କ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି । ହସ୍ପିଟାଲ ଭର୍ତ୍ତି ଠାରୁ ଆରମ୍ଭ କରି ଔଷଧ, ରୋଗ ପରୀକ୍ଷା ଓ ସମସ୍ତ ପ୍ରକାର ଚିକିତ୍ସା ଖର୍ଚ୍ଚ ସରକାର ଭରଣ କରୁଛନ୍ତି । ୭୦ ବର୍ଷରୁ ଅଧିକ ବୟସ୍କ ଯେକୌଣସି ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ଭାବେ ଅନ୍ତର୍ଭୁକ୍ତ । ସରକାରୀ, ବେସରକାରୀ ଚାକିରିରୁ ଅବସର ପ୍ରାପ୍ତ ତଥା ପେନସନ୍ ଭୋଗୀ ଓ ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତି ମଧ୍ୟ ନିର୍ଦ୍ଧାରିତ ବୟସ ହେଲେ ଏହାର ସୁବିଧା ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୬,୦୪,୯୮୮ ଜଣ ହିତାଧିକାରୀ ଏହି ଯୋଜନାର ସୁବିଧା ପାଉଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୬,୫୮୯ ଜଣ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ୧୬୩.୭୭ କୋଟି ଟଙ୍କା ଆମ ସରକାର ବହନ କରିଛନ୍ତି । ଏହା ଦ୍ୱାରା ଆର୍ଥିକ ଅନଗ୍ରସର ଥିବା ପରିବାରର ମଧ୍ୟ ଆର୍ଥିକ ଭାର ହ୍ରାସ ହେବ । ବୟସ ବୃଦ୍ଧି ସହିତ ଅନେକ ରୋଗର ସମ୍ଭାବନା ବଢ଼ିଥାଏ ତେଣୁ ସେମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଏହି ଯୋଜନା ସଂଜୀବନୀ ଭାବେ କାର୍ଯ୍ୟ କରୁଛି। କୌଣସି ବୟୋଜ୍ୟେଷ୍ଠ ନାଗରିକ ଅର୍ଥ ଅଭାବରେ ଚିକିତ୍ସାରୁ ବଞ୍ଚିତ ହେବେ ନାହିଁ, ଏହା ଆମ ସରକାରଙ୍କର ପ୍ରୟାସଛ ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମାଧ୍ୟମରେ ସମ୍ମାନ ଓ ସହାୟତା କରିବା ଉତ୍ତରାଧିକାରୀ ଭାବେ ଆମର କର୍ତ୍ତବ୍ୟ । ୬୦ ବର୍ଷ ହେବା ପରେ ସମସ୍ତ ନାଗରିକମାନଙ୍କୁ ଭତ୍ତା ପ୍ରଦାନ କରିବା ସରକାରଙ୍କ ଏକ ନୈତିକ ଦାୟିତ୍ୱ । ହେଲେ ସମସ୍ତ ଯୋଗ୍ୟତା ପୂରଣ କରୁଥିଲେ ସୁଦ୍ଧା ୬ ଲକ୍ଷ ହିତାଧିକାରୀ ଆଜି ମଧ୍ୟ ସାମାଜିକ ସୁରକ୍ଷା ଭତ୍ତାରୁ ବଞ୍ଚିତ ଅଛନ୍ତି । ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀ ମୃତ୍ୟୁ ବରଣ ଫଳରେ ଖାଲି ହେଉଥିବା ସେହି ସ୍ଥାନରେ ଅନ୍ୟ ହିତାଧିକାରୀଙ୍କୁ ଯୋଡ଼ିବାର ବ୍ୟବସ୍ଥା ଥିଲା। ତେଣୁ ଜଣେ ହିତାଧିକାରୀଙ୍କ ମୃତ୍ୟୁ ହେବା ପର୍ଯ୍ୟନ୍ତ ଆଉ ଜଣେ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ପୂର୍ବ ସରକାର ଏହି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକରି ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ପ୍ରତି ଘୋର ଅନ୍ୟାୟ କରିଥିଲେ। କିନ୍ତୁ ଆମ ସରକାର ଏହାକୁ ଏକ ଗୁରୁତର ଅସଙ୍ଗତୀ ଭାବେ ସ୍ୱୀକାର କରି ଏହାର ସମାଧାନ ପାଇଁ ମଧୁବାବୁ ପେନସନ ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ପରିପୁକ୍ତ ମୋଡରେ ଅନ୍ତର୍ଭୁକ୍ତ କରିବା ପାଇଁ ନିତିଗତ ନିଷ୍ପତ୍ତି ନେଇଛନ୍ତି। ବାଦ୍ ପଡ଼ିଥିବା ସମସ୍ତ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି ଆମେ ଅତିଶୀଘ୍ର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଯାଉଛୁ। ଭବିଷ୍ୟତରେ ଯେକେହି ମଧ୍ୟ ବୟସଗତ ଯୋଗ୍ୟତା ପୂରଣ କଲେ ସିଧାସଳଖ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବେ । ଭତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆମ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ହୋଇଥିବାରୁ ସାମାଜିକ ସୁରକ୍ଷା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୟସ ବୃଦ୍ଧି ସହିତ ଅନେକ ବ୍ୟକ୍ତି ଆର୍ଥିକ ଉପାର୍ଜନରୁ ଦୂରେଇ ଯାଆନ୍ତି। ଆତ୍ମସମ୍ମାନ ସହ ଜୀବନଯାପନରେ ସହାୟତା କରିବା ପାଇଁ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ଭତ୍ତାକୁ ୧୨୦୦ରୁ ବୃଦ୍ଧି ଆମ ସରକାର ୩୫୦୦ ଟଙ୍କା କରିଛନ୍ତି। ଏହା ବୟୋଜ୍ୟେଷ୍ଠ ମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନତା ପ୍ରଦାନ କରିବା ସହ ବିଶେଷକରି ଗ୍ରାମାଞ୍ଚଳରେ ଗରିବ ଓ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ଆଶୀର୍ବାଦ ସଦୃଶ୍ୟ। ରାଜ୍ୟର ୩,୭୩,୫୨୧ ଜଣ ବୟୋଜ୍ୟେଷ୍ଠ ଏହି ଯୋଜନାର ଲାଭ ପାଉଥିବା ବେଳେ ଏହାର ଏକ ବିଶେଷତା ହେଉଛି ରାଷ୍ଟ୍ରୀୟ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଥିବା ହିତାଧିକାରୀ ହୁଉନ୍ତୁ କିମ୍ବା ମଧୁବାବୁ ପେନସନ ଯୋଜନାର ଲାଭାର୍ଥି, ସମସ୍ତେ ଏହି ବର୍ଦ୍ଧିତ ଭତ୍ତାର ଅଧିକାରୀ । ସେହିପରି ୮୦% ଦିବ୍ୟାଙ୍ଗ ଥିବା ବ୍ୟକ୍ତିବିଶେଷ ମାନଙ୍କୁ ମଧ୍ୟ ୩୫୦୦ ଟଙ୍କା ଭତ୍ତା ଦେବାକୁ ଆମ ସରକାର ବ୍ୟବସ୍ଥା କରିଛନ୍ତି। ଚିକିତ୍ସା ଖର୍ଚ୍ଚ ଠାରୁ ସେମାନଙ୍କ ଦୈନନ୍ଦିନ ଆବଶ୍ୟକତା ପୂରଣରେ ଏହା ଉପକାରୀ ହେବ। ସମାଜ ଓ ପରିବାରରେ ଦିବ୍ୟାଙ୍ଗ ମାନଙ୍କୁ ସ୍ୱାଭିମାନର ସହିତ ବଞ୍ଚିବା ଏବଂ ଆତ୍ମନିର୍ଭରତା ଦୀଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏବେ ପର୍ଯ୍ୟନ୍ତ ୧,୦୬,୨୪୬ ଜଣ ଦିବ୍ୟାଙ୍ଗ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଆମର ଏହି ପଦକ୍ଷେପ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଏହା ମାନବତା, ସମାଜିକ ନ୍ୟାୟ ଓ ସମାନତାର ଏକ ଉଜ୍ଜ୍ୱଳ ଉଦାହରଣ।

ଅଖଣ୍ଡମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରମ୍ ଏକାତ୍ମ ମାନବବାଦର ଦର୍ଶନ ହେଉଛି ଗୋଟିଏ ସ୍ଥାନରୁ ଆରମ୍ଭ କରି ସମାନ ଗୋଲାକାର ଆକୃତିରେ ସମାଜରେ ରହୁଥିବା ସମସ୍ତଙ୍କର ସମ ପରିମାଣରେ ବିକାଶ କରିବା। ଏହାକୁ ଆଧାର କରି ଆମ ସରକାର ସାମାଜିକ ସୁରକ୍ଷା ନିମନ୍ତେ ଦୂରଦର୍ଶୀ ଉଦ୍ୟମ କରୁଛନ୍ତି। ଜ୍ଞାନର ଭଣ୍ଡାରରେ ପରିପୂର୍ଣ୍ଣ ଥିବା ବୟୋଜ୍ୟେଷ୍ଠ ମାନଙ୍କ ଅନୁଭବର ବ୍ୟବହାର କରି ବିକଶିତ ଭାରତ ୨୦୪୭ ଓ ବିକଶିତ ଓଡ଼ିଶା ୨୦୩୬ର ପରିକଳ୍ପନା ପୂରଣ ହୋଇ ପାରିବ। ସେଥିପାଇଁ ରାଜ୍ୟର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ ସକ୍ରିୟ ଓ ଆରୋଗ୍ୟ ମୟ ଦୀର୍ଘ ଜୀବନର କାମନା କରୁଛି ।

**କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା**

# ହୋମିଓପ୍ୟାଥିକ ଚିକିତ୍ସାର ବିଶ୍ୱସନୀୟତା

**ରାଜେନ୍ଦ୍ର କୁମାର ଦାଶ**

ହୋମିଓପ୍ୟାଥି ଚିକିତ୍ସା, ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନାଦୃତ ଚିକିତ୍ସା ବ୍ୟବସ୍ଥା । ଏହି ଚିକିତ୍ସାବିଜ୍ଞାନର ସୃଷ୍ଟି ହୁଏ ୧୭୯୬ ମସିହାରେ ଜର୍ମାନ ଦେଶରେ, ଏକ ତତ୍କାଳୀନ ପାରମ୍ପରିକ ବା ଏଲୋପ୍ୟାଥିକ୍ ଚିକିତ୍ସକ ଡା. ସାମୁଏଲ ହ୍ୟାନିମାନଙ୍କଦ୍ୱାରା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଏହା ଦୀର୍ଘ ୨୩୦ ବର୍ଷ ଧରି ବିଶ୍ୱର କୋଣ ଅନୁକୋଣରେ ରୋଗ ପ୍ରପୀଡ଼ିତ ଜନସାଧାରଣଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇ ଆସୁଛି । ଅନେକ ସମୟରେ ପ୍ରଶ୍ନ ଉଠେ ହୋମିଓ ଚିକିତ୍ସା ବିଜ୍ଞାନ ପ୍ରାମାଣିକ ତ? ଏହି ଚିକିତ୍ସା ପଦ୍ଧତିର ପ୍ରାମାଣିକତା ରହିଛି ତ? ଏହି ଚିକିତ୍ସାରେ ଗବେଷଣା ବା ଅନୁସନ୍ଧାନ ପ୍ରକ୍ରିୟା ରହିଛି କି? ଏପରି ଅନେକ କିଛି ପ୍ରଶ୍ନ ଏହି ଚିକିତ୍ସା ପଦ୍ଧତିକୁ ନେଇ ଜନସାଧାରଣଙ୍କ ମନରେ ରହିଛି । ସେହି ପ୍ରସଙ୍ଗରେ ଆସନ୍ତୁ କିଛି ଆଲୋଚନା କରିବା ।

ପ୍ରଥମ ଆଲୋଚ୍ୟ ବିଷୟ ହେଉଛି ଏହି ଚିକିତ୍ସା ପଦ୍ଧତିର ମୌଳିକ ଦର୍ଶନ ଯାହାକି ବିଭିନ୍ନ ପ୍ରାକୃତିକ ନିୟମ ଆଧାରିତ । ଏହି ଚିକିତ୍ସା ପଦ୍ଧତିର ପ୍ରଥମ ମୌଳିକ ଦର୍ଶନ ହେଉଛି ଗୋଟିଏ ଦୁର୍ବଳ ସମ୍ବେଦନାକୁ ଅନ୍ୟ ଗୋଟିଏ ସବଳ ଏବଂ ସଦୃଶ ସମ୍ବେଦନାଦ୍ୱାରା ପ୍ରତିହତ କରାଯାଇପାରେ । ଯେପରିକି ରସଗୋଲା ଖାଇଲା ପରେ ଚା' ମିଠା ନଲାଗିବା ବା କୌଣସି ଏକ ଲଘୁ ମାନସିକ ଦୁଃଶ୍ଚିନ୍ତା ତୀବ୍ର ମାନସିକ ଦୁଃଶ୍ଚିନ୍ତାଦ୍ୱାରା ଲୋପ ପାଇଯିବା ବା କୌଣସି ଦୁର୍ଗନ୍ଧକୁ ହଟାଇବା ନିମନ୍ତେ ତୀବ୍ର ସୁଗନ୍ଧି ଦ୍ରବ୍ୟର ବ୍ୟବହାର କରିବା ଇତ୍ୟାଦି ।

ପ୍ରାକୃତିକ ନିୟମ ସମସ୍ତ କାଳରେ ସଠିକ ଓ ସମମାତ୍ରାରେ ପ୍ରଭାବୀ ରହିଥାଏ । ଏହି ଦର୍ଶନ ଆଧାରରେ ରୋଗୀର ଲକ୍ଷଣ ସମୁଚ୍ଚୟ ସହିତ ସଦୃଶତମ ସମ୍ପର୍କ ରହିଥିବା ଔଷଧଟିକୁ ପ୍ରଦାନ କରାଯାଇଥାଏ । ମାହାତ୍ମା ହ୍ୟାନିମାନ ଆକସ୍ମିକ ଭାବରେ ଏହି ସିଦ୍ଧାନ୍ତର ସମ୍ମୁଖୀନ ହୋଇଥିଲେ । ସେ ଯେତେବେଳେ ତତ୍କାଳୀନ ଜଣେ ପ୍ରତିଷ୍ଠିତ ଲେଖକଙ୍କର ଔଷଧୀୟ ଦ୍ରବ୍ୟଗୁଣ ଆଧାରିତ ଏକ ପୁସ୍ତକ ଅନୁବାଦ କରୁଥିଲେ, ସେତେବେଳେ ସେ ଗୋଟିଏ ତଥ୍ୟର ସମ୍ମୁଖୀନ ହେଲେ ଯେ, ନିର୍ଦ୍ଦିଷ୍ଟ ଗୋଟିଏ ବୃକ୍ଷର ଛାଲି ଏହାର ପିତାଗୁଣ ଯୋଗୁଁ ମ୍ୟାଲେରିଆ ପରି ଜ୍ୱରକୁ ଆରୋଗ୍ୟ କରିଥାଏ । ମାତ୍ର ଏହା ତାଙ୍କର ଅନୁସନ୍ଧିତ୍ସୁ ମନରେ ଆଲୋଡନ ସୃଷ୍ଟି କରିଥିଲା ଯେ, ଅନେକ ପିତା ଦ୍ରବ୍ୟ ଥିଲେ ମଧ୍ୟ ଅନ୍ୟ କେହି ମ୍ୟାଲେରିଆ ଜ୍ୱରକୁ ଆରୋଗ୍ୟ କରୁନଥିବା ସମୟରେ ଏହି ନିର୍ଦ୍ଦିଷ୍ଟ ଔଷଧୀୟ ଦ୍ରବ୍ୟ କିପରି ଏହାକୁ ଆରୋଗ୍ୟ କରୁଛି? ଏହାପରେ ସେ କୌତୁହଳବଶତଃ ସେହି ନିର୍ଦ୍ଦିଷ୍ଟ ଔଷଧକୁ ନିଜେ ଖାଇବା ପରେ ନିଜ ଉପରେ ମ୍ୟାଲେରିଆ ପରି ଜ୍ୱରର ଲକ୍ଷଣମାନ ପ୍ରକାଶ ପାଇଲା । ସମୟକ୍ରମେ ନାନା ପରୀକ୍ଷାନିରୀକ୍ଷା ପରେ ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ଔଷଧୀୟ ଦ୍ରବ୍ୟର ରୋଗ ସୃଷ୍ଟିକାରୀ ଗୁଣ ହିଁ ରୋଗ ଆରୋଗ୍ୟକାରୀ ଗୁଣ ଯାହାହିଁ ହୋମିଓପ୍ୟାଥି ଦର୍ଶନର ମୌଳିକ ଭିତ୍ତିଭୂମି ।

ଏହାଛଡା ଅନ୍ୟାନ୍ୟ ଦାର୍ଶନିକ ପୃଷ୍ଠଭୂମି ଯଥା ସୂକ୍ଷ୍ମମାତ୍ରାର ଔଷଧ ପ୍ରୟୋଗ, ଔଷଧକୁ ସ୍ୱତନ୍ତ୍ର ପ୍ରଣାଳୀରେ ସୂକ୍ଷ୍ମସ୍ତରକୁ ଆଣିବା, ସାମଗ୍ରିକ ଦୃଷ୍ଟିକୋଣରୁ ରୋଗୀକୁ ବିଚାର କରିବା, ରୋଗୀର ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଦେବା ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ସବୁବେଳେ ସତ୍ୟ ଯେ ସୂକ୍ଷ୍ମତତ୍ତ୍ୱ ସ୍ଥୂଳତତ୍ତ୍ୱକୁ ନିୟନ୍ତ୍ରିତ ଓ ପରିଚାଳିତ କରିଥାଏ ଅନ୍ୟଥା ସମ୍ଭବ ନୁହେଁ । ନିର୍ଦ୍ଦିଷ୍ଟ ଆଇନ ବା ଦେଶର ସମ୍ବିଧାନ ସୂକ୍ଷ୍ମ ଏବଂ ଏହା ଦେଶ, ରାଜ୍ୟକୁ ପରିଚାଳିତ କରିଥାଏ । ସୂକ୍ଷ୍ମମାତ୍ରାର ଅନ୍ତଃସ୍ରାବୀ ଗ୍ରନ୍ଥିକ୍ଷରଣଜନିତ ରାସାୟନିକ ସାମଗ୍ରୀ ସ୍ଥୂଳ ଶରୀରକୁ ନିୟନ୍ତ୍ରଣ କରିଥାଏ ଏବଂ ସୂକ୍ଷ୍ମସ୍ତରର ମନ ସ୍ଥୂଳ ଶରୀରକୁ ପରିଚାଳିତ କରିଥାଏ । ଏହି କ୍ରମରେ ସୂକ୍ଷ୍ମ ଔଷଧର ଆବଶ୍ୟକତା ହୋଇଥାଏ ଏବଂ ନିର୍ଦ୍ଦିଷ୍ଟ ଔଷଧକୁ ସୂକ୍ଷ୍ମସ୍ତରକୁ ଆଣିବା ପାଇଁ ନିର୍ଦ୍ଦିଷ୍ଟ ବୈଜ୍ଞାନିକ ଓ ଗାଣିତିକ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ ।



ହୋମିଓପ୍ୟାଥି ଔଷଧର ଦ୍ରବ୍ୟଗୁଣଜନିତ ପରିଚୟର ମୂଳ ଆଧାର ହେଉଛି ସୁସ୍ଥ ମନୁଷ୍ୟ ପରୀକ୍ଷଣ । ନିର୍ଦ୍ଦିଷ୍ଟ ଔଷଧୀୟ ଦ୍ରବ୍ୟକୁ ନିର୍ଦ୍ଦିଷ୍ଟ ମାତ୍ରାରେ ବିଭିନ୍ନ ବର୍ଗର ସୁସ୍ଥମାନବଙ୍କ ଉପରେ ପରୀକ୍ଷଣ କରାଯାଇଥାଏ । ସୁସ୍ଥ ମଣିଷଙ୍କ ଉପରେ ପ୍ରକାଶ ପାଇଥିବା ଲକ୍ଷଣ ସମୁଚ୍ଚୟ ଆଧାରରେ ଔଷଧକୁ ରୋଗୀ ଉପରେ ପ୍ରୟୋଗ କରାଯାଇଥାଏ । ଏହି ସୁସ୍ଥମାନବ ପରୀକ୍ଷଣ ଏକ ଅତି ସ୍ୱତନ୍ତ୍ର ଏବଂ କଠୋର ମାନଦଣ୍ଡ ସମ୍ବଳିତ ପଦ୍ଧତି । ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ପରୀକ୍ଷଣ ପୂର୍ବବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ପରୀକ୍ଷଣ ପରବର୍ତ୍ତୀ ସ୍ୱାସ୍ଥ୍ୟ ପରୀକ୍ଷଣ ମଧ୍ୟ କରାଯାଇଥାଏ । ଏହା ଏକ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ଏବଂ ସଠିକ ପ୍ରଣାଳୀ । ପଶୁମାନଙ୍କ ଉପରେ ଔଷଧର ପରୀକ୍ଷଣ ବା ନିର୍ଦ୍ଦିଷ୍ଟ ଯାନ୍ତ୍ରିକ ପଦ୍ଧତିରେ ଔଷଧ ପରୀକ୍ଷଣ ଠାରୁ ଏହା ଅତ୍ୟନ୍ତ ଉତ୍ତମ ଯାହାକି ଜୀବନ୍ତ ପ୍ରୟୋଗ ଶାଳାରେ ପରୀକ୍ଷିତ ।

ସମଗ୍ରତା ହିଁ ଜୀବନର ମୌଳିକ ପୃଷ୍ଠଭୂମି ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ, ସମସ୍ତ କୋଷ ବା ଅବୟବ ବା ନିର୍ଦ୍ଦିଷ୍ଟ ଶରୀର ସଂରଚନାଜନିତ ବ୍ୟବସ୍ଥା ଏହି ସମଗ୍ରତାରେ ହିଁ ଆବଦ୍ଧ । କେହି କାହାଠାରୁ ସ୍ୱତନ୍ତ୍ର ନୁହଁନ୍ତି । ଶରୀର ଏବଂ ମନ ଅଙ୍ଗାଙ୍ଗୀ ଭାବରେ ଜଡିତ । ମାନସିକ ଦୁଶ୍ଚିନ୍ତା, ବିଷାଦ ବା ଅବସାଦର ପ୍ରତିକ୍ରିୟା ଶରୀର ଉପରେ ଗଭୀର ଭାବରେ ଅନୁଭୂତ ହୋଇଥାଏ । ନିର୍ଦ୍ଦିଷ୍ଟ ଅଙ୍ଗଟିଏ ଅନ୍ୟ ଅଙ୍ଗ ଉପରେ ନିର୍ଭରଶୀଳ । ଅତ୍ୟଧିକ ଶାରୀରିକ ଶ୍ରମପରେ ତଦ୍‌ଜନିତ ପରିବର୍ତ୍ତନର ସଫଳ ମୁକାବିଲା ପାଇଁ ହୃତପିଣ୍ଡଠାରୁ ଆରମ୍ଭ କରି ମସ୍ତିଷ୍କ ପର୍ଯ୍ୟନ୍ତ ସମସ୍ତେ କାମରେ ଲାଗିଯାଇଥାନ୍ତି । ଏପରି ଦାର୍ଶନିକ ପୃଷ୍ଠଭୂମିରେ ନିର୍ଦ୍ଦିଷ୍ଟ ରୋଗକୁ କେବଳ ସେହି ନିର୍ଦ୍ଦିଷ୍ଟ ଅଙ୍ଗ ବା ଅବୟବର ବିକୃତି ବୋଲି ନଭାବି ଏକ ସାମଗ୍ରିକ ଦୃଷ୍ଟିକୋଣରେ ଦେଖାଯାଇଥାଏ ।

ସଂସାରରେ କେହି ଦୁଇଟିଲୋକ ଏକାପରି ନୁହଁନ୍ତି ଏପରିକି ଗୋଟିଏ ଯୁଗ୍ମଜ ସମ୍ଭୁତ ଦୁଇଗୋଟି ଯମଜ ସନ୍ତାନ ମଧ୍ୟ ଏକାପରି ନୁହଁନ୍ତି । ସେମାନଙ୍କ ବ୍ୟକ୍ତିତ୍ୱରେ ଅନେକ ଫରକ ରହିଥାଏ । ସମସ୍ତ ଜୀବସତ୍ତାଙ୍କର ଏକ ସ୍ୱତନ୍ତ୍ରତା ରହିଥାଏ । ନିର୍ଦ୍ଦିଷ୍ଟ ରୋଗରେ ଆକ୍ରାନ୍ତ ଏକାଧୀନ ବ୍ୟକ୍ତିଙ୍କର ଲକ୍ଷଣ ଅଲଗା ଅଲଗା ହୋଇଥିବା ସ୍ଥଳେ ସେମାନଙ୍କୁ କିପରି ଏକା ପ୍ରକାର ଔଷଧ ଦିଆଯାଇପାରିବ? ବ୍ୟକ୍ତିର ସ୍ୱତନ୍ତ୍ରତା ଆଧାରରେ ନିର୍ଦ୍ଦିଷ୍ଟ ରୋଗୀ ପାଇଁ ନିର୍ଦ୍ଦିଷ୍ଟ ଔଷଧ ଚୟନ କରାଯାଇଥାଏ, ଯାହାକି ଏହି ଚିକିତ୍ସା ପଦ୍ଧତିର ଏକ ସ୍ୱତନ୍ତ୍ର ପ୍ରକ୍ରିୟା ।

ଅନେକ ସମୟରେ ଏପରି ଶୁଣିବାକୁ ମିଳିଥାଏ ଯେ ହୋମିଓଚିକିତ୍ସାରେ ନିଦାନର ଆବଶ୍ୟକତା ହୋଇନଥାଏ, ଏହା ସମ୍ପୂର୍ଣ୍ଣ ଭୁଲ । ହୋମିଓପ୍ୟାଥିକ୍ ଚିକିତ୍ସା ନିମନ୍ତେ ବିଭିନ୍ନ ପ୍ରକାର ପରୀକ୍ଷଣ ଅପରିହାର୍ଯ୍ୟ । ଚିକିତ୍ସା ପୂର୍ବରୁ, ଚିକିତ୍ସାର ମଧ୍ୟଭାଗରେ ଏବଂ ଚିକିତ୍ସା ସମାପନ ପରେ ଏହାର ଆବଶ୍ୟକତା ରହିଥାଏ । ରୋଗର ଚିହ୍ନଟ, ରୋଗର ପ୍ରଗତିଜନିତ ପୂର୍ବାନୁମାନ, ରୋଗୀର ଦିନଚର୍ଯ୍ୟା ଇତ୍ୟାଦି ନିମନ୍ତେ ନିଦାନର ଆବଶ୍ୟକତା ଯଥେଷ୍ଟ ଅଧିକ । ଅନେକ ସମୟରେ ନିଦାନ ଆଧାରରେ ହିଁ ଔଷଧ ନିରୂପଣ କରାଯାଇଥାଏ । ଚିକିତ୍ସାର ଫଳାଫଳର ଆକଳନ ଓ ତତ୍ ପରବର୍ତ୍ତୀ ଚିକିତ୍ସା ବ୍ୟବସ୍ଥା ମଧ୍ୟ ଆବଶ୍ୟକୀୟ ନିଦାନ ଉପରେ ନିର୍ଭର କରିଥାଏ । ସମସ୍ତ ପ୍ରକାର ଅତ୍ୟାଧୁନିକ ନିଦାନ ବ୍ୟବସ୍ଥାର ଉପଯୋଗ ହୋମିଓପ୍ୟାଥି ଚିକିତ୍ସାରେ କରାଯିବା ସହିତ ଗବେଷଣା କ୍ଷେତ୍ରରେ ଏହାର ପ୍ରୟୋଗ ମଧ୍ୟ ଯଥେଷ୍ଟ ଭାବରେ ହୋଇଥାଏ ।

ଅନେକ ସମୟରେ ପ୍ରଶ୍ନ ଉଠିଥାଏ, ଏହି ଚିକିତ୍ସା ବିଜ୍ଞାନ ସମ୍ମତ କି? ରୋଗୀକୁ ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କରିବା, ରୋଗୀର ମନଃସ୍ଥିତିକୁ ଗୁରୁତ୍ୱ ଦେବା, ରୋଗର ବ୍ୟକ୍ତିଗତ ସ୍ୱତନ୍ତ୍ରତାକୁ ଗୁରୁତ୍ୱ ଦେବା, ରୋଗୀର ନିଜସ୍ୱ ଅନୁଭୂତିକୁ ଗୁରୁତ୍ୱ ଦେବା, ରୋଗ ସମ୍ବନ୍ଧୀୟ ବିଶଦ ସୂଚନା ସଂଗ୍ରହ କରିବା, ରୋଗର ଇତିହାସକୁ ଗୁରୁତ୍ୱ ଦେବା ଇତ୍ୟାଦି ମଧ୍ୟରୁ କେଉଁ ଗୋଟିଏ ବି ଅବୈଜ୍ଞାନିକ ନୁହେଁ ବରଂ ଏହା ବିଜ୍ଞାନର ଏକ ବିଶେଷ ଅନୁସନ୍ଧାନାତ୍ମକ ଦିଗକୁ ଦୃଷ୍ଟି ନିକ୍ଷେପ କରେ । ଅଧିକନ୍ତୁ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତିରେ କୌଣସି ଏକ ଔଷଧର ନିରୂପଣ ଏକ ବୈଜ୍ଞାନିକ ଓ ଗାଣିତିକ ପ୍ରକ୍ରିୟା ମାଧ୍ୟମରେ କରାଯାଇଥାଏ । ଅନେକ ସମ୍ଭାବ୍ୟ ବା ସଦୃଶ ଔଷଧମାନଙ୍କର ସୂଚୀ ପ୍ରସ୍ତୁତ କରାଯାଇ ତନ୍ମଧ୍ୟରୁ ସର୍ବ ସଦୃଶ ଔଷଧଟିକୁ ଚୟନ କରାଯାଇଥାଏ । କେବଳ ଔଷଧ ଚୟନ ନୁହେଁ ଔଷଧ ପ୍ରସ୍ତୁତି ମଧ୍ୟ ସମ୍ପୂର୍ଣ୍ଣ ବୈଜ୍ଞାନିକ ଓ ଗାଣିତିକ ପ୍ରକ୍ରିୟାରେ କରାଯାଇଥାଏ ।

ହୋମିଓପ୍ୟାଥିକ୍ ଔଷଧ ପ୍ରସ୍ତୁତି ପୂର୍ବରୁ ଏବଂ ପରେ ଗୁଣାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସହିତ ବିଭିନ୍ନ ବୈଜ୍ଞାନିକ ପ୍ରକ୍ରିୟାର ସାହାଯ୍ୟ ନିଆ ଯାଇଥାଏ । ରୋଗୀର ବିବରଣୀଠାରୁ ଆରମ୍ଭ କରି ଔଷଧ ନିରୂପଣ, ଔଷଧର ମାତ୍ରା ନିରୂପଣ, ଔଷଧ ସେବନ ପରବର୍ତ୍ତୀ ଆକଳନ ଇତ୍ୟାଦି ସମସ୍ତ ପ୍ରକ୍ରିୟା ସ୍ୱତନ୍ତ୍ର ମାନକ ପ୍ରକ୍ରିୟା ବା ମାନଦଣ୍ଡ ମାଧ୍ୟମରେ ହିଁ ହୋଇଥାଏ ଯେଉଁଥିରେ ବ୍ୟକ୍ତିଗତ ପୂର୍ବାଗ୍ରହ ବା ପକ୍ଷପାତିତାର ସ୍ଥାନ ନଥାଏ ।

ଏହି ଚିକିତ୍ସା ବିଜ୍ଞାନରେ ଅନେକ ଗବେଷଣା ଚାଲୁରହିଛି । ଭାରତ ସରକାରଙ୍କ କେନ୍ଦ୍ରୀୟ ଗବେଷଣା ପରିଷଦ, ବିଭିନ୍ନ ହୋମିଓପ୍ୟାଥି ଶିକ୍ଷାନୁଷ୍ଠାନ, ବିଭିନ୍ନ ରାଜ୍ୟର ଗବେଷଣା ଅନୁଷ୍ଠାନ ଇତ୍ୟାଦିମାନଙ୍କ ଦ୍ୱାରା ନିୟମିତ ଗବେଷଣା ଚାଲିବା ସହିତ ଗବେଷଣା ଲବ୍ଧ ସୂଚନାକୁ ବିଭିନ୍ନ ପତ୍ରିକାମାନଙ୍କରେ ପ୍ରକାଶ କରାଯାଉଛି । ବିଭିନ୍ନ ପ୍ରକାର ମୌଳିକ ଗବେଷଣା ସହିତ ଚିକିତ୍ସା ସମ୍ବନ୍ଧୀତ ଗବେଷଣାମାନ ନିୟମିତ ଜାରି ରହିଛି ।

ଉପରୋକ୍ତ ଆଲୋଚିତ ଦିଗ ବ୍ୟତୀତ ହୋମିଓପ୍ୟାଥି ଚିକିତ୍ସାର ଅନେକ ବିଜ୍ଞାନସମ୍ମତ ଏବଂ ଗବେଷଣା ସୁଲଭ ଦିଗ ରହିଛି । ଏହି ଚିକିତ୍ସାର ମୂଳ କଥା ହେଉଛି ସମସ୍ତ ସମୟରେ ସତ୍ୟପ୍ରତି ଉତ୍ତରଦାୟୀ ରହିବା ଏବଂ କୌଣସି ପୂର୍ବାଗ୍ରହ ବା ବ୍ୟକ୍ତିଗତ ଅନୁଭୂତିକୁ ଗୁରୁତ୍ୱ ନଦେବା ଯାହାକି ପ୍ରତ୍ୟେକ ଗବେଷଣାର ପୃଷ୍ଠଭୂମି । ଏପରି ସ୍ଥଳେ ହୋମିଓ ଚିକିତ୍ସାକୁ ଅପ୍ରାମାଣିକ ବା ବିଜ୍ଞାନ ଅସମ୍ମତ କହିବା ଆଦୌ ପ୍ରାସଙ୍ଗିକ ନୁହେଁ ।

**ଏମ. ଡି. (ହୋମିଓ), ହୋମିଓପ୍ୟାଥିକ ଚିକିତ୍ସାଧିକାରୀ, ସମ୍ବଲପୁର ଜିଲ୍ଲା ମୁଖ୍ୟ ହୋମିଓପାଥିକ ଚିକିତ୍ସାଧାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା**

## ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବାରେ ଗଣମାଧ୍ୟମ

# ଏକ ଉତ୍ତରଦାୟୀ ଅଂଶୀଦାର ଭାବେ କାର୍ଯ୍ୟ କରିବା ଉଚିତ୍ : ପିଆଇବି ଏଡିଜି

ଭୁବନେଶ୍ୱର (ସବ୍ୟୁ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଗୁରୁବାର ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଗସ୍ତ କରିବା ସହିତ ସାମ୍ବାଦିକତା ଓ ଗଣଯୋଗାଯୋଗ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିଛନ୍ତି । ଶ୍ରୀ ମିଶ୍ର ବିଶ୍ୱବିଦ୍ୟାଳୟ ପରିସରରେ "ବିକଶିତ ଭାରତ ନିର୍ମାଣ ଲାଗି ସାର୍ବଜନୀନ ନୀତି ପ୍ରସ୍ତୁତି ଓ କାର୍ଯ୍ୟକାରିତାରେ ଦୈନନ୍ଦିନ ଯୋଗାଯୋଗର ଶକ୍ତି" ଉପରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତବ୍ୟ ରଖିଥିଲେ।




ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଶ୍ରୀ ମିଶ୍ର ରାଷ୍ଟ୍ର ନିର୍ମାଣରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଦେଶର ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମ ଏକ ଉତ୍ତରଦାୟୀ ଅଂଶୀଦାର ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ସେ କହିଥିଲେ, ସାର୍ବଜନୀନ ନୀତି ଏବଂ ନାଗରିକଙ୍କ ମଧ୍ୟରେ ରହିଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ଲାଗି ସ୍ପଷ୍ଟତା, ତାଳମେଳ ଓ ଅର୍ଥପୂର୍ଣ୍ଣ ଅଭିବ୍ୟକ୍ତି ଦ୍ୱାରା ପରିଚାଳିତ ପ୍ରଭାବୀ ଯୋଗାଯୋଗ ଅତି ଆବଶ୍ୟକ। ବିକଶିତ ଭାରତ ସଂକଳ୍ପକୁ ସାକାର କରିବାକୁ ହେଲେ ଦୈନନ୍ଦିନ ଯୋଗାଯୋଗ ଏକ ପ୍ରମୁଖ ବାହକ ହୋଇପାରିବ ବୋଲି ମଧ୍ୟ ସେ ତାଙ୍କ ବକ୍ତବ୍ୟରେ କହିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ପ୍ରଫେସର ଭାରତୀବାଳା ପଟ୍ଟନାୟକ କହିଥିଲେ, ସଚେତନତା ବୃଦ୍ଧି କରିବା ଏବଂ ଆଚରଣଗତ ପରିବର୍ତ୍ତନ ଆଣିବାରେ ଯୋଗାଯୋଗର ପ୍ରମୁଖ ଭୂମିକା ରହିଛି । ସେ ଆହୁରି କହିଥିଲେ, ଯୋଗାଯୋଗର ଛାତ୍ରଛାତ୍ରୀ ବିକଶିତ ଭାରତ ସଂକଳ୍ପକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବେ ।

ଗସ୍ତ ସମୟରେ ଶ୍ରୀ ମିଶ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଧୀରେନ୍ଦ୍ର ବେହେରା, ଡକ୍ଟର ସ୍ମୃତି ପାଢ଼ୀ, ଡକ୍ଟର ଅଶେଷ କୁମାର ନାୟକ, ସୁଶ୍ରୀ ମୋତୀ ପଙ୍କଗମ୍‌ଙ୍କ ସମେତ ସମାଜ ସେବା, ସମାଜ ଶାସ୍ତ୍ର ଏବଂ ସାମାଜିକ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ଆଲୋଚନା ଅଧିବେଶନରେ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଭାଗ ନେଇଥିଲେ ଏବଂ ଏଡିଜି ଶ୍ରୀ ମିଶ୍ର ସେମାନଙ୍କର ଉଚ୍ଚକୋଟୀର ଦୃଷ୍ଟିକୋଣକୁ ପ୍ରଶଂସା କରିଥିଲେ ତଥା ସେମାନଙ୍କର ସ୍ପଷ୍ଟ ଓ ବିଶ୍ଳେଷଣାତ୍ମକ ପ୍ରଶ୍ନର ଉତ୍ତର ରଖିଥିଲେ ।

## ଅରୁନ୍ଧତୀ ଜୁଏଲର୍ସକୁ 'ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ସର୍ବବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ସର୍ବଭାରତୀୟ ସ୍ତରରେ ଅଳଙ୍କାର ଶିଳ୍ପର ସର୍ବୋଚ୍ଚ ସଂସ୍ଥା ଅଲ୍ ଇଣ୍ଡିଆ ଜେମ୍ ଆଣ୍ଡ ଜୁଏଲାରୀ ଡୋମେଷ୍ଟିକ୍ କାଉନ୍‌ସିଲ୍ ଦ୍ୱାରା ମର୍ଯ୍ୟାଦାଜନକ 'ପ୍ରିଫର୍ଡ ରିଟେଲର୍ସ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନରେ ସମ୍ମାନୀତ ହୋଇଛି । ମୁମ୍ବାଇ ସ୍ଥିତ ଜିଓ କନ୍‌ଭେନସନ୍ ସେଣ୍ଟରରେ ଆୟୋଜିତ ଏକ ଉତ୍ସବରେ ଏହି ସମ୍ମାନଜନକ ପୁରସ୍କାରକୁ ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ଏବଂ ଡାଇରେକ୍ଟର ଅରୁନ୍ଧତୀ ମେହେର ଗ୍ରହଣ କରିଛନ୍ତି । ଏହି ମୁହୂର୍ତ୍ତ କେବଳ ବ୍ରାଣ୍ଡ ପାଇଁ ନୁହେଁ ବର ସମଗ୍ର ଓଡ଼ିଶା ପାଇଁ ଗୌରବର ବିଷୟ। ଏହି ଉତ୍ସବରେ ଜିଜେସିର ଅଧ୍ୟକ୍ଷ ରାଜେଶ ରୋକେଡ୍, ଆଇଡିଟିର ପରିଚାଳନା ନିର୍ଦ୍ଦେଶକ ଗୌରବ ଇଶାର ଏବଂ ଜିଜେସିର ଉପାଧ୍ୟକ୍ଷ ଅବିନାଶ ଗୁପ୍ତାଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ପ୍ରତିଷ୍ଠିତ ଜୁଏଲାରୀ ଉଦ୍ୟୋଗୀ ଉପସ୍ଥିତ ଥିଲେ ।

## ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ ୱାର୍ଡ ଅନ୍ଦରପୁର ସ୍ଥିତ ଅଭୟ ରାଉତରାୟ ଲେନ ପକ୍ଷରୁ ଗତ ବୁଧବାର ସନ୍ଧ୍ୟାରେ କର୍ପୋରେଟର ଅରବିନ୍ଦ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କର୍ପୋରେଟର ଅରବିନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସମ୍ବର୍ଦ୍ଧନା ପର୍ବରେ ମୁରବୀ ଦିଲୀପ କୁମାର ପରିଡା, ସଚ୍ଚିଦାନନ୍ଦ ନାୟକ, ଆଶିଷ ରାଉତରାୟ ସୂର୍ଯ୍ୟକାନ୍ତ



ମହାନ୍ତି, ସୁକଦେବ ସିଂହ ରାୟେତ, ଚିତ୍ତରଞ୍ଜନ ନାୟକ, ଚନ୍ଦ୍ରଶେଖର ନାୟକ, ଦେବଦତ୍ତ ଦାସ, ହିମାଂଶୁ ଶେଖର ସାହୁ, ଦେବୀ ପ୍ରସାଦ ମଲ୍ଲ, ନିକୁ ଭୁତିଆ, ହିମାଂଶୁ ଭୂଷଣ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଅରବିନ୍ଦଙ୍କ ଉଦ୍ୟମରେ ଉକ୍ତ ଲେନରେ ରାସ୍ତା, ଡ୍ରେନ, ଜଳଯୋଗାଣ ଓ ଆଲୋକିକରଣର କାର୍ଯ୍ୟ ସମ୍ପନ୍ନ ହୋଇପାରିଛି । ଏହି ଅବସରରେ ମୁରବୀ, ମହିଳା ଓ ଯୁବବର୍ଗଙ୍କ ସହଯୋଗରେ ଏକ ସମ୍ବର୍ଦ୍ଧନା ପର୍ବର ଆୟୋଜନା କରାଯାଇ

## ବେଦାନ୍ତ ଆଇରନ୍‌ଓର୍ ଓଡ଼ିଶାର ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ୧୯ ହଜାରରୁ ଅଧିକ ଲୋକ ଉପକୃତ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ସ୍ତରରେ ପାଳିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୬, "ସ୍ୱାସ୍ଥ୍ୟ ପାଇଁ ଏକାଠି ହୁଅ । ବିଜ୍ଞାନ ସହିତ ଠିଆ ହୁଅ" ବିଷୟବସ୍ତୁ ବହନ କରିଥିଲା। ଏହି ଦିବସରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ସହିତ ମଣିଷ, ପ୍ରାଣୀ, ଉଦ୍ଭିଦ ଏବଂ ଗ୍ରହର ସୁରକ୍ଷାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। 'ଏକ ସ୍ୱାସ୍ଥ୍ୟ' ପଦ୍ଧତି ଉପରେ ଦୃଢ଼ ଗୁରୁତ୍ୱ ଦେଇ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୬ ମାନବ, ପ୍ରାଣୀ ଏବଂ ପରିବେଶଗତ ସ୍ୱାସ୍ଥ୍ୟର ଆନ୍ତଃସଂଯୁକ୍ତତାକୁ ଉଜ୍ଜ୍ୱଳ କରିଛି। ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା(ଆଇଓଓ)ର ପ୍ରୋଜେକ୍ଟ 'ଆରୋଗ୍ୟ' ସ୍ୱାସ୍ଥ୍ୟ କ୍ଷେତ୍ରରେ କମ୍ପାନୀର ପଦକ୍ଷେପଗୁଡ଼ିକୁ ସମର୍ଥନ କରି କୋଇଡା ଏବଂ ଆଖପାଖର ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ପହଂଚିବା ସୁନିଶ୍ଚିତ କରିଛି। ଏହାର ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମ୍‌ଏଚ୍‌ୟୁ), ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ଶିବିର ଏବଂ ସଚେତନତା ଅଧିବେଶନ ଆୟୋଜନ ଏବଂ ବିଶେଷକରି ଝିଅ ତଥା ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଛି। କେବଳ ୨୦୨୬ ବର୍ଷରେ, ବିଭିନ୍ନ ସ୍ଥାନରେ ୧୯୦୦୦ରୁ ଅଧିକ ସ୍ଥାନୀୟ ଗୋଷ୍ଠୀ ସଦସ୍ୟ ବେଦାନ୍ତ ଆଇଓଓର ସ୍ୱାସ୍ଥ୍ୟ ପଦକ୍ଷେପରୁ ଉପକୃତ ହୋଇଛନ୍ତି। ପ୍ରୋଜେକ୍ଟ ଆରୋଗ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରି, ବେଦାନ୍ତ ଆଇଓଓର ଉପାଧ୍ୟକ୍ଷ ସିଇଓ ବିଶ୍ୱନାଥ ସାହୁ କହିଛନ୍ତି, ପ୍ରୋଜେକ୍ଟ ଆରୋଗ୍ୟ ସହିତ, ଆମେ ସ୍ଥାନୀୟ ଗୋଷ୍ଠୀର ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଏମ୍‌ଏଚ୍‌ୟୁ ଦୂରଦୂରାନ୍ତ ଅଂଚଳରେ ସ୍ୱାସ୍ଥ୍ୟସେବା ସହାୟତା ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାର ପ୍ରମାଣ ହୋଇଛି, ଯେତେବେଳେ ସ୍ୱାସ୍ଥ୍ୟ ଶିବିରଗୁଡ଼ିକ ଲୋକଙ୍କ ଦ୍ୱାରଦେଶରେ ମୌଳିକ ଚିକିତ୍ସା



ସେବାର ଲାଭ ପହଂଚାଉଛନ୍ତି। ବେଦାନ୍ତ ଆଇଓଓ ଗୋଷ୍ଠୀଙ୍କ ବିକାଶ ଏବଂ ସେମାନଙ୍କ ସହଭାଗୀତା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇ ସ୍ଥାୟୀ ପ୍ରଗତି ପାଇଁ ପଦକ୍ଷେପ ଗ୍ରହଣ କରିଛି। କମ୍ପାନୀ ସ୍ୱାସ୍ଥ୍ୟ ସଚେତନତା ଅଧିବେଶନ ଆୟୋଜନ କରି ଗର୍ଭାଶୟ କର୍କଟ, ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା ଏବଂ ମାତୃସ୍ୱାସ୍ଥ୍ୟ ସମ୍ପର୍କରେ ଥିବା ବିଭିନ୍ନ କୁସଂସ୍କାର ଦୂର କରିବା ପାଇଁ ପ୍ରୟାସ କରିଥିଲା। ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ବାର୍ତ୍ତା ପ୍ରସାର କରିବା ସହିତ କମ୍ପାନୀ ଦ୍ୱାରା ସ୍କୁଲଗୁଡ଼ିକରେ ସାନିଟାରୀ ପ୍ୟାଡ୍ ବଂଟନ କରାଯାଇଥିଲା। ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୃଢ଼ ଜୀବିକା ଆମ ଗାଁର ପ୍ରଗତି ପାଇଁ ସ୍ତମ୍ଭ। ଜଣେ ସମ୍ପ୍ରଦାୟ ନେତା ଏବଂ ଉଦ୍ୟୋଗୀ ଭାବରେ, ମୁଁ ଦେଖିଛି ଯେ ବେଦାନ୍ତ ଆଇଓଓର ମୋବାଇଲ୍ ହେଲ୍‌ଥ ୟୁନିଟ୍ ଭଳି ପଦକ୍ଷେପ ପ୍ରକୃତ ପରିବର୍ତ୍ତନ ଆଣିଛି। ମାଗଣା ଔଷଧ ଏବଂ ଦ୍ୱାର ଚିକିତ୍ସାର ସୁବିଧା, ସ୍ଥାନୀୟ ଗୋଷ୍ଠୀଙ୍କୁ ଉପକୃତ କରିଛି। ମୁଁ ଏହି ଯାତ୍ରାର ଅଂଶ ହୋଇଥିବାରୁ ବେଶ୍ ଗର୍ବିତ। ସୁସ୍ଥ, ଅଧିକ ଆତ୍ମନିର୍ଭରଶୀଳ ଭବିଷ୍ୟତ ଗଠନରେ ଆମ ଗୋଷ୍ଠୀକୁ ସମର୍ଥନ କରିଥିବାରୁ ବେଦାନ୍ତ ଆଇଓଓର ପ୍ରତିବଦ୍ଧତାକୁ ମୁଁ ସମର୍ଥନ କରିଥାଏ ବୋଲି କେନ୍ଦୁଡିହି ଗ୍ରାମର ଶ୍ରୀମତୀ ମଣି ମୁଣ୍ଡା କହିଛନ୍ତି। କମ୍ପାନୀ ଚକ୍ଷୁ ଶିବିର ଭଳି ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରିଛି। ଏହା ୫ଟି ଗାଁର ୭୫୦ ରୁ ଅଧିକ ସଦସ୍ୟଙ୍କୁ ଉପକୃତ କରିଛି।

## ବିଏମ୍‌ସିର ୟୁଜର ଫି ଆଦାୟକୁ ବିରୋଧ

ଭୁବନେଶ୍ୱର (ସବ୍ୟୁ): ବିଏମ୍‌ସି ଅଳିଆ ଉଠେଇବା ଆଳରେ ଜୋର ଜବରଦସ୍ତ "ୟୁଜର ଫି ଆଦାୟ କରୁଛି। ଏହା ସମ୍ପୂର୍ଣ୍ଣ ବେଆଇନ। ହାଇକୋର୍ଟ ଚାରିବର୍ଷ ପୂର୍ବରୁ ଏହି ବେଆଇନ ଆଦାୟକୁ ରହିତାଦେଶ ଦେବା ପରେ ବିଏମସି ୟୁଜର ଫି ଆଦାୟ ବନ୍ଦ କରିଦେଇଥିଲା। ହାଇକୋର୍ଟଙ୍କୁ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗ ଆଜି ପର୍ଯ୍ୟନ୍ତ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି। ହୋଲଡିଂ ଟାକ୍ସ ରେ ଡ୍ରେନ, ଅଳିଆ ସଫା ଓ ପରିମଳ ସେବା ଯୋଗାଇବା ବାଧ୍ୟତାମୂଳକ । ୟୁଜର ଫି ଆଦାୟ କରିବାର କୌଣସି ଅଧିକାର ବିଏମ୍‌ସିର ନାହିଁ। ବିଏମ୍‌ସି ମହିଳା ସଂଗଠନ, ଅନ୍ୟାନ୍ୟ ସଂସ୍ଥା ଓ ସ୍ଥାନୀୟ ଯୁବକଙ୍କ ମାଧ୍ୟମରେ ଡରାଇ,ସମ୍ମାନ ହାନୀ ଭଳି କାର୍ଯ୍ୟକ୍ରମ ଆପଣାଇ ମାନସିକ ଯନ୍ତ୍ରଣା ଦେଇ ଜୋର ଜବରଦସ୍ତ ଫି ଆଦାୟ କରୁଛି। ଟେଲିକମ୍ କମ୍ପାନୀର ଆରମ୍ଭରେ ମାଗଣା ଡାଟା ଦେଇ ପରେ ଲୁଟିବା କାର୍ଯ୍ୟକ୍ରମ ବିଏମ୍‌ସି ଆପଣାଇଛି । ଏହି ଜିଜିଆ କର ବିରୋଧରେ ସମସ୍ତ ଆପାର୍ଟମେଣ୍ଟ କମିଟି ସଦସ୍ୟ, ନଗର କମିଟି ସଦସ୍ୟ, କଲୋନି କମିଟି, ୟୁନିଟ୍ କମିଟି, ଗ୍ରାମ କମିଟି, ପୂଜା କମିଟି, ବଜାର କମିଟି, ବସ୍ତି କମିଟି, ଆବାସ କମିଟି, ହାଉସିଂ ସୋସାଇଟି କମିଟି, ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କୁ ନେଇ ଭୁବନେଶ୍ୱର ଉନ୍ନୟନ ପରିଷଦ ଏହାକୁ ଦୃଢ଼ ବିରୋଧ କରିଛି ।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଜଟଣୀ, (ସବ୍ୟୁ) : ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚଳିତ ବର୍ଷର ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଶ୍ୱସ୍ତରୀୟ ଆୟୋଜନ କରାଯାଇଥିଲା। ଏହାକୁ ଡିଏମଇଟି ନିର୍ଦ୍ଦେଶକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି




ବାର୍ତ୍ତା "ସ୍ୱାସ୍ଥ୍ୟ ପାଇଁ ଏକଜୁଟ୍, ବିଜ୍ଞାନ ସହ ସଂକଳ୍ପବଦ୍ଧ କୁ ପାଥେୟ କରି ବିଶ୍ୱବିଦ୍ୟାଳୟ ପରିସରରେ ଏକ ଅଭିନବ ଏକୀକୃତ ସ୍ୱାସ୍ଥ୍ୟ ସେବା ମଡେଲ୍ ପ୍ରଦର୍ଶିତ ହୋଇଛି ।ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୃହତ ମାଗଣା ସ୍ୱାସ୍ଥ୍ୟ ଶିବିରର ଶିବିରରେ ପାଖାପାଖି ୪୫୦ ଜଣ ରୋଗୀ ସେବା ପାଇଥିଲେ। ଏଠାରେ ଏଲୋପାଥି, ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା, ନର୍ସିଂ, ଫିଜିଓଥେରାପି ଏବଂ ଚକ୍ଷୁ ଚିକିତ୍ସା ବିଭାଗ ମିଳିତ ଭାବେ ରୋଗୀଙ୍କର ପରୀକ୍ଷା ଓ ଚିକିତ୍ସା କରିଥିଲେ। ଉଦ୍‌ଘାଟନୀ ଭାଷଣରେ ଡାକ୍ତର ଶତପଥୀ ବିଶ୍ୱବିଦ୍ୟାଳୟର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, "କେବଳ ଏକ ଡିଗ୍ରୀ କିମ୍ବା ପ୍ରମାଣପତ୍ର ହାସଲ କରିବା ଶିକ୍ଷାର ଶେଷ ନୁହେଁ। ନିରନ୍ତର ଅଭ୍ୟାସ, ନୂତନ ଜ୍ଞାନର ଆହରଣ ଏବଂ ସମାଜର ସ୍ୱାସ୍ଥ୍ୟ ସେବାରେ ନିଜକୁ ନିୟୋଜିତ କରିବା ହିଁ ପ୍ରକୃତ ଉଦ୍ଦେଶ୍ୟ। ବିଶ୍ୱବିଦ୍ୟାଳୟର 'କମ୍ୟୁନିଟି ଆଉଟରିଚ୍' କାର୍ଯ୍ୟକ୍ରମ ବିଜ୍ଞାନକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ସଫଳ ହୋଇଛି ବୋଲି ସେ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ହେଲଥକେୟାର ସିଇଓ ବି.କେ. ସୁବୁଦ୍ଧି ସିଂ, ମୁଖ୍ୟ ବକ୍ତା ଭାବେ ଏନଏଚଏମର ଡାକ୍ତର ରୁଦ୍ର ଦାସ, ବିଶିଷ୍ଟ ବକ୍ତା ଭାବେ ଡାକ୍ତର ଶୁଭଶ୍ରୀ ସେଠୀ, ଆୟୁର୍ବେଦ ବିଶେଷଜ୍ଞ ଡାକ୍ତର ଭୀମସେନ ବେହେରା, ଡାକ୍ତର ପୃଥ୍ୱୀରାଜ ସିଂ ଏବଂ ହେଲଥ ଭିଲେ'ର ସିଏମଓ ଡାକ୍ତର ମିଳିନ୍ଦ ମୋହନ ପରାଶର ପ୍ରମୁଖ ଯୋଗଦେଇଥିଲେ।

## ବନମାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅର୍ଥନୀତି ବିଭାଗର ଅଧ୍ୟାପକ ରଞ୍ଜନ କୁମାର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଅଧ୍ୟକ୍ଷା ସର୍ବଶ୍ରୀ ଅଶୋକ ପୁରୋହିତ, ଅଶୋକ ପରିଜା, ବସନ୍ତ ନାୟକ, ସୁଧୀର ମହାନ୍ତି, ତାରିଣି ଦେବତା, ବିଜୟ ମିଶ୍ର, ସଞ୍ଜୟ ପଣ୍ଡା, ସରୋଜ ରଥ, ପ୍ରଶାନ୍ତ ରାଉତ, ଡଃ ଜ୍ୟୋସିନା ବସ୍ତିଆ, ଡଃ ଭାରତୀ ବେହେରା, ଡଃ ଭାରତୀ ମହାନ୍ତି । ସସ୍ମିତା ମିଶ୍ର, ସ୍ମିତା ମହାପାତ୍ର ପ୍ରମୁଖ କର୍ମଚାରୀମାନଙ୍କ ତରଫରୁ ବିଦାୟୀ ଅଧ୍ୟାପକଙ୍କୁ ଉତ୍ତରିୟ, ମାନପତ୍ର ଓ ଉପହାର ପ୍ରଦାନ କରାଇ ସମ୍ବଦ୍ଧତ କରାଯାଇଥିଲା । ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପୂର୍ବତନ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ




ରଶ୍ମିରେଖା ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବରେ ୨୬୨ ବର୍ଗ କଲେଜ ସଂଘର ସଭାପତି ଗୋଲକ ନାୟକ, ଦୁଇ ସମ୍ପାଦକ ସତ୍ତାପଉଦ୍ଦିନ୍ ଅହମ୍ମଦ ଓ ଡ. ଗଗନ ବେଉରା, ଜିଲ୍ଲା ସଭାପତି ଡ. ତପନ ଜେନା, ବିଭିନ୍ନ ଜିଲ୍ଲାର ସଂଘର କର୍ମକର୍ତ୍ତା ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କ ଜୀବନ ବ୍ୟାପୀ ସାଧନା ସମ୍ପର୍କରେ ଆଲୋକପାତ କରିବା ସହିତ ଅବସର ପରବର୍ତ୍ତୀ ଜୀବନର ମଙ୍ଗଳ କାମନା କରିଥିଲେ । ଶେଷରେ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ ଅର୍ପଣ କରିଥିଲେ । ଅଧ୍ୟାପକ ଅଜିତ ମହାନ୍ତି, ସଞ୍ଜୟ ଖଟେଇ, ବିଶ୍ୱରଞ୍ଜନ ଦାଶ, ଧନଞ୍ଜୟ ଆଚାର୍ଯ୍ୟ, ରଶ୍ମି ବାରିକ, ଅରୁଣା ପୃଷ୍ଟି, ମମତା ମିଶ୍ର, ସୁଜ୍ଞାନୀ ସାହୁ, ସୁମିତ୍ରା ନାୟକ, ବାମଦେବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଏପ୍ରିଲ୍ ଆଠ ବୁଧବାର ଦିନ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆଲୋଚନା




ଚକ୍ରର ମୁଖ୍ୟବକ୍ତା ଭାବେ ଭାରତୀୟ ତୈଳ ନିଗମର ପୂର୍ବତନ ପରିଚାଳକ ହେମନ୍ତ କୁମାର ଜେନା ପରିବେଶ ସଚେତନତା ବୃଦ୍ଧି ନିମନ୍ତେ ପ୍ରାକୃତିକ ସମ୍ପଦ ଯଥା ଜଳ ସ୍ଥଳ ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ତଥା ଉକ୍ତ ବିଷୟରେ ଜ୍ଞାନ ଆହରଣ କରିବା ଦ୍ୱାରା ପ୍ରଦୂଷଣ ହ୍ରାସ ହେବା ସହ ବୃକ୍ଷ ରୋପଣ, ପ୍ଲାଷ୍ଟିକ୍ ବର୍ଜନ ପରି ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଏକ ଧାରଣୀୟ ବିକାଶ ସମସ୍ତଙ୍କର ଧ୍ୟେୟ ହେବା ସପକ୍ଷରେ ମତ ରଖିଥିଲେ। ଆଲୋଚନା ଚକ୍ରର ଅନ୍ୟତମ ବକ୍ତା ଭାବେ ସେବା ନିବୃତ୍ତ ଜଙ୍ଗଲ ବିଭାଗର ସର୍ବୋଚ୍ଚ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷର ସଂଜ୍ଞା ବୁଝାଇଥିଲେ। ଜଙ୍ଗଲ, ବୃକ୍ଷରୋପଣ ଏବଂ ତାର ସୁରକ୍ଷା କିପରି ଜନସମାଜର ଏକ ସୁସ୍ଥ ଜୀବନ ନିମନ୍ତେ ପ୍ରେରଣା ଦିଏ ଏହା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟ ଅତିଥି ସେବା ନିବୃତ୍ତ ଗ୍ରୀଡକୋର ଲୋକ ସଂପର୍କ ଅଧିକାରୀ ଦେବାନନ୍ଦ ସାମଲ ଆମ ପୃଥିବୀ ଆମ ଦାୟିତ୍ୱ, ପ୍ଲାଷ୍ଟିକ୍‌ର ସର୍ବନିମ୍ନ ବ୍ୟବହାର ଏବଂ ପରିବେଶ ପ୍ରତି ସଚେତନତା ସୃଷ୍ଟି ସହ ଅନ୍ୟମାନଙ୍କୁ ଏ ଦିଗରେ ପ୍ରବ ପାରିଲେ ଏକ ସୁସ୍ଥ ସୁନ୍ଦର ପୃଥିବୀର ପରିକଳ୍ପନା କରି ସୁସ୍ଥଜୀନ ସମ୍ଭବ ହେବ ବୋଲି ମତ ପୋଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ପିଲାମାନଙ୍କୁ ଗାଁରୁ ସହର ପର୍ଯ୍ୟନ୍ତ ବାୟୁ ପଦୂଷଣର ବିଭିନ୍ନ କାରଣ ଓ ନିରାକରଣ କିପରି ସମ୍ଭବ, ଏ ଦିଗରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନ ରହିଲେ ଭବିଷ୍ୟତ ପ୍ରଶ୍ନବାଚୀ ହୋଇଯିବା ଆଶଙ୍କା ପ୍ରକାଶ କରିବା ସହ ସମସ୍ତଙ୍କୁ ପରିବେଶ ବନ୍ଧୁ ହେବା ନିମନ୍ତେ ପ୍ରବର୍ତ୍ତାଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଶଡଙ୍ଗୀ ବୁଦ୍ଧ ଓ ଚରକଙ୍କ ଉଦାହରଣ ଛଳରେ ସଚେତନତା ସୃଷ୍ଟି ଦିଗରେ ଉଦାହରଣ ପ୍ରଦାନ ସହ ସାକ୍ଷର ସଚେତନ ସୁସ୍ଥ ପରିବେଶଣ ସମ୍ଭାବନାକୁ ଆଗେଇ ନେବା ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପାଧ୍ୟକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

ବାଲେଶ୍ୱର (ସବ୍ୟୁ)- ଅମାନୁଷିକତାର ସୀମା ଉଲ୍ଲଙ୍ଘନ କରି ଏକ ନିରୀହ ୮ ବର୍ଷର ଝିଅକୁ ଜଣେ ୩୦ ବର୍ଷୀୟ ଯୁବକ ଦୁଷ୍କର୍ମ କରିଛି । ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ରେମୁଣା ଗୋଲେଇ ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରିଛି । ସବୁଠାରୁ ବଡ଼ କଥା ହେଉଛି ଗିରଫ ହୋଇଥିବା ଯୁବକ ଜଣକ ଦୁଷ୍କର୍ମ କରିଥିବା ଶିଶୁ କନ୍ୟାର ମାଙ୍କ ସହ ଲିଭ୍ ଇନ୍‌ରେ ରହିଥିଲା । ଦୁଷ୍କର୍ମ କରି ଗିରଫ ହୋଇଥିବା ଯୁବକ ଜଣକ ହେଉଛି ସହଦେବଖୁଣ୍ଟା କଣ୍ଡାବଣିଆ ଅଞ୍ଚଳର ଗୋପୀନାଥ ଦାସ । ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବସ୍ତା ଅଞ୍ଚଳର ମହିଳା ଜଣକ ନିଜ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ରେମୁଣା ଗୋଲେଇ ଅଞ୍ଚଳରେ ରହୁଛନ୍ତି । ମହିଳାଙ୍କର ୩ ଝିଅ ଅଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ ହଷ୍ଟେଲ୍‌ରେ ରହି ପାଠ ପଢୁଥିବା ବେଳେ ସାନ ଝିଅଟି (୮) ଘରେ ରହୁଥିଲା । ଗୋପୀନାଥ ପ୍ରଥମେ ମହିଳାଙ୍କୁ ପ୍ରେମରେ ଫସାଇ ଥିଲା । ପରେ ମହିଳାଙ୍କ ସହ ଲିଭ୍ ଇନ୍‌ରେ ରହି ଶାରୀରିକ ସମ୍ପର୍କ ରଖିବା ଆରମ୍ଭ କରିଥିଲା । କିନ୍ତୁ ସାନ ଝିଅ(୮)କୁ ଏକା ପାଇ ୩୦ ବର୍ଷୀୟ ଯୁବକ ଜଣକ ଦୁଷ୍କର୍ମ କରିଥିଲା । ମହିଳା ଜଣକ ଏହି ଘଟଣା ସମ୍ପର୍କରେ ଜାଣି ବାଲେଶ୍ୱର ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସର ତତ୍ପରତା ଯୋଗୁ ଅଭିଯୁକ୍ତ ଗୋପୀନାଥକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ପୀଡିତାଙ୍କ ମେଡିକାଲ୍ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୧୭୫ ୟୁନିଟ୍ ରକ୍ତ ସଂଗ୍ରହ

କଟକ,(ସବ୍ୟୁ): ଓଡ଼ିଆ ପକ୍ଷ ପାଳନ ଅବସରରେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ୱାଆରସି,ଏନଏସଏସ ଓ ଏନସିସି ଆନୁକୂଲ୍ୟରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ଼ ଦୀପା ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିଥିଭାବେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ରୟ ନିର୍ଦ୍ଦେଶକ ଡ଼ ଚନ୍ଦ୍ରିକା ପ୍ରସାଦ ଦାସ, ପ୍ରାଥମିକ ଚିକିତ୍ସା ମାଷ୍ଟର ଟ୍ରେନର ଡ଼ ବିକାଶ ପ୍ରସାଦ,ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା,ଫିଡ ଉପସଭାପତି ଡ଼ ପ୍ରଶାନ୍ତ ଦାସ, ଚୌଦ୍ୱାର ବ୍ଲଡ ଡୋନର ସଂଘର ରାଜକିଶୋର ସାମନ୍ତରାୟ ଓ ଫାଷ୍ଟ ଓଡ଼ିଶା ଅର୍ଟିଲାରୀ ବ୍ୟାଟେରୀ ସ୍ଥଳସେନା ଅଧିକାରୀ ସୁବେଦାର ସନ୍ଦୀପ ପାଟିଲ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିବିରରେ ୧୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯୁବ ରେଡକ୍ରସ ପରାମର୍ଶଦାତା ଡ଼ ସ୍ମିତା ମହାନ୍ତି,ଏନଏସଏସ ଏଚଏସ ଗୌତମ ମଲ୍ଲିକ, ସୁନିତା ଦାସ ଓ ମିସେସ ରଜତି ରାଉତ




କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ, ଏନସିସି ଅଧିକାରୀ କ୍ୟାପଟେନ ଅକ୍ଷୟ କୁମାର ଦାସ,ଏନ୍‌ଏସଏସ ଡିପିଓ ଡ଼ ସନ୍ଧ୍ୟାସାୟନ୍ତିନୀ ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ମଧ୍ୟ ରକ୍ତଦାନ କରିଥିଲେ।

## ହିଜ୍‌ବୁଲ୍ଲା ମୁଖ୍ୟଙ୍କ ବ୍ୟକ୍ତିଗତ ସଚିବଙ୍କୁ ହତ୍ୟା

**ଜେରୁଜେଲମ:** ଆମେରିକା-ଇରାନ ଅସ୍ତ୍ରବିରତି ମଧ୍ୟରେ ହେଜବୁଲ୍ଲା ମୁଖ୍ୟ ନଇମ୍ କାସେମ୍ଙ୍କ ବ୍ୟକ୍ତିଗତ ସଚିବ ତଥା ପୁତୁରାଙ୍କୁ ହତ୍ୟା କରିଛୁ ବୋଲି ଇସ୍ରାଏଲ ଦାବି କରିଛି ।ତେବେ ହେଜବୁଲ୍ଲା ପକ୍ଷରୁ ଏନେଇ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ। ରଏଟର୍ସ ରିପୋର୍ଟ କରିଛି, ଇସ୍ରାଏଲ ଗୁରୁବାର ଦିନ ଘୋଷଣା କରିଛି ଯେ, ସେମାନେ ଲେବାନନ୍ର ରାଜଧାନୀ ବେରୁଟ୍ ଉପରେ ରାତିସାରା କରିଥିବା ଏକ ଆକ୍ରମଣରେ ଇରାନ ସମର୍ଥିତ ଲେବନିଜ୍ ଗୋଷ୍ଠୀ ହେଜବୁଲ୍ଲାର ମୁଖ୍ୟ ନଇମ୍ କାସେମ୍ଙ୍କ ପୁତୁରା ୟୁସୁଫ ହର୍ସିଙ୍କୁ ହତ୍ୟା କରିଛନ୍ତି। ସେ ହେଜବୁଲ୍ଲା ମୁଖ୍ୟଙ୍କ ବ୍ୟକ୍ତିଗତ ସଚିବ ମଧ୍ୟ ଥିଲେ। ବିବୃତିରେ କୁହାଯାଇଛି ଯେ ହର୍ସି ହେଜବୁଲ୍ଲା ମୁଖ୍ୟଙ୍କର ଜଣେ ଘନିଷ୍ଠ ସହଯୋଗୀ ଏବଂ ବ୍ୟକ୍ତିଗତ ପରାମର୍ଶଦାତା ଥିଲେ।

## » ହିଜ୍‌ବୁଲ୍ଲା ଉପରେ ଆକ୍ରମଣ

# ଶାନ୍ତି ଚୁକ୍ତିର ଖିଲାପ କଲା ଇସ୍ରାଏଲ୍



**ଇସଲାମାବାଦ:** ଇରାନ ଓ ଆମେରିକା ମଧ୍ୟରେ ଅସ୍ତ୍ରବିରତିର କ୍ଷୀଣ ଆଶା ସଞ୍ଚାର ହୋଇଥିଲେ ହେଁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ 'ଯୁଦ୍ଧ ଜିଦ୍' ଏବେ ସାରା ବିଶ୍ୱକୁ ପୁଣି ଚିନ୍ତାରେ ପକାଇଦେଇଛି । ହିଜବୁଲ୍ଲା ମୁଖ୍ୟଙ୍କ ପୁତୁରା ନିହତ ହେବା ପରେ ନେତାନ୍ୟାହୁଙ୍କ ହୁଙ୍କାର ପଶ୍ଚିମ ଏସିଆକୁ ପୁଣି ଏକ ଭୟଙ୍କର ରକ୍ତପାତ ଆଡ଼କୁ ଠେଲି ଦେଇଛି । ସ୍ପଷ୍ଟ ଶବ୍ଦରେ ସେ ଚେତାବନୀ ଦେଇଛନ୍ତି ଯେ, ଶାନ୍ତି ପ୍ରକ୍ରିୟା ଯାହା ହେଉନା କାହିଁକି, ହିଜବୁଲ୍ଲା ବିରୋଧରେ 'ସର୍ବଗ୍ରାସୀ ସାମରିକ ଅଭିଯାନ' ଥମିବାର ପ୍ରଶ୍ନ ହିଁ ଉଠୁନାହିଁ ।ନେତାନ୍ୟାହୁଙ୍କ ଏହି ଯୁଦ୍ଧଂଦେହୀ ଆଭିମୁଖ୍ୟ ଯୋଗୁଁ ଆସନ୍ତାକାଲି ଇସଲାମାବାଦରେ ହେବାକୁ ଥିବା ଐତିହାସିକ ଶାନ୍ତି ଆଲୋଚନା ଉପରେ ପ୍ରଶ୍ନଚିହ୍ନ ଲଗାଇଦେଇଛି । ଇସ୍ରାଏଲ ପକ୍ଷରୁ ମାତ୍ର ୧୦ ମିନିଟ୍ ମଧ୍ୟରେ ୧୦୦ଟି ସାମରିକ ଘାଟି ଉପରେ ହୋଇଥିବା ପ୍ରଳୟଙ୍କରୀ ବୋମାମାଡ଼କୁ ଇରାନ 'ଶାନ୍ତି ଚୁକ୍ତିର ଖୋଲାଖୋଲି ଉଲ୍ଲଂଘନ' ବୋଲି କହିଛି। ଇରାନ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଅତି କ୍ଷୋଭର ସହ କହିଛନ୍ତି ଯେ, ଆମେରିକା ଓ ଇସ୍ରାଏଲର ବିଶ୍ୱାସଘାତକତା ଯୋଗୁଁ ତେହେରାନ ଏହି ଆଲୋଚନାରୁ ଓହରିଯିବାକୁ ବିଚାର କରୁଛି। ଗୋଟିଏ ପଟେ କୂଟନୈତିକ ସ୍ତରରେ ଶାନ୍ତିର ଆଲାପ ଚାଲିଥିବା ବେଳେ ଅନ୍ୟପଟେ ନେତାନ୍ୟାହୁଙ୍କ 'ଲୌହ ମୁଷ୍ଟି' କୌଣସି ବି ପ୍ରସ୍ତାବକୁ ମାନିବାକୁ ପ୍ରସ୍ତୁତ ନୁହେଁ। ଲେବାନନ ମାଟିରେ ଜାରି ରହିଥିବା ଏହି ଭୀଷଣ ସଂଘର୍ଷ ସ୍ପଷ୍ଟ କରୁଛି ଯେ, ପଶ୍ଚିମ ଏସିଆରେ ଶାନ୍ତି ଏବେ ବି ଏକ ସୁଦୂର ପରାହତ ସ୍ୱପ୍ନ। ଇସ୍ରାଏଲର ଏହି ଅଦମ୍ୟ ଆକ୍ରମଣାତ୍ମକ ନୀତି ସମଗ୍ର ବିଶ୍ୱର ଶାନ୍ତି ପ୍ରୟାସକୁ ଏବେ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି ।

## ମହିଳା ସଂରକ୍ଷଣ ଆଇନ

# ସାଂସଦଙ୍କ ସମର୍ଥନ ଲୋଡ଼ିଲେ ପିଏମ୍

**ନୂଆଦିଲ୍ଲୀ:** ସଂସଦରେ ମହିଳା ସଂରକ୍ଷଣ ଆଇନକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ସାଂସଦଙ୍କୁ ଆହ୍ୱାନ କରିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମହିଳା ସଂରକ୍ଷଣ ଆଇନରେ ପ୍ରସ୍ତାବିତ ସଂଶୋଧନ କେବଳ ଏକ ଆଇନଗତ କାର୍ଯ୍ୟ ନୁହେଁ ବରଂ ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିଫଳନ ।ପୋଷ୍ଟ ହୋଇଥିବା ଏକ ସ୍ୱାକ୍ଷରିତ ଲେଖାରେ ମୋଦୀ କହିଛନ୍ତି, ଭାରତର ସଭ୍ୟତା ନୀତି ଅନୁଯାୟୀ ମହିଳାଙ୍କ ବିକାଶରେ ସମାଜର ବିକାଶ ଅନ୍ତର୍ନିହିତ ରହିଥାଏ। ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୨୯ ଲୋକସଭା ନିର୍ବାଚନ ଓ ଆଗାମୀ ଦିନରେ ରାଜ୍ୟମାନଙ୍କରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଏହାକୁ ଲାଗୁ କରାଯିବ । ସେ ଆହୁରି କହିଛନ୍ତି ଯେ, ଦେଶ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଠିଆ ହୋଇଛି, ଯାହା ଗଣତନ୍ତ୍ରର ମୂଳଦୁଆକୁ ଆହୁରି ଗଭୀର କରିବା ଓ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ସୁଯୋଗ ପ୍ରଦାନ କରୁଛି । ଏହାବାଦ୍ ସେ ଆହୁରି ମଧ୍ୟ କହିଛନ୍ତି ଯେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ବିଲ୍ ଉପରେ ଆଲୋଚନା ଏବଂ ଏହାକୁ ପାରିତ କରିବା ପାଇଁ ସଂସଦ ଏପ୍ରିଲ ୧୬ ରେ ବସିବ । ସୂଚନାଯୋଗ୍ୟ, ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ ବସିବ। ୨୦୨୯ ସାଧାରଣ ନିର୍ବାଚନରୁ କାର୍ଯ୍ୟକାରୀ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ୍' ବା ମହିଳା ସଂରକ୍ଷଣ ଆଇନରେ ସଂଶୋଧନ କରାଯିବ। ଏହାଦ୍ୱାରା ଲୋକସଭା ଆସନ ସଂଖ୍ୟା ୮୧୬କୁ ବୃଦ୍ଧି ପାଇବ ଓ ମହିଳାଙ୍କ ପାଇଁ ୨୭୩ଟି ଆସନ ସଂରକ୍ଷିତ ରହିବ ।

## ସୋନିତପୁରରେ ନିର୍ବାଚନ ଅଧିକାରୀଙ୍କ ମୃତ୍ୟୁ

**ନୂଆଦିଲ୍ଲୀ:** ଆସାମ, କେରଳ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଭୋଟିଂ ଜାରି ରହିଛି। ଅପରାହ୍ଣ ୧ଟା ସୁଦ୍ଧା ଆସାମରେ ୫୯.୬୪ ପ୍ରତିଶତ ମତଦାନ ଅନୁଷ୍ଠିତ ହୋଇଥିଲା। ତେବେ ଆସାମରେ ନିର୍ବାଚନୀ ହିଂସା ଯୋଗୁ ୭ ଜଣଙ୍କୁ ଗିରଫ କରାଯାଇଛି। ଗତରାତିରେ ତାମୁଲପୁରରେ ଦୁଇଟି ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ପୁଲିସ ହିଂସାରେ ସାମିଲ ୪ ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଏକ ଘଟଣାରେ ଶିବସାଗରରେ ଏକ ରାଜନୈତିକ ଦଳର ଦୁଇରୁ ତିନିଜଣ ସଦସ୍ୟଙ୍କ ଉପରେ ଆକ୍ରମଣ ହୋଇଥିଲା। ଶିବସାଗର ଆସନରୁ ପୁନଃନିର୍ବାଚନ ପାଇଁ ଆଶାୟୀ ଅଖିଳ ଗୋଗୋଇ ଅଭିଯୋଗ କରିଛନ୍ତି ଯେ, ଏହି ଘଟଣା ପଛରେ ବିଜେପି ପ୍ରାର୍ଥୀ କୁଶଲ ଦୋୱାରିଙ୍କର ହାତ ରହିଛି। ଶ୍ରୀଭୂମି, ଗୋଲାଘାଟ ଓ ନାଗାଓଁରେ ଅନେକ ପୋଲିଂ ଷ୍ଟେସନ ନିକଟରେ ଗଣ୍ଡଗୋଳ ଘଟିଛି। ପଥରକାଣ୍ଡି, ମରୋପାନି ଓ ରାହାରେ ଶାସକ ଓ ବିରୋଧୀ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଆସାମର କେତେକ ସ୍ଥାନରେ ପ୍ରବଳ ବର୍ଷା ସତ୍ତ୍ୱେ ଲୋକମାନେ ଭୋଟ ଦେବାକୁ ଲମ୍ବାଧାଡ଼ିରେ ଛିଡ଼ା ହୋଇଛନ୍ତି। ଆସାମର ସୋନିତପୁର ଜିଲ୍ଲାରେ ଜଣେ ନିର୍ବାଚନ ଅଧିକାରୀଙ୍କ ମୃତ୍ୟୁ ହୋଇଛି। ଦେବେନ ହୋରୋ (୪୫) ନଦୁଆର୍ ନିର୍ବାଚନ ମଣ୍ଡଳୀରେ ସେକେଣ୍ଡ ପୋଲିଂ ଅଫିସର ଭାବରେ ନିଯୁକ୍ତ ହୋଇଥିଲେ। କିନ୍ତୁ ସକାଳେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ିନଥିଲେ ମଧ୍ୟ ପୂର୍ବ ଅସୁସ୍ଥତା ଯୋଗୁ ମୃତ୍ୟୁ ହୋଇଥିବା ଡାକ୍ତରୀ ଟିମ୍ କହିଛି।

## ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ କାନାଡାର ନୂଆ ନିୟମ

# ୨୧ ଦିନ ମଧ୍ୟରେ ଡକ୍ୟୁମେଣ୍ଟ ଦାଖଲ ନକଲେ ନିର୍ବାସନ



**ଓଟାୱା:** କାନାଡା ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ନିୟମ ଲାଗୁ କରିଛି। ଏନେଇ ଦେଶରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସରକାର ଆନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡକ୍ୟୁମେଣ୍ଟ ଦାଖଲ କରିବା ପାଇଁ କେବଳ ୨୧ ଦିନ ସମୟ ଦେଇଛନ୍ତି। ଏହି ନିର୍ଦ୍ଦେଶ ଭାରତ ସମେତ ଅନେକ ଦେଶର ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଛି ।କାନାଡା ସରକାର ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇବା ଆରମ୍ଭ କରିଛନ୍ତି। ଷ୍ଟଡି ପରମିଟ୍ ନିୟମାବଳୀ ସହିତ ଅନୁପାଳନ ପ୍ରମାଣ କରିବା ପାଇଁ ଡକ୍ୟୁମେଣ୍ଟ ଦାବି କରାଯାଇଛି। ଏହି ପଦକ୍ଷେପ କାନାଡାର ଅଡିଟର ଜେନେରାଲଙ୍କ ଏକ ରିପୋର୍ଟ ପରେ ନିଆଯାଇଛି । ରିପୋର୍ଟ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମର ବିଶ୍ୱସନୀୟତା ବିଷୟରେ ଗମ୍ଭୀର ଚିନ୍ତା ପ୍ରକାଶ କରିଥିଲା ।୨୩ ମାର୍ଚ୍ଚରେ, କାନାଡା ସଂସଦରେ ଆନ୍ତର୍ଜାତୀୟ ଛାତ୍ର କାର୍ଯ୍ୟକ୍ରମରେ ଠକେଇ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଅଡିଟର ଜେନେରାଲ କରେନ ହୋଗାନ କହିଥିଲେ ଯେ ବିଭାଗ ତୁରନ୍ତ ବିଶ୍ୱସନୀୟତା ଚିନ୍ତାର ସମାଧାନ କରିବା ଉଚିତ। ଏହା ପରେ, ଇମିଗ୍ରେସନ, ରିଫ୍ୟୁଜିଜ୍ ଏବଂ ନାଗରିକତା କାନାଡା (ଆଇଆର୍‌ସିସି) ଛାତ୍ରଛାତ୍ରୀମାନଙ୍କୁ ନୋଟିସ୍ ପଠାଇଛି। ଏହି ନୋଟିସ୍ଗୁଡ଼ିକ ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଡେଜିନେଟେଡ୍ ଲର୍ଣ୍ଣିଂ ଇନଷ୍ଟିଚ୍ୟୁସନ୍ (ଡିଏଲ୍ଆଇ)ରୁ ସେମାନଙ୍କର ବର୍ତ୍ତମାନର ନାମଲେଖା ନିଶ୍ଚିତ କରି ଏକ ଚିଠି ଦାଖଲ କରିବାକୁ ପଡିବ। ସେମାନଙ୍କର ପୂର୍ବ ଏବଂ ବର୍ତ୍ତମାନର ଶିକ୍ଷାନୁଷ୍ଠାନର ଟ୍ରାନ୍ସକ୍ରିପ୍ଟ ମଧ୍ୟ ଦାଖଲ କରିବାକୁ ପଡିବ। ନୋଟିସ୍‌ରେ ଚେତାବନୀ ଦିଆଯାଇଛି, ଯଦି ୨୧ ଦିନ ମଧ୍ୟରେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ଦାଖଲ ନକରାଯାଏ, ତେବେ ଛାତ୍ରଛାତ୍ରୀଙ୍କ ଅସ୍ଥାୟୀ ବାସିନ୍ଦା ସ୍ଥିତି ପ୍ରତ୍ୟାହାର କରାଯାଇପାରେ। ପରେ ସେମାନଙ୍କୁ ନିର୍ବାସନ କରାଯିବ।

## ନିଜସ୍ୱ ଦଳ ଗଢ଼ିବେ ରାଘବ ଚଢ଼ା

**ନୂଆଦିଲ୍ଲୀ:** ଆମ ଆଦମୀ ପାର୍ଟି (ଆପ୍) ର ବରିଷ୍ଠ ନେତା ରାଘବ ଚଢ଼ାଙ୍କ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ନେଇ ଏବେ ଦିଲ୍ଲୀ ରାଜନୀତିରେ ହଲଚଲ ସୃଷ୍ଟି ହୋଇଛି । ଏକ ଭାଇରାଲ ଭିଡିଓରେ ତାଙ୍କୁ ନିଜସ୍ୱ ରାଜନୈତିକ ଦଳ ଗଢ଼ିବାକୁ ଦିଆଯାଇଥିବା ପରାମର୍ଶ ଉପରେ ରାଘବ "ଇଣ୍ଟ୍ରେଷ୍ଟିଂ ଥଟ୍" (ଉଚ୍ଚ ବିଚାର) ବୋଲି ପ୍ରତିକ୍ରିୟା ଦେବା ପରେ, ସେ ଦଳ ଛାଡୁଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଥିସହ ରାଘବ ଚଢ଼ା ଇନଷ୍ଟାଗ୍ରାମରେ ଏକ ବହିର ଅଧ୍ୟାୟ 'ନେଭର ଆଉଟସାଇନ୍ ଦ ମାଷ୍ଟର' (ଗୁରୁଙ୍କୁ କେବେବି ଅତିକ୍ରମ କର ନାହିଁ) ସେୟାର କରିଛନ୍ତି, ଯାହାକୁ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଏକ ପରୋକ୍ଷ କଟାକ୍ଷ ବୋଲି କୁହାଯାଉଛି ।ଏହି ଘଟଣାକୁ ନେଇ 'ଆପ୍' ଶିବିରରେ ଆନ୍ତରିକ କନ୍ଦଳ ଥିବା ସ୍ପଷ୍ଟ ଜଣାପଡୁଛି । ରାଘବ ଚଢ଼ା ଦଳର ଜଣେ ପ୍ରମୁଖ ଚେହେରା ହୋଇଥିବା ବେଳେ ତାଙ୍କର ଏଭଳି ରହସ୍ୟମୟ ଆଭିମୁଖ୍ୟ ବିରୋଧୀଙ୍କୁ ଖୋରାକ ଯୋଗାଇଛି ।

## ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ନିଆଁ

**ମଥୁରା:** ଗୁରୁବାର ଦିଲ୍ଲୀରୁ ହାଇଦ୍ରାବାଦ ଯାଉଥିବା କର୍ଣ୍ଣାଟକ ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ର ଦୁଇଟି ଏସି କୋଚ୍ରୁ ହଠାତ୍ ଧୂଆଁ ଏବଂ ନିଆଁ ଉଠିବା ଆରମ୍ଭ କରିଥିଲା । ମଥୁରା ଜଙ୍କସନ୍ ନିକଟରେ ଏହି ଘଟଣା ଘଟିଥିଲା । ଖବର ଜଣାପଡ଼ିବା ପରେ ଜରୁରୀକାଳୀନ ଭାବେ ଟ୍ରେନ୍କୁ ଅଟକାଯାଇଥିଲା। ରିପୋର୍ଟ ଅନୁଯାୟୀ, ଟ୍ରେନ୍ଟି ମଥୁରା ଜଙ୍କସନ୍ ନିକଟରେ ପହଞ୍ଚିବା ମାତ୍ରେ ଯାତ୍ରୀମାନେ ବି-୧ ଏବଂ ବି-୪ କୋଚ୍ରୁ ପ୍ରବଳ ଧୂଆଁ ବାହାରୁଥିବାର ଦେଖିଥିଲେ। କୋଚ୍ ଧୂଆଁରେ ପୂର୍ଣ୍ଣ ହୋଇଯାଇଥିଲା । ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଚଳନ୍ତା ଟ୍ରେନ୍‌ରେ ନିଆଁ ଲାଗିବା ଖବର ପ୍ରସାରିତ ହେବା ମାତ୍ରେ ଟ୍ରେନ୍ରୁ ଓହ୍ଲାଇ ଯାତ୍ରୀମାନେ ନିଜ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ିବାକୁ ଲାଗିଥିଲେ ।

## ନିଶାନ୍ତଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା

**ପାଟନା:** ବିହାର ରାଜନୀତିରେ ନୀତିଶ ଯୁଗର ଅନ୍ତ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୦ ରାଜ୍ୟସଭାକୁ ଯାଉଥିବା ବେଳେ ଆସନ୍ତା ସପ୍ତାହରେ ବିହାରକୁ ଏକ ନୂଆ ମୁଖ୍ୟମନ୍ତ୍ରୀ ମିଳିବା ଏକପ୍ରକାର ନିଶ୍ଚିତ ହୋଇଛି । ଶୁକ୍ରବାର ଶପଥ ଗ୍ରହଣ ପରେ ନୀତିଶ ପାଟନା ଫେରିବେ ଏବଂ ୧୩ ତାରିଖରେ କ୍ୟାବିନେଟ୍ ବୈଠକ ପରେ ୧୪ ତାରିଖରେ ନିଜ ପଦରୁ ଇସ୍ତଫା ଦେଇପାରନ୍ତି। ସମ୍ଭାବନା ରହିଛି ଯେ, ଆସନ୍ତା ୧୫ ତାରିଖରେ ପାଟନାର ଗାନ୍ଧୀ ମଇଦାନରେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ତେବେ ଏହି ନୂଆ ସରକାରରେ ନୀତିଶଙ୍କ ପୁଅ ନିଶାନ୍ତ କୁମାରଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ଜୋର ଧରିଛି ।

ରାଜ୍ୟ ବିଧାନସଭାରେ ସବୁଠାରୁ ବଡ଼ ଦଳ ଭାବେ ବିଜେପି ଏବେ ସରକାରର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛି । ମୁଖ୍ୟମନ୍ତ୍ରୀ ଦୌଡ଼ରେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନାଙ୍କ ନାମ ସବୁଠାରୁ ଆଗରେ ରହିଛି । ଏଥିସହ କେନ୍ଦ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ, ସଞ୍ଜୀବ ଚୌରାସିଆ, ନୀତିଶ ମିଶ୍ର, ଦିଲ୍ଲୀପ ଜୈସୱାଲ ଓ ବରିଷ୍ଠ ନେତା ରାମକୃପାଲ ଯାଦବଙ୍କ ନାମକୁ ନେଇ ମଧ୍ୟ ଦଳ ଭିତରେ ମାନସମନ୍ଥନ ଚାଲିଛି । ୧୪ ତାରିଖରେ ଏନଡିଏ ବିଧାୟକ ଦଳ ବୈଠକରେ ନୂଆ ନେତାଙ୍କ ନାମ ଉପରେ ଚୂଡ଼ାନ୍ତ ମୋହର ବାଜିବ ।

## ▸▸ ସିଆଇଆଇ ଜାତୀୟ ସମ୍ମିଳନୀ

# ଉତ୍ପାଦନ କ୍ଷେତ୍ର ଉପରେ ଆଲୋକପାତ



**କୋଲକାତା:** କୋଲକାତାରେ ଆଡଭାନ୍ସଡ ମାନୁଫ୍ୟାକ୍ଚରିଂ ଉପରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଉତ୍ପାଦନ କ୍ଷେତ୍ରର ଭବିଷ୍ୟତ ଉପରେ ଆଲୋକପାତ କରିଛି ।ଭାରତ କିଭଳି ଉତ୍ପାଦନ କ୍ଷେତ୍ରର ବିସ୍ତାର କରାଯାଇପାରିବ, ଇଣ୍ଡଷ୍ଟ୍ରୀ ୪.୦ ଟେକ୍ନୋଲୋଜିଗୁଡ଼ିକୁ ଗ୍ରହଣ କରିପାରିବ ଏବଂ ଆନ୍ତର୍ଜାତୀୟ ମୂଲ୍ୟ ଶୃଙ୍ଖଳାରେ ନିଜର ସ୍ଥିତି ସୁଦୃଢ଼ କରିପାରିବ ସେସମ୍ପର୍କରେ ଆଲୋଚନା କରିବା ପାଇଁ ଏହି ସମ୍ମିଳନୀରେ ଶିଳ୍ପର ବରିଷ୍ଠ ନେତୃବୃନ୍ଦ ଓ ନୀତିନିର୍ମାତାମାନେ ଏକତ୍ରିତ ହୋଇଥିଲେ । ୨୫ରୁ ଅଧିକ ଚିନ୍ତନକାରୀ ଓ ସିଇଓ ଆଡଭାନ୍ସଡ ମାନୁଫ୍ୟାକ୍ଚରିଂର ଭବିଷ୍ୟତ ଏବଂ ଭାରତରେ ଉତ୍ପାଦନ କ୍ଷେତ୍ରର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ସିଆଇଆଇ ପକ୍ଷରୁ "ଷ୍ଟ୍ରାଟେଜିକ ଇନସାଇଟସ ଅନ୍ ଆଡଭାନ୍ସଡ ମାନୁଫ୍ୟାକଚରିଂ- ଏ ସିଆଇଆଇ ଏମଏଫଏସ ରିପୋର୍ଟ' ଶୀର୍ଷକ ଏହାର ରିପୋର୍ଟ ଉନ୍ମୋଚନ କରାଯାଇଥିଲା । ଏଭଳି ଏକ ପରିବର୍ତ୍ତନର ମହତ୍ୱ ସମ୍ପର୍କରେ ଉଲ୍ଲେଖ କରି ପଶ୍ଚିମବଙ୍ଗ ସରକାରଙ୍କ ଡବ୍ଲ୍ୟୁଇବିଇଏଲର ଅଧ୍ୟକ୍ଷ ସୁତୀର୍ଥ ଭଟ୍ଟାଚାର୍ଯ୍ୟ କରିଛନ୍ତି, ଏଭଳି ସମ୍ମିଳନୀଗୁଡ଼ିକ ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ଅଟେ । ପାରମ୍ପରିକ ଉତ୍ପାଦନ ପ୍ରକ୍ରିୟା ସହ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକତ୍ରିକରଣ ଭାରତର ଅଭିବୃଦ୍ଧିକୁ ଆଗକୁ ବଢାଇବ । ଭାରତ ଅତୀତରେ ଅନେକ ମିଶନ ଲଂଚ କରିଥିବା ବେଳେ ବର୍ତ୍ତମାନ ଏକ "ଆଡଭାନ୍ସଡ ମାନୁଫ୍ୟାକ୍ଚରିଂ ମିଶନ'ର ଆରମ୍ଭ କରିବା ପାଇଁ ସମୟ ଆସିଛି ।

## ଇକୋନୋମିକ ଟାଇମ୍ସ ଆୱାର୍ଡ

# ମାୟାବିୟସ୍ ଗ୍ରୁପ ସମ୍ମାନିତ

**ମୁମ୍ବାଇ:** ଇକୋନୋମିକ ଟାଇମ୍ସ ଆଓ୍ୱାର୍ଡ ଫର ଡିଜାଇନ ଆଣ୍ଡ କ୍ରିଏଟିଭରେ ମାୟାବିୟସ ଗ୍ରୁପ ଡିଜାଇନ, କ୍ରିଏଟିଭିଟି, ଟେକ୍ନୋଲୋଜି ଓ ଆର୍ଟ ଅଫ୍ ଷ୍ଟୋରୀଟେଲିଂ କ୍ଷେତ୍ରରେ ନିଜର ଉତ୍କୃଷ୍ଟତା ପାଇଁ ଗୋଟିଏ ଗୋଲ୍ଡ ଓ ୩ଟି ବ୍ରୋଞ୍ଜ ମେଡାଲ ଜିତିଛି । ଏମଏନସି ନେଟ୍‌ଓ୍ୱର୍କ ଏଜେନ୍ସିଜ ଆଣ୍ଡ କ୍ଲାଏଂଟ ବ୍ୟତୀତ ମାୟାବିୟସ ଗ୍ରୁପ ହେଉଛି ଏହି ପ୍ରତିଷ୍ଠିତ ସମ୍ମାନ ଜିତିଥିବା ପୂର୍ବ ଭାରତର ଏକମାତ୍ର ଏଜେନ୍ସି । ବିଜ୍ଞାପନ ଶିଳ୍ପର ବିଶିଷ୍ଟ ବ୍ୟକ୍ତି ପ୍ରହ୍ଲାଦ କାକର ଏହାର ଜୁରୀ ପ୍ୟାନେଲର ଅଧ୍ୟକ୍ଷ ଥିବା ବେଳେ କ୍ରିଏଟିଭ, ଡିଜାଇନ ଓ ମାର୍କେଟିଂ କ୍ଷେତ୍ରରୁ ୨୩ ଜଣ ଦକ୍ଷ ପେସାଦାର ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ଥିଲେ ।ଏହି ସ୍ୱୀକୃତି ସମ୍ପର୍କରେ ମାୟାବିୟସ ଗ୍ରୁପର ପ୍ରତିଷ୍ଠାତା ଓ ସିଇଓ, ଅଖିଳ ବି ପଲ୍ କହିଛନ୍ତିଯେ, ଏହି ଆଓ୍ୱାର୍ଡଗୁଡ଼ିକ ଦୁଇ ଦଶନ୍ଧି ହେବ କାର୍ଯ୍ୟର ନିରନ୍ତରତା ଏବଂ କମ୍ୟୁନିକେଶନ ସହ ଟେକ୍ନୋଲୋଜିକୁ ଏକତ୍ରିତ କରିବା ଉପରେ ଆମର ମହତ୍ୱକୁ ପ୍ରତିଫଳନ କରୁଛି । ଏଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର କୋଣଅନୁକୋଣରୁ ସୃଜନଶୀଳତା କ୍ଷେତ୍ରର ସମ୍ମାନିତ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## କସ୍ମିକ୍ ସିମ୍ଫୋନୀ ପୁସ୍ତକର ଲୋକାର୍ପଣ



**ନୂଆଦିଲ୍ଲୀ:** ୱାର୍ଲଡ ଓଡ଼ିଶା ସୋସାଇଟି ଦ୍ୱାରା ହାଉଖାସ ଜଗନ୍ନାଥ ମନ୍ଦିର ପରିସରରେ ଲଣ୍ଡନରେ ରଞ୍ଜନ ଅବସ୍ଥାପିତ ଡ. ସ୍ମୃତି ରଞ୍ଜନ ନାୟକଙ୍କ ଲିଖିତ 'କସ୍ମିକ ସିମ୍ଫୋନୀ' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ହାର୍ଭାର୍ଡ ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଶିକ୍ଷାପ୍ରାପ୍ତ ମ୍ୟାନେଜମେଣ୍ଟ ବିଶେଷଜ୍ଞ ଡ. ସ୍ମୃତି ନାୟକଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନେ ରତ୍ନଶ୍ରୀ ପୁରସ୍କାର କରିଥିଲେ । ସୂଚନାଯୋଗ୍ୟ ଡ. ନାୟକ କଟକ ଜିଲ୍ଲା ଫତେପୁର ଖଣ୍ଡସାହି ନିବାସୀ ଶାନ୍ତିଲତା ନାୟକ ଓ ବୀରବର ନାୟକଙ୍କ ସୁପୁତ୍ର ଅଟନ୍ତି ଉତ୍ସବରେ ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ସ୍ୱାଗତ ଭାଷଣରେ କହିଥିଲେ ଲେଖକ ଡ. ସ୍ମୃତି ରଞ୍ଜନ ନାୟକଙ୍କ *କସ୍ମିକ ସିମ୍ଫୋନୀ' କେବଳ ନୁହେଁ, ଏହା ଜୀବନ ଲ ଏକ ମଧ୍ୟରେ ଓ ଏହାର ଚତୁପାର୍ଶ୍ୱରେ ରହସ୍ୟ ମଧ୍ୟକୁ ଯାତ୍ରା କରିବାର ମାଧ୍ୟମ । ଯେତେବେଳେ ପିଲାମାନେ ନିଜକୁ ଭଲ ଭାବରେ ଜାଣିପାରିବେ ସେତେବେଳେ ସାରା ପୃଥିବୀ ସେମାନଙ୍କ ପାଇଁ ଉନ୍ମୁକ୍ତ ହୋଇଯିବ। ଉତ୍ସବରେ ପ୍ରଖ୍ୟାତ ଚିତ୍ରଶିଳ୍ପୀ ପଦ୍ମବିଭୂଷଣ ଯତୀନ ଦାସ, ନୂଆଦିଲ୍ଲୀ ଅଞ୍ଚଳର ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ ଜେନେରାଲ ମ୍ୟାନେଜର ଦେବାଶିଷ ମିଶ୍ର, ସାହିତ୍ୟ ଆଜ୍‌କ୍ର ସମ୍ପାଦକ ଜୟପ୍ରକାଶ ପାଣ୍ଡେ, ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ଓଡ଼ିଶା ସୋସାଇଟି ଅଫ୍ ୟୁକେର ସାଧାରଣ ସମ୍ପାଦକ ସୁକାନ୍ତ ସାହୁ, ଉତ୍କଳିନୀର ସମ୍ପାଦିକା ଶୁଭ୍ରଲୀନା ମହାନ୍ତି, ବରିଷ୍ଠ ପ୍ରଶାସକ ଦେବାଶିଷ ଶତପଥୀ ଓ ସଂଜୀବ ପାଟଜୋଷୀ ପ୍ରମୁଖ ସେମାନଙ୍କର ଭାଷଣରେ ପିଲାମାନଙ୍କୁ ସେଲଫୋନ୍ ଓ ସାମାଜିକ ଗଣମାଧ୍ୟମର କୁପ୍ରଭାବରୁ ନିବୃତ୍ତ କରାଇବା ନେଇ ସଚେତନ ନାଗରିକମାନେ ଯତ୍ନବାନ ହେବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ନୀଳାଚଳ ସେବାସଙ୍ଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଓଡ଼ିଶା ଫୋରମର ସଭାପତି ଗୋକୁଳ ପଟ୍ଟନାୟକ, ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେସନର ସଭାନେତ୍ରୀ ଡ. ଅନୀତା ପଣ୍ଡା, ରୂପ ନାରାୟଣ ଦାସ, ପ୍ରିୟା ମିଶ୍ର, ଦ୍ୱାରକାନାଥ ଚୋପ୍ରା, ସୁଜାତା ସିବେନ, ବିନାୟକ ହୃଷିକେଶ ପାତ୍ର, ହୃଷିକେଶ ବେହେରା, ଅଶୋକ ପ୍ରଧାନ, ଡ. ପ୍ରକାଶ ଷଡ଼ଙ୍ଗୀ, ବିଷ୍ଣୁ ପ୍ରଧାନ ଓ ବାସୁଦେବ ଜେନା ପ୍ରମୁଖ ଥିଲେ ।

# ଅନ୍‌ଲାଇନ ଠକେଇ: ୧୨ କୋଟି ହରାଇଲେ ଡାକ୍ତର



**ପୁନେ:** ଲୋଭରୁ ମୃତ୍ୟୁ। ଏହି ଲୋକ କଥା ପୁଣି ସତ ହୋଇଛି। ଅନେକ ସଚେତନା ଓ ପ୍ରଚାର ସତ୍ତ୍ୱେ ଲୋଭର ବଶବର୍ତ୍ତୀ ହୋଇ ଲୋକମାନେ ଠକାମୀରେ ପଡୁଛନ୍ତି। ଏହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ପୁଣେରୁ ଆସିଛି। ଏଠାରେ ଜଣେ ୭୫ ବର୍ଷୀୟ ଡାକ୍ତର ନିଜ ଟଙ୍କାକୁ ଦୁଇ ଗୁଣ ବା ଡବଲ କରିବା ନିଶାରେ ସର୍ବସ୍ୱ ହରାଇଛନ୍ତି ।ସାଇବର ଠକମାନେ ତାଙ୍କ ଠାରୁ ୧୨.୩୧ କୋଟି ଟଙ୍କା ଠକି ନେଇଛନ୍ତି। ଷ୍ଟକ ମାର୍କେଟରେ ନିବେଶ କଲେ ୧୧ ଦିନରେ ଟଙ୍କା ଦୁଇ ଗୁଣ ହୋଇଯିବାର ଲୋଭ ଦେଖାଇ ସେମାନେ ଡାକ୍ତରଙ୍କୁ ଚୂନ ଲଗାଇ ଦେଇଛନ୍ତି। ସାଇବର ଠକମାନେ ବୟସ୍କ ଡାକ୍ତରଙ୍କ ସହ ଯୋଗାଯୋଗ କରି ଗୋଟିଏ ନିବେଶ ପ୍ଲାନ ଦେଇଥିଲେ। ସେମାନେ ଦେଇଥିବା ନିବେଶ ପ୍ଲାନରେ ଟଙ୍କା ଲଗାଇଲେ ୧୧ ଦିନରେ ତାଙ୍କୁ ୫୪ କୋଟି ଟଙ୍କା ମିଳିବ ବୋଲି କହିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ଅଧିକ ଲାଭ ପାଇବା ଆଶାରେ ଡାକ୍ତର ଜଣଙ୍କ ତାଙ୍କର ସବୁ ଟଙ୍କା ବେଶ କିଛି ସପ୍ତାହ ମଧ୍ୟରେ ସାଇବର ଠକମାନଙ୍କୁ ପାଖକୁ ପଠାଇ ଦେଇଥିଲେ ।ଠକେଇ ଚଳିତ ବର୍ଷ ଜାନୁଆରୀ ମାସରୁ ଆରମ୍ଭ ହୋଇଥିଲା। ପୀଡ଼ିତ ଡାକ୍ତର ଜଣଙ୍କ ଗୋଟିଏ ଅଜଣା ନମ୍ବରରୁ ପ୍ରଥମେ ଷ୍ଟକ ମାର୍କେଟ ନିବେଶ ଦ୍ୱାରା ଅଧିକ ଲାଭ ପାଇବା ସମ୍ପର୍କିତ ଗୋଟିଏ ମେସେଜ ପାଇଥିଲେ। ଏଥିରେ ଡାକ୍ତର ଜଣଙ୍କ ଆଗ୍ରହ ଦେଖାଇବାରୁ ସାଇବର ଠକମାନେ ତାଙ୍କୁ ଭିଆଇପି ଷ୍ଟକ ୨୪ ନାମକ ଗୋଟିଏ ହ୍ୱାଟସଆପ ଗ୍ରୁପରେ ଆଡ କରିଥିଲେ। ଏହି ଗ୍ରୁପରେ ଅଭିଯୁକ୍ତମାନେ ବିଭିନ୍ନ ନିବେଶ ଯୋଜନା ସମ୍ପର୍କରେ ତଥ୍ୟ ଦେଇଥିଲେ। ସବୁ ଯୋଜନା ଅତ୍ୟନ୍ତ ଆକର୍ଷଣୀୟ ଓ ଲାଭଜନକ ରହିଥିଲା। ସାଇବର ଠକମାନେ ଡାକ୍ତରଙ୍କୁ ବାରମ୍ବାର ସେମାନେ କହୁଥିବା ନିର୍ଦ୍ଦେଶକୁ ଅନୁପାଳନ କଲେ ୧୧ ଦିନରେ ତାଙ୍କ ଟଙ୍କା ଦୁଇ ଗୁଣ ହୋଇଯିବ ବୋଲି କହୁଥିଲେ ।ତାଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ଠକମାନେ ନକଲି ଟ୍ରେଡିଂ ଆପ୍ର ବ୍ୟବହାର କରିବା ସହ ପ୍ରତିଷ୍ଠ କମ୍ପାନୀର ନାଁ ସେଥିରେ ଉଲ୍ଲେଖ କରିଥିଲେ। ଡାକ୍ତରଙ୍କୁ ନିଜର ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟ ମାଗିଥିଲେ ।ଏଥିସହ ସେମାନେ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହିଥିଲେ। ଡାକ୍ତର ଜଣଙ୍କ ପଠାଉଥିବା ଟଙ୍କାକୁ ନକଲି ଆପ୍ରେ ପ୍ରଦର୍ଶିତ କରି ତାଙ୍କୁ ବିପୁଳ ଲାଭ ମିଳୁଥିବା ମଧ୍ୟ ସେମାନେ ଦର୍ଶାଉଥିଲେ। ଏହାକୁ ଦେଖି ଡାକ୍ତର ଜଣଙ୍କ ମଧ୍ୟ ଉତ୍ସାହିତ ହୋଇ ଉଠିଥିଲେ। ମାର୍ଚ୍ଚ ୭ରୁ ୧୮ ମଧ୍ୟରେ ଡାକ୍ତର ଜଣଙ୍କ ୮ ଥର ଟଙ୍କା ପଠାଇଛନ୍ତି। ମୋଟ ଉପରେ ସେ ୮ଟି ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୧୨.୩୧ କୋଟି ଟଙ୍କା ପଠାଇଥିବା ପୁଲିସ୍ କହିଛି। ପୁଲିସର କହିବା କଥା ଯେ ଡାକ୍ତର ଜଣଙ୍କ ପ୍ରଥମେ କିଛି ପରିମାଣର ନିବେଶ ପରେ ଆଉ ଟଙ୍କା ଦେବାକୁ ମନା କରି ଦେଇଥିଲେ। ହେଲେ ଅଭିଯୁକ୍ତମାନେ ତାଙ୍କୁ ସମ୍ପତ୍ତି ସିଜ୍ କରି ଦେବାକୁ ଧମକ ଦେଇ ଟଙ୍କା ନେଣଦେଣ କରିବାକୁ ବାଧ୍ୟ କରିଥିଲେ ।ସେ ମୋଟ ଅଙ୍କର ଟଙ୍କା ନିବେଶ କରିଥିଲେ ହେଁ ତାଙ୍କୁ କିଛି ବି ଲାଭ ମିଳି ନଥିଲା। ସାଇବର ଠକମାନେ ପୁଣି ଟଙ୍କା ମାଗିବାରୁ ସେ ବାଧ୍ୟ ହୋଇ ପୁଲିସ୍ର ଦ୍ୱାରସ୍ଥ ହୋଇଥିଲେ। ଏବେ ସାଇବର ପୁଲିସ୍ ପୂରା ଘଟଣାର ତଦନ୍ତ କରୁଛି ।

# କେକେଆର ହାତରୁ ମ୍ୟାଚ ଛଡାଇ ନେଲେ ମୁକୁଲ

କୋଲକାତା, ୯।୪(ଏଜେନ୍ସି): ଐତିହାସିକ ଇଡେନ ଗାର୍ଡେନରେ କୋଲକାତା ନାଇଟ ରାଇଡର୍ସଙ୍କୁ ଆଉ ଏକ ପରାଜୟର ସାମ୍ନା କରିବାକୁ ପଡିଛି। ଚଳିତ ଆଇପିଏଲ୍ ସଂସ୍କରଣର ପ୍ରଥମ ବିଜୟ ସନ୍ଧାନରେ ଥିବା କୋଲକାତାକୁ ପୁଣି ଅପେକ୍ଷା କରିବାକୁ ପଡିବ। ଏହି ମ୍ୟାଚରେ ହୀରୋ ସାଜିଛନ୍ତି ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ମୁକୁଲ ଚୌଧୁରୀ। ମ୍ୟାଚର ଶେଷ ଭାଗରେ ମୁକୁଲ ୨୭ ବଲରୁ ୭ଟି ଛକା ଓ ଦୁଇଟି ଚୌକା ସହାୟତାରେ ଅପରାଜିତ ୫୪ ରନ କରି କେକେଆର ହାତରୁ ମ୍ୟାଚ ଛଡାଇ ଆଣିଛନ୍ତି। ଲକ୍ଷ୍ନୌ ୩ ମ୍ୟାଚରୁ ୪ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚରେ କେକେଆର୍ ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନ୍ କରିଥିଲା। ଜବାବରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ୨୦ ଓଭରରେ ୧୮୨/୭ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା।

ଟସ୍ ଜିତି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ କୋଲକାତା ନାଇଟରାଇଡର୍ସଙ୍କୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ସହ ଫିନ୍ ଆଲିନ ପାଳି ଆରମ୍ଭ କରିଥିଲେ। ଆଲିନ ବ୍ୟକ୍ତିଗତ ୯ ରନ କରି ପାଭିଲିୟନ୍ ଫେରିଥିବା ବେଳେ ରାହାଣେ ୨୪ ବଲରୁ ୪ଟି ଚୌକା ଓ ୨ଟି ଛକା ସହାୟତାରେ ୪୧ ରନର ଇନିଂସ ଖେଳିଥିଲେ। ମାତ୍ର ୯ ରନ୍ ପାଇଁ ସେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ସାମିଙ୍କ ବଲକୁ ମିଡଅନ୍ ଅଞ୍ଚଳକୁ ଖେଳିବାକୁ ଯାଇ ୩୦ ଗଜ ମଧ୍ୟରେ ରଥିଙ୍କ ହାତରେ ଧରାପଡିଥିଲେ। ଅଙ୍ଗକ୍ରିସ ରଘୁବଂଶୀ ୩୩ ବଲରୁ ୪୫ ଓ ରିଙ୍କୁ ସିଂ ୭ ବଲରୁ ୪ ରନ୍ କରି ଆଉଟ୍ ହୋଇଥିଲେ। କାମେରନ୍ ଗ୍ରୀନ ୨୪ ବଲରୁ ଅପରାଜିତ ୩୨ ଓ ରେଭୋମ୍ୟାନ ପାୱେଲ ୨୪ ବଲରୁ ଅପରାଜିତ ୩୯ ରନ୍ କରିବାରୁ କୋଲକାତା ୨୦ ଓଭରରେ ୪ ୱିକେଟ୍ ହରାଇ ୧୮୧ ରନର ଚ୍ୟାଲେଞ୍ଜିଂ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ବୋଲିଂରେ ଲକ୍ଷ୍ନୌର ପ୍ରିନ୍ସ ଯାଦବ, ମଣିମାରନ ସିଦ୍ଧାର୍ଥ, ଦିଗବେସ ରଥୀ ଓ ଆଭେସ ଖାନ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ।

୧୮୨ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲା। ଓପନର ମିଚେଲ ମାର୍ସ ୧୫, ଆଦିନ ମାକ୍ରାମ୍ ୨୨, ଅଧିନାୟକ ରିଷଭ ପନ୍ତ ୧୦, ଆୟୁଷ ବଦୋନୀ ୫୪, ନିକୋଲାସ ପୁରଣ ୧୩ ରନ, ଅବଦୁଲ ସମଦ ଦୁଇ ରନ୍ କରିଥିଲେ। ଶେଷ ଭାଗରେ ମୁକୁଲ ଚୌଧୁରୀ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳି କେକେଆର ହାତରୁ ମ୍ୟାଚ ଛଡାଇ ଆଣିଥିଲେ। ଏକଦା ଲକ୍ଷ୍ନୌ ଇଡେନରେ ବିଜୟଠାରୁ ବହୁ ପଛରେ ରହିଯାଇଥିଲା। କିନ୍ତୁ ମୁକୁଲ ଚୌଧୁରୀ ପଡିଆକୁ ଆସିବା ପରେ ମ୍ୟାଚର ମୋଡ ବଦଳାଇ ଦେଇଥିଲେ। ସେ ୨୭ ବଲର ସାମ୍ନା କରି ୨ଟି ଚୌକା ଓ ୭ଟି ବିଶାଳ ଛକା ମାରି ୫୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହି ଇନିଂସ ବଳରେ ଲକ୍ଷ୍ନୌ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଚଳିତ ସଂସ୍କରଣରେ ଏହା ଲକ୍ଷ୍ନୌର ଦ୍ୱିତୀୟ ବିଜୟ। ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ୪ ମ୍ୟାଚରୁ ୧ ପଏଣ୍ଟ ସହ କୋଲକାତା ନବମ ସ୍ଥାନକୁ ଖସିଛି।



## ଆଜିର ମ୍ୟାଚ

- ରାଜସ୍ଥାନ-ବେଙ୍ଗାଲୁରୁ
- ସ୍ଥାନ - ଗୌହାଟୀ
- ସମୟ- ସନ୍ଧ୍ୟା ୭ଟା ୩୦
- ପ୍ରସାରଣ : ଷ୍ଟାର ନେଟୱାର୍କ

# ୫ ବଲରେ ୫ ୱିକେଟ୍



ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଟି-୨୦ କ୍ରିକେଟ୍‌ରେ ଜଣେ ବୋଲର ସର୍ବାଧିକ ୬ରୁ ୭ ୱିକେଟ୍ ନେଇଥିବା ଦେଖିବାକୁ ମିଳିଛି। କିନ୍ତୁ ବୋଟସ ୱାନରେ ଖେଳାଯାଉଥିବା ବିସିଏ କାଲାହାରୀ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଏକ ଚକିତ କଲା ଭଳି ମୁକାବିଲା ଦେଖିବାକୁ ମିଳିଛି। ଏହି ମ୍ୟାଚରେ ଗୋଟିଏ ଦଳ ମାତ୍ର ୧୩ ରନରେ ଅଲଆଉଟ୍ ହୋଇଥିଲା। ୨୧ ବର୍ଷିଆ ବୋଲର ଲୌରା ୯ ଜଣ ବ୍ୟାଟରଙ୍କୁ ଆଉଟ୍ କରି କ୍ରିକେଟ୍ ଦୁନିଆରେ ଚହଳ ପକାଇଛନ୍ତି। ଏହି ବୋଲର ୫ ବଲରେ ଲଗାତାର ୫ଟି ୱିକେଟ୍ ନେଇଥିଲେ। ଯାହା କ୍ରିକେଟ ଜଗତରେ ବୋଧେ ହୁଏ କେବେ ଏମିତି ଦେଖିବାକୁ ମିଳିନଥିଲା। ବିସିଏ କାଲାହାରି ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ବ୍ରାଜିଲ ଓ ଲେସୋଥୋ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏହି ମ୍ୟାଚରେ ଦ୍ରୁତ ବୋଲର ଲୌରା ବିରଳ ସଫଳତା ହାସଲ କରିଥିଲେ। ଇତିହାସରେ କୌଣସି ବୋଲର ୯ ୱିକେଟ୍ ନେଇନାହାନ୍ତି। ପୂର୍ବରୁ ପୁରୁଷ ଟି-୨୦ ଅନ୍ତର୍ଜାତୀୟ ଭୁଟାନର ବୋଲର ସୋନମ ୟେସେ ୮ ୱିକେଟ୍ ନେଇଥିଲେ। ମହିଳା ଟି-୨୦ କ୍ରିକେଟରେ ଇଣ୍ଡୋନେସିଆର ରୋହମାନିଆ ୭ ୱିକେଟ୍ ନେଇ ରେକର୍ଡ କରିଥିଲେ। ୫ ଲୌରା ଉଭୟଙ୍କୁ ପଛରେ ପକାଇ ଦେଇଛନ୍ତି। ଲୌରା କାର୍ଡୋସୋ ନିଜ ଓଭରର ପ୍ରଥମ ଦୁଇଟି ବଲରେ ଦୁଇ ୱିକେଟ୍ ନେଇଥିଲେ। ଲଗାତାର ୫ଟି ବଲରେ ୫ଟି ୱିକେଟ୍ ତଥା ଦ୍ୱିତୀୟ ଓଭରରେ ୯ ୱିକେଟ୍ ନେଇଥିଲେ। ଲୌରା ବ୍ରାଜିଲ ପାଇଁ ଟି-୨୦ରେ ହ୍ୟାଟ୍ରିକ୍ ୱିକେଟ୍ ନେବାର ପ୍ରଥମ ଖେଳାଳି ହୋଇଥିଲେ। ବର୍ତ୍ତମାନ ଗୋଟିଏ ଇନିଂସରେ ୯ ୱିକେଟ୍ ନେଇ ସେ ବିଶ୍ୱ କ୍ରିକେଟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି।

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଏଥର ୧୨ ଦଳ

ନୂଆଦିଲ୍ଲୀ, ୯।୪(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଆଇସିସି ବଡ ପରିବର୍ତ୍ତନ କରିବାକୁ ଯାଉଛି। ରିପୋର୍ଟ ମୁତାବକ ଆଇସିସି ଅଧକ୍ଷ ଜୟ ଶାହା ବଡ଼ ପଦକ୍ଷେପ ଗ୍ରହଣ କରିବେ। ଡବ୍ଲ୍ୟୁଟିସିର ପରବର୍ତ୍ତୀ ସଂସ୍କରଣ ୨୦୨୭ରୁ ଆରମ୍ଭ ହେବ। ଏଥରେ ୧୨ଟି ଦଳ ଖେଳିବେ। ଏବେ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଜିମ୍ବାୱେ, ଆୟଲାଣ୍ଡ ଓ ଆଫଗାନିସ୍ତାନକୁ ଆଇସିସି ସାମିଲ କରିବାକୁ ଯାଉଛି। ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ, ଦ.ଆଫ୍ରିକା, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ବାଂଲାଦେଶ ଓ ଶ୍ରୀଲଙ୍କା ଡବ୍ଲ୍ୟୁଟିସିରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଚାମ୍ପିଅନସିପରେ ପ୍ରତ୍ୟେକ ଦଳ ସେମାନଙ୍କ ପସନ୍ଦର ୬ଟି ଦଳ ସହିତ ଘରୋଇ ଓ ବିଦେଶ ଶୃଙ୍ଖଳା ଖେଳିବେ। ନୂଆ ଟିମ୍ ସାମିଲ ହେବାପରେ କେଉଁ ପରିବର୍ତ୍ତନ କରାଯିବ ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଭାରତ ଦୁଇଥର ଏହି ଚାମ୍ପିଅନସିପର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଟାଇଟଲ ଜିତିବାକୁ ସକ୍ଷମ ହୋଇନାହିଁ।

### ◈ ବିଶ୍ୱ ସ୍କୁଲ ଚେସ ଚାମ୍ପିଅନସିପ

# ଉଜବେକିସ୍ତାନକୁ ଧରାଶାୟୀ କଲା ଭାରତ

## ପୁଣି କିସ୍ ଛାତ୍ରୀଙ୍କ ଜମାଣିଆ ପ୍ରଦର୍ଶନ

ଭୁବନେଶ୍ୱର, ୯।୪(ସବ୍ୟୁ): ବିଶ୍ୱ ସ୍କୁଲ ଚେସ୍ ଚାମ୍ପିଅନସିପରେ ଭାରତୀୟ ବାଳିକା ଦଳର ଜୟଯାତ୍ରା ଜାରି ରହିଛି। କାଜାଖସ୍ତାନର ଅଲମାଟିରେ ଚାଲିଥିବା ଏହି ପ୍ରତିଯୋଗିତାର ପଞ୍ଚମ ରାଉଣ୍ଡ ମୁକାବିଲାରେ ଭାରତୀୟ ୧୪ ବର୍ଷରୁ କମ ବାଳିକା ଦଳ ୩-୧ ବ୍ୟବଧାନରେ ଉଜବେକିସ୍ତାନକୁ ପରାଜିତ କରିଥିଲା। ଭାରତୀୟ ଦଳରେ କିସ୍‌ର ୪ ଜଣ ଝିଅ ସାମିଲ ଅଛନ୍ତି। ବିଶ୍ୱସ୍ତରରେ ଏମାନଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ବିଜୟ ସହ ଭାରତ ଷଷ୍ଠ ରାଉଣ୍ଡରେ କେଜିଜେଡ ସ୍କୁଲକୁ ଭେଟିବ। କିସ୍‌ର ମୋହିନୀ ନାୟକ, ମୋନାଲିସ ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ ଅଛନ୍ତି। ଏହି ପ୍ରଦର୍ଶନ ପାଇଁ ପ୍ରଫେସର ଅଚ୍ୟୁତ ସାମନ୍ତ କିସ୍‌ର ୪ ଜଣ ଛାତ୍ରୀ ତଥା ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ବାଂଲାଦେଶରେ ଖେଳିବ ଟିମ୍ ଇଣ୍ଡିଆ !




ନୂଆଦିଲ୍ଲୀ, ୯।୪(ଏଜେନ୍ସି): ଭାରତ ସହ ବାଂଲାଦେଶର ସମ୍ପର୍କ ଭଲ ହେବାରେ ଲାଗିଛି। ଏହି ସମ୍ପର୍କକୁ ଆହୁରି ସୁଦୃଢ଼ କରିବ କ୍ରିକେଟ। ବାଂଲାଦେଶ କ୍ରିକେଟ ବୋର୍ଡ ମଧ୍ୟ ଏନେଇ ପ୍ରତିକ୍ରିୟା ରଖିଛି। ଦଳର ପୂର୍ବତନ ଅଧିନାୟକ ତମିମ ଇକବାଲ ବାଂଲାଦେଶ କ୍ରିକେଟର ଅନ୍ତରୀଣ ଅଧକ୍ଷ ହେଲା ପରେ ଦୁଇ ଦେଶ ମଧ୍ୟରେ ସୁଧାର ଆସିବ ବୋଲି ଅନୁମାନ କରାଯାଉଛି।

ପଡୋଶୀ ଦେଶର କ୍ରିକେଟ୍ ବୋର୍ଡ ଏବଂ ଭେଟେରାନ ମାନେ ଭାରତକୁ ବାଂଲାଦେଶ ଆସି ଦ୍ୱିପାକ୍ଷିକ ଶୃଙ୍ଖଳା ଖେଳିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହାସହ ବାଂଲାଦେଶ ମଧ୍ୟ ଭାରତ ଆସି ଶୃଙ୍ଖଳା ଖେଳିବାକୁ ରାଜି ଅଛି। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଥିବା ତିକ୍ତତା ଦୂର ହେବ। ଅନ୍ୟ ଦିଗରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପାଇଁ ଭାରତ ଯେମିତି ହେଲେ ବାଂଲଦେଶ ଗସ୍ତ କରିବ। ବାଂଲା ସରକାର ପରିବର୍ତ୍ତନ ହେଲା ପରେ ସମ୍ପର୍କରେ ଧିରେ ଧିରେ ସୁଧାର ଆସିଛି।

ଦୁଇ ଦେଶ ମଧ୍ୟରେ ଗତ ଟି-୨୦ ବିଶ୍ୱକପ ସମ୍ପର୍କରେ ତିକ୍ତତା ଆସିଥିଲା। ଭାରତରେ ଆସି ବିଶ୍ୱକପ ଖେଳିବନି ବୋଲି ବାଂଲା ବୋର୍ଡ ମନା କରିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ଏହି ନିଷ୍ପତ୍ତି ନିଆଯାଇଥିଲା। ଫଳରେ ବାଂଲା ବଦଳରେ ସ୍କଟଲାଣ୍ଡକୁ ବିଶ୍ୱକପରେ ସାମିଲ କରାଯାଇଥିଲା। ଆଗାମୀ ୩ ମାସ ମଧ୍ୟରେ ବାଂଲାଦେଶ କ୍ରିକେଟ ବୋର୍ଡ ନିର୍ବାଚନ ହେବ। ଏଥିପାଇଁ ୧୧ ଜଣ ସଦସ୍ୟ ବିଶିଷ୍ଟ ଆଡହକ କମିଟିକୁ ଦାୟିତ୍ୱ ଦିଆଯାଇଛି। ବିବାଦୀୟ ବୋର୍ଡ ସଭାପତି ଅମିନୁଲ ଇସ୍ଲାମକୁ ବିତାଡିତ କରାଯିବା ପରେ ପଡୋଶୀ ଦେଶର କ୍ରିକେଟ୍‌ରେ ସୁଧାର ଆଣିବା ପାଇଁ ପ୍ରୟାସ ହୋଇଛି।

# ଆଇପିଏଲ୍‌ରେ ଲାଗୁ ହେଲା କଡା ନିୟମ

ନୂଆଦିଲ୍ଲୀ, ୯।୪(ଏଜେନ୍ସି): ବିସିସିଆଇ ନିରପେକ୍ଷ ଓ ଶୃଙ୍ଖଳିତ ମ୍ୟାଚ ପାଇଁ ନୂଆ ନିୟମ ଲାଗୁ କରିଥିଲା। ପୁନର୍ବାର ଆଉ ଏକ କଡ଼ ନିୟମ ବିସିସିଆଇ ଜାରି କରିଛି। ମ୍ୟାଚ ସମୟରେ ଖେଳାଳିମାନେ ପଡିଆ ନିକଟରେ ବୁଲାବୁଲି କରିପାରିବେ ନାହିଁ। ୧୬ ଜଣ ଖେଳାଳିଙ୍କୁ କେତେକ ଜରୁରୀ କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯିବ। ଅନ୍ୟମାନେ ଡଗ ଆଉଟ୍‌ରେ ବସିବାକୁ ବାଧ୍ୟ। ପୂର୍ବରୁ ରିଜର୍ଭ ଖେଳାଳି ପଡ଼ିଆକୁ ଡ୍ରିଙ୍କ୍ସ, ବ୍ୟାଟ କିମ୍ବା ଅନ୍ୟ ସମୟରେ ଆସୁଥିଲେ। ଏବେ କେବଳ ରିଜର୍ଭ ଖେଳାଳିଙ୍କୁ ଅନୁମତି ମିଳିବ। ବାଉଣ୍ଡାରୀ ରୋପ୍ ନିକଟରେ ସର୍ବାଧିକ ୫ ଜଣ ଖେଳାଳି ରହିପାରିବେ। ଗୋଟିଏ ଦଳରେ ସର୍ବାଧିକ ୨୫ ଜଣ ଖେଳାଳି ରହିଥାନ୍ତି। ସେମାନଙ୍କ ମଧ୍ୟରୁ ମ୍ୟାଚ ସିଟ୍‌ରେ ୧୬ ଜଣଙ୍କର ନାମ ପ୍ରଦାନ କରାଇଥାଏ। ବିସିସିଆଇ ସମ୍ପର୍କରେ ଅବଗତ କରାଦେଇଛି। ଏଥିରେ ବ୍ୟତିକ୍ରମ ଦେଖାଦେଲେ କାର୍ଯ୍ୟାନୁଷ୍ଠାନ ହେବ।




# ସମ୍ରାଟ ପ୍ରିମିୟର ଲିଗ୍: ଷ୍ଟ୍ରାଇକର୍ସ ଚାମ୍ପିଅନ



ଭୁବନେଶ୍ୱର, ୯।୪(ସବ୍ୟୁ): ସ୍ଥାନୀୟ ୟୁନିଟ୍-୬ ସ୍ଥିତ ସମାଟ୍ର କ୍ଲବ ଆନୁକୂଲ୍ୟରେ ସମ୍ରାଟ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଦିବାରାତ୍ର ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ରୟାଲ୍ସ ଷ୍ଟ୍ରାଇକର୍ସ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟସ ଜିତି ରୟାଲ୍ ୱାରିୟର୍ସ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଆରମ୍ଭରୁ ରୟାଲ ଷ୍ଟ୍ରାଇକର୍ସ ଦଳର ବୋଲର ଦମଦାର ବୋଲିଂ କରି ବିପକ୍ଷ ଦଳକୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ। ୱାରିୟର୍ସ ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ୍ ହରାଇ ୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଷ୍ଟ୍ରାଇକର୍ସ ୨.୩ ଓଭରରେ କୌଣସି ୱିକେଟ୍ ନହରାଇ ବିଜୟଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ବିଜୟ ଦଳର ଓପନର ବ୍ୟାଟର ଚିନା ଓ ବବଲୁ ଦଳକୁ ବିଜୟୀ କରିଥିଲେ। ଚାମ୍ପିଅନ ଦଳ ଷ୍ଟ୍ରାଇକର୍ସଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରୟାଲ୍ସ ୱାରିୟର୍ସ ଦଳକୁ ରନର୍ସ ଅପ୍ ଟ୍ରଫି ମିଳିଥିଲା। ଡି ଚିନାରାଓଙ୍କୁ ମ୍ୟାନ ଅଫ୍ ଦ ସିରିଜ୍, ସୌମ୍ୟ ରଞ୍ଜନ ବେହେରା ମ୍ୟାନ ଅଫ୍ ଦ ମ୍ୟାଚ, ଶ୍ରେଷ୍ଠ ବ୍ୟାଟର ଭାବେ ବିନାୟକ ପାଣିଗ୍ରାହୀ, ଶ୍ରେଷ୍ଠ ବୋଲର ଭାବେ ସୌମ୍ୟ ରଞ୍ଜନ ରଣା ଏବଂ ଶ୍ରେଷ୍ଠ ଫିଲ୍ଡର ଭାବେ ଦେବାଶିଷ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଏସିଆନ୍ ବକ୍ସିଂ ଚାମ୍ପିଅନସିପ

# ୪ ସ୍ୱର୍ଣ୍ଣ ସହ ପଦକ ତାଲିକା ଶୀର୍ଷରେ ଭାରତୀୟ ମହିଳା ବକ୍ସର

ଉଲାନବାଟର, ୯।୪(ଏଜେନ୍ସି): ଉଲାନବାଟରରେ ଚାଲିଥିବା ଏସିଅନ୍ ବକ୍ସିଂ ଚାମ୍ପିଅନସିପରେ ଭାରତୀୟ ମହିଳା ଦଳ ଐତିହାସିକ ପ୍ରଦର୍ଶନ ଦେଖାଇଛି। ୧୦ ପଦକ ଜିତି ପଦକ ତାଲିକାରେ ଭାରତୀୟ ମହିଳା ଦଳ ଶୀର୍ଷରେ ରହିଛି। ୪ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ଜିତିଛନ୍ତି ଭାରତୀୟ ମହିଳା। ମୁଖ୍ୟ କୋଚ୍ ସାଣ୍ଟିଆଗୋ ନିଏଭା ଭାରତୀୟ ଦଳର ସମସ୍ତ ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି। ଦଳର ସମସ୍ତ ପଦକ ସହ ଘରକୁ ଫେରିବା ବଡ଼ ସଫଳତା ବୋଲି ସେ କହିଛନ୍ତି। ବକ୍ସିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ସଭାପତି ଅଜୟ ସିଂ ଅଜୟ ସିଂ ପଦକ ଲଢ଼େଇରେ ନିଜେ ଉପସ୍ଥିତ ଥିଲେ। ୪୮ କିଲୋଗ୍ରାମ ବର୍ଗରେ ମୀନାକ୍ଷୀ ୫-୦ ବ୍ୟବଧାନରେ ମଙ୍ଗୋଲିଆର ନୋମୁଣ୍ଡାରୀ ଏନଖା ଆମଗାଲାନଙ୍କୁ ପରାଜିତ କରି ସ୍ୱର୍ଣ୍ଣ ଜିତିଥିଲେ। ୫୪ କିଲୋଗ୍ରାମ ବର୍ଗରେ ପ୍ରୀତି ଚାଇନିଜ ତାଇପେଇର ୱାଙ୍ଗସିଆଓ (୩ଥର ବିଶ୍ୱଚାମ୍ପିଅନ ତଥା ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ)ଙ୍କୁ ୫-୦ ବ୍ୟବଧାନରେ ପରାଜିତ କରି ସ୍ୱର୍ଣ୍ଣ ଜିତିଛନ୍ତି। ୬୦ କିଲୋଗ୍ରାମ ବର୍ଗରେ ପ୍ରିୟା ସ୍ୱର୍ଣ୍ଣ ଜିତିଛନ୍ତି। ସେ ୩-୦ ବ୍ୟବଧାନରେ ଦକ୍ଷିଣ କୋରିଆର ଓନ ୟୁନ ୟଙ୍ଗ'ଙ୍କୁ ଫାଇନାଲରେ ପରାଜିତ କରିଥିଲେ। ୭୦ କିଲୋଗ୍ରାମର ଅରୁଣ ଧୋତୀ ୪-୧ ବ୍ୟବଧାନରେ କାଜାଖସ୍ତାନର ବାକ୍ତି ସିଡେସଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ୫୭ କିଲୋଗ୍ରାମ ବର୍ଗରେ ଜାସ୍ମିନ ଏବଂ ୮୦ କିଲୋରୁ ଉର୍ଦ୍ଧ୍ୱ ବର୍ଗରେ ଆଲଫିଆନ୍ ପଠାନ ଫାଇନାଲରେ ପରାଜିତ ହୋଇ ରୌପ୍ୟ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ମୋଟ୍ ୧୬ଟି ପଦକ ଜିତିଛି। ଶୁକ୍ରବାର ଭାରତର ଅଭିଯାନ ଶେଷ ହେବ। ପୁରୁଷ ବର୍ଗରେ ଆଉ ଦୁଇଟି ପଦକ ନିଶ୍ଚିତ ହୋଇଛି।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୫ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୫ରେ ଯୋଗାଯୋଗ କରନ୍ତୁ।

### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍

# ରବିବାର ପାରାମାଉଣ୍ଟ-କ୍ଲବ ଦି ରେଡ ଷ୍ଟାର ଫାଇନାଲ



ଭୁବନେଶ୍ୱର, ୯।୪(ସବ୍ୟୁ): ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଦିନ ବର୍ଷା ବାଧକ ହୋଇଥିବା ପ୍ରଥମ ସେମିଫାଇନାଲ ଆଜି ଗୁରୁବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଗ୍ରୀନସ କ୍ରିକେଟ ଏକାଡେମୀ ଦଳ ଟସରେ ବିଜୟ ଲାଭ କରି ପ୍ରଥମେ ଫିଲ୍ଡିଙ୍ଗ କରିବାର ନିଷ୍ପତି ନେଇଥିଲେ, କ୍ଲବ୍ ଦି ରେଡ ଷ୍ଟାର ଦଳ ନିର୍ଦ୍ଧାରିତ ୩୦ ଓଭର ରେ ୮ ଗୋଟି ୱିକେଟ ହରାଇ ୨୧୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପ୍ରାନ୍ତିକ ନାୟକ ୫୧ ବଲରୁ ୫୭ ରନ, ମିଧାଂଶୁ ଦାସ ୪୪ ବଲରୁ ୪୬ ରନ ସଂଗ୍ରହ କରିଥିଲେ। ଅପର ପକ୍ଷର ବୋଲର ଅଭିଷେକ ସେନାପତି ୩ ଗୋଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଗ୍ରୀନସ କ୍ରିକେଟ ଏକାଡେମୀ ଦଳ ୨୭.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲେ, ଦଳ ପକ୍ଷରୁ ଶୁଭଙ୍କର ମଲ୍ଲିକ ୩୦ବଲରୁ ୨୪ ରନ ସଂଗ୍ରହ କରିଥିଲେ, ଅପର ପକ୍ଷର ମିଧାଂଶୁ ଦାସ ଓ ମୃତ୍ୟୁଞ୍ଜୟ ଦାସ ୩ ଗୋଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ମିଧାଂଶୁ ଦାସ ଙ୍କୁ ଶ୍ରେଷ୍ଠ ଖେଳାଳୀ ବିବେଚିତ କରାଯାଇଥିଲା। କ୍ଲବ ଦି ରେଡ ଷ୍ଟାର ୧୦୩ ରନରେ ବିଜୟ ଲାଭ କରି ଫାଇନାଲ କୁ ଉତ୍ତୀର୍ଣ୍ଣ। ରବିବାର ପୂର୍ବାହ୍ନ ୯ ଘଟିକା ସମୟରେ ପାରାମାଉଣ୍ଟ ସ୍ପୋର୍ଟିଂ ବନାମ କ୍ଲବ୍ ଦି ରେଡ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଅତିଥି ଭାବରେ ରଣଜୀ ଖେଳାଳି, ଶୁଭ୍ରାଂଶୁ ସେନାପତି ଓ ରଣଜୀ ଖେଳାଳି, ଦେବବ୍ରତ ପ୍ରଧାନ ଓ ତପନ କୁମାର ପାଢ଼ୀ ( ଜାମାତା, ସ୍ୱର୍ଗତ ପଣ୍ଡିତ ରାମକୃଷ୍ଣ ମହାପାତ୍ର ) ଯୋଗଦାନ ଦେଇଥିଲେ।

ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହ - ସମ୍ପାଦକ ଦୀପ୍ତି ରଞ୍ଜନ ପଣ୍ଡା, ସୂର୍ଯ୍ୟ ତ୍ରିପାଠୀ, ବିନୋଦ ବାରିକ ଉପସ୍ଥିତ ଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/apps/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି